NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
21 MAY 2026
ଗୁରୁବାର
୨୧ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 11 • ISSUE 362 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୧ • ସଂଖ୍ୟା ୩୬୨ | ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

**ଯୁକ୍ତ ଦୁଇ ରେଜଲ୍ଟ**

## ୮୫.୮୫% ପାସ୍

**ବିଜ୍ଞାନରେ ବାଲେଶ୍ୱର, କଳାରେ ସମ୍ବଲପୁର, ବାଣିଜ୍ୟରେ ବୌଦ୍ଧ, ଧନ୍ଦାମୂଳକ ଶିକ୍ଷାରେ ନବରଙ୍ଗପୁର ଜିଲ୍ଲା ଆଗରେ**



**ଭୁବନେଶ୍ୱର,୨୦।୫/ଏନ୍‌ଏନ୍‌ଏସ୍:**

| ପାସ୍ ହାର | |
|---|---|
| ବିଜ୍ଞାନ | ୮୮.୮୨% |
| କଳା | ୮୪.୫୦% |
| ବାଣିଜ୍ୟ | ୮୮.୦୭% |
| ଧନ୍ଦାମୂଳକ ଶିକ୍ଷା | ୭୭.୬୨% |

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି । ୪ଟି ଷ୍ଟ୍ରିମ୍ ଯଥା ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ପରୀକ୍ଷା ଫଳ ଏକ ସମୟରେ ପ୍ରକାଶ ପାଇଛି । ଉଭୟ ରେଗୁଲାର ଓ ଏକ୍ସରେଗୁଲାର ବର୍ଗରେ ମୋଟ୍ ୩ ଲକ୍ଷ ୯୮ ହଜାର ୯୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୩ ଲକ୍ଷ ୪୧ ହଜାର ୭୮୧ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି । କଳାରେ ୨ ଲକ୍ଷ ୧୪ ହଜାର ୭୩୮ ଜଣ ପିଲା ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବିଜ୍ଞାନରେ ୧ ଲକ୍ଷ ୧୧ ହଜାର ୪, ବାଣିଜ୍ୟରେ ୨୧ ହଜାର ୩୯୩ ଓ ଧନ୍ଦାମୂଳକ ଶିକ୍ଷାରେ ୪ ହଜାର ୫୪୬ ଜଣ ପିଲା ଉତ୍ତୀର୍ଣ୍ଣ ହୋଇଛନ୍ତି । ଚଳିତ ବର୍ଷ ସମୁଦାୟ ପାସ୍ ହାର ୮୫.୮୫ ପ୍ରତିଶତ ରହିଛି । ସେହିପରି ବିଜ୍ଞାନରେ ପାସ୍ ହାର ୮୮.୮୨ ପ୍ରତିଶତ, କଳାରେ ପାସ୍ ହାର ୮୪.୫୦ପ୍ରତିଶତ, ବାଣିଜ୍ୟରେ ପାସ୍ ହାର ୮୮.୦୭ ପ୍ରତିଶତ ଓ ଧନ୍ଦାମୂଳକ ଶିକ୍ଷାରେ ୭୭.୬୨ପ୍ରତିଶତ ରହିଛି । ଅନ୍ୟପକ୍ଷରେ ଚଳିତବର୍ଷ ଯେତେ ପରୀକ୍ଷାର୍ଥୀ ପାସ୍ କରିଛନ୍ତି ସେମାନଙ୍କ ମଧ୍ୟରୁ ୬୨୮୪ ଜଣ ପରୀକ୍ଷାର୍ଥୀ ୯୦%ରୁ ଅଧିକ ମାର୍କ ହାସଲ କରିଛନ୍ତି । ତେବେ ଜିଲ୍ଲାୱାରୀ ସର୍ବାଧିକ ଏବଂ ସର୍ବନିମ୍ନ ତାଲିକାରେ ବିଜ୍ଞାନରେ ବାଲେଶ୍ୱର ଜିଲ୍ଲାର ପାସ୍ ହାର ସର୍ବାଧିକ୯୬.୬୩ % ରହିଥିବା ବେଳେ କୋରାପୁଟ ଜିଲ୍ଲାରେ ପାସ୍‌ହାର ସର୍ବନିମ୍ନ ୭୭.୧୪ % ରହିଛି । ସେହିପରି କଳାରେ ସମ୍ବଲପୁର ଜିଲ୍ଲାର ପାସ୍ ହାର ସର୍ବାଧିକ ୮୯.୪୮ % ରହିଥିବା ବେଳେ ନବରଙ୍ଗପୁର ଜିଲ୍ଲାର ପାସ୍‌ହାର ସର୍ବନିମ୍ନ ୭୭.୧୪ % ରହିଛି । ବାଣିଜ୍ୟରେ ବୌଦ୍ଧ ଜିଲ୍ଲାରେ ପାସ୍‌ହାର ଶତପ୍ରତିଶତ ରହିଥିବା ବେଳେ ବଲାଙ୍ଗୀର ଜିଲ୍ଲାରେ ସର୍ବନିମ୍ନ୭୭.୨୫% ରହିଛି । ସେହିପରି ଧନ୍ଦାମୂଳକଶିକ୍ଷାରେ ନବରଙ୍ଗପୁର ଜିଲ୍ଲାରେ ପାସ୍‌ହାର ଶତପ୍ରତିଶତ ରହିଥିବା ବେଳେ ଢେଙ୍କାନାଳ ଜିଲ୍ଲାରେ ସର୍ବନିମ୍ନ ୫୫.୨୨% ରହିଛି । ଚଳିତବର୍ଷ ବିଜ୍ଞାନରେ ମୋଟ୍ ୧୧୩୮୨୬ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୦୧୧୦୪ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ରେଗୁଲାର ବର୍ଗରେ ୯୪୮୮୭ ଏବଂ ଏକ୍ସ ରେଗୁଲାର ବର୍ଗରେ ୬୨୧୭ ପିଲା ପାସ୍ କରିଛନ୍ତି । ଛାତ୍ରଙ୍କ ତୁଳନାରେ ଚଳିତବର୍ଷ ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି । ୮୭୪୧ % ଛାତ୍ର ପାସ୍ କରିଥିବା ବେଳେ ଛାତ୍ରୀଙ୍କ ପାସ୍ ହାର୯୦.୨୪% ରହିଛି । ସେହିଭଳି ବିଜ୍ଞାନ ବିଭାଗରେ୯୦ %ରୁ ଅଧିକ ମାର୍କ ରଖିଥିବା ପରୀକ୍ଷାର୍ଥୀଙ୍କ ସଂଖ୍ୟା ୫୧୦୧ରହିଛି । ସେହିପରି କମ୍ପାର୍ଟମେଣ୍ଟାଲରେ ୧୮୯୪ ଜଣ ପାସ୍ କରିଛନ୍ତି । ସେହିପରି ପ୍ରଥମ ଶ୍ରେଣୀରେ .୬୭୪୫୦ଜଣ, ୨ୟ ଶ୍ରେଣୀରେ ୨୧୬୧୭ଜଣ ଏବଂ ତୃତୀୟ ଶ୍ରେଣୀରେ ୧୦୦୪୩ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । କମ୍ପାଟମେଣ୍ଟାଲରେ ୧୮୯୪ଜଣ ପାସ୍ କରିଛନ୍ତି ।

କଳାରେ ମୋଟ୍ ୨୫୪୧୧୯ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୧୪୭୩୮ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ରେଗୁଲାର ବର୍ଗରେ ୨୦୨୬୭୯ଏବଂ ଏକ୍ସ ରେଗୁଲାର ବର୍ଗରେ ୧୧୧୫୪ ପିଲା ପାସ୍ କରିଛନ୍ତି । ଛାତ୍ରଙ୍କ ତୁଳନାରେ ଚଳିତବର୍ଷ ଛାତ୍ରୀଙ୍କ ପାସ୍ ହାର ମଧ୍ୟ ଅଧିକ ରହିଛି । ୭୭.୯୭ % ଛାତ୍ର ପାସ୍ କରିଥିବା ବେଳେ ଛାତ୍ରୀଙ୍କ ପାସ୍ ହାର୮୯.୪୫% ରହିଛି । ସେହିଭଳି ▶▶ ୫

## ‘ସୂର୍ଯ୍ୟାସ୍ତ୍ର’ର ସଫଳ ପରୀକ୍ଷଣ

**ବାଲେଶ୍ୱର,୨୦।୫/ଏନ୍‌ଏନ୍‌ଏସ୍:**



ଓଡ଼ିଶାର ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର ) ଠାରେ ଘରୋଇ ପ୍ରତିରକ୍ଷା ସଂସ୍ଥା ‘ନିବେ ଲିମିଟେଡ୍’ ଦ୍ୱାରା ନିର୍ମିତ ଦୂରଗାମୀ ରକେଟ୍ ପ୍ରଣାଳୀ ‘ସୂର୍ଯ୍ୟାସ୍ତ୍ର’ ର ସଫଳ ପରୀକ୍ଷଣ କରାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ରକେଟ୍ ସମ୍ପୂର୍ଣ୍ଣ ସୂକ୍ଷ୍ମତା ଓ ସଠିକତାର ସହ ନିଜର ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଛି । ଏହି ପରୀକ୍ଷଣ ସମୟରେ ‘ସୂର୍ଯ୍ୟାସ୍ତ୍ର’ ରକେଟ୍ ସିଷ୍ଟମର ଦୁଇଟି ଭିନ୍ନ ସଂସ୍କରଣର ଟ୍ରାଏଲ୍ କରାଯାଇଥିଲା, ଯାହାର ମାରକ କ୍ଷମତା ଯଥାକ୍ରମେ ୧୫୦ କିଲୋମିଟର ଏବଂ ୩୦୦ କିଲୋମିଟର ରହିଛି । ଭାରତୀୟ ସେନା ପକ୍ଷରୁ ଦିଆଯାଇଥିବା ଏକ କ୍ରୟ ଅର୍ଡର ଆଧାରରେ ଏହି ପରୀକ୍ଷଣ କରାଯାଇଛି, ଯାହା ପ୍ରତିରକ୍ଷା କ୍ଷେତ୍ରରେ ଘରୋଇ କମ୍ପାନୀଗୁଡ଼ିକ ଉପରେ ସେନାର ବଢୁଥିବା ଭରସାକୁ ଦର୍ଶାଉଛି । ‘ସୂର୍ଯ୍ୟାସ୍ତ୍ର’ ହେଉଛି ଏକ ଦୂରଗାମୀ ଗାଇଡେଡ୍ ରକେଟ୍ ଆର୍ଟିଲାରୀ ▶▶ ୫

## ଅଗ୍ନିବର୍ଷା: ୪୬ ଡିଗ୍ରୀରେ ସିଝିଲା ଝାରସୁଗୁଡ଼ା

**ଭୁବନେଶ୍ୱର,୨୦।୫/ଏନ୍‌ଏନ୍‌ଏସ୍:**



ଦେଶବ୍ୟାପୀ ଗ୍ରୀଷ୍ମ ଲହରି ଜାରି ରହିଛି । ଓଡ଼ିଶା ମଧ୍ୟ ଏଥିରୁ ବାଦ୍‌ପଡ଼ି ନାହିଁ । ତେବେ ଉପକୂଳ ଓଡ଼ିଶାରେ ଆଜି ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିବା ବେଳେ ରାଜ୍ୟର ପଶ୍ଚିମ ଭାଗରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି । ପଶ୍ଚିମ ଓଡ଼ିଶାରେ ଅଗ୍ନିବର୍ଷା ଭଳି ପ୍ରବଳ ଖରା ହୋଇଛି । ଝାରସୁଗୁଡ଼ା ସହରରେ ଆଜି ୪୬ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି । ଚଳିତ ବର୍ଷ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ଝାରସୁଗୁଡ଼ାରେ ରେକର୍ଡ କରାଯାଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ତାଙ୍କ ‘ଏକ୍ସ’ରେ ଲେଖିଛନ୍ତି ଯେ ୨୦୨୪ ମସିହା ମେ’ ୩୧ ତାରିଖରେ ଝାରସୁଗୁଡ଼ାରେ ପାରଦ ୪୭ ଡିଗ୍ରୀ ଛୁଇଁଥିଲା । ତା’ପୂର୍ବରୁ ୧୯୯୮ ମେ’ ୨୮ ତାରିଖରେ ଏଠାକାର ସର୍ବୋଚ୍ଚ ତାପମାତ୍ରା ୪୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା । ▶▶ ୫

**୭ ବିଭାଗର ୧୦ ପ୍ରସ୍ତାବରେ କ୍ୟାବିନେଟ୍ ମୋହର**

# ହାଇସ୍ପିଡ୍ ଡିଜେଲ୍ ହେଲା ଅତ୍ୟାବଶ୍ୟକୀୟ ସାମଗ୍ରୀ

**ଭୁବନେଶ୍ୱର,୨୦।୫/ଏନ୍‌ଏନ୍‌ଏସ୍:**



ରାଜ୍ୟରେ ପୂର୍ବଭଳି ହାଇସ୍ପିଡ୍ ଡିଜେଲର ବିକ୍ରୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ଅଧିନିୟମର ନିୟମାବଳୀ ଦ୍ୱାରା ପରିଚାଳିତ ହେବ । ସେଥିପାଇଁ ‘ଓଡ଼ିଶା ହାଇସ୍ପିଡ୍ ଡିଜେଲ ଡିଲର୍ସ ଲାଇସେନ୍ସ ଆଦେଶ, ୧୯୭୯’କୁ ରଦ୍ଦ କରି ‘ଓଡ଼ିଶା ହାଇସ୍ପିଡ ଡିଜେଲ ଡିଲର୍ସ ଲାଇସେନ୍ସ ରିପିଲ୍- ୨୦୨୬’ ନାମକ ଏକ ନୂତନ ଅଧିସୂଚନା ଅଣାଯାଇଛି । ଏନେଇ କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା

**ଓଡ଼ିଶା ହାଇସ୍ପିଡ୍ ଡିଜେଲ୍ ଡିଲର୍ସ ଲାଇସେନ୍ସ ଆଦେଶ ୧୯୭୯ ରଦ୍ଦ**

**ନୂତନ ଅଧିସୂଚନା: ଓଡ଼ିଶା ହାଇସ୍ପିଡ୍ ଡିଜେଲ୍ ଡିଲର୍ସ ଲାଇସେନ୍ସ ରିପିଲ୍ ୨୦୨୬**

ଆସିଥିବା ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି ।

ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମନ୍ତ୍ରୀ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ । ବୈଠକରେ ୭ ବିଭାଗର ୧୦ ପ୍ରସ୍ତାବରେ ମୋହର ଲାଗିଛି । ଏଥିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ଗୋଟିଏ କରି ପ୍ରସ୍ତାବ ଥିବାବେଳେ ଶକ୍ତି ବିଭାଗର ୨ଟି, ଆଇନ ବିଭାଗର ୩ ପ୍ରସ୍ତାବ ଅନ୍ତର୍ଭୁକ୍ତ । ଗୋଟିଏ ପ୍ରସ୍ତାବ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ସମ୍ପର୍କିତ ରହିଛି ।

ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟରେ ହାଇସ୍ପିଡ୍ ଡିଜେଲ୍‌ର ବିକ୍ରୟ ଓ ବିତରଣକୁ ନିୟନ୍ତ୍ରଣ କରିବା ନିମନ୍ତେ ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ ୧୯୫୫ ଅନୁଯାୟୀ, ରାଜ୍ୟ ସରକାର ପୂର୍ବରୁ, ‘ଓଡ଼ିଶା ହାଇସ୍ପିଡ୍ ଡିଜେଲ୍ ଡିଲର୍ସ ଲାଇସେନ୍ସ ଆଦେଶ, ୧୯୭୯’ ଲାଗୁ କରିଥିଲେ । ଇତିମଧ୍ୟରେ ବ୍ୟବସାୟିକ କାରବାରକୁ ସହଜ କରିବା ଓ ଏହାର କାର୍ଯ୍ୟପ୍ରଣାଳୀର ବିଳମ୍ବତାକୁ ହ୍ରାସ କରିବା ଉଦ୍ଦେଶ୍ୟରେ, କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ, ଖୁଚୁରା ବିକ୍ରୟ ପାଇଁ ଥିବା ଲାଇସେନ୍ସ ବ୍ୟବସ୍ଥାକୁ ରଦ୍ଦ କରିବାକୁ ସମସ୍ତ ରାଜ୍ୟକୁ ପରାମର୍ଶ ଦେଇଛନ୍ତି । ଏହି ପରାମର୍ଶକୁ ଅନୁସରଣ କରି ରାଜ୍ୟ କ୍ୟାବିନେଟ୍ ‘ଓଡ଼ିଶା ହାଇସ୍ପିଡ୍ ଡିଜେଲ୍ ଡିଲର୍ସ ଲାଇସେନ୍ସ ଆଦେଶ, ୧୯୭୯’କୁ ରଦ୍ଦ କରିବା ପାଇଁ ‘ଓଡ଼ିଶା ହାଇସ୍ପିଡ୍ ଡିଜେଲ ଡିଲର୍ସ ଲାଇସେନ୍ସ ରିପିଲ୍- ୨୦୨୬’ ନାମକ ଏକ ନୂତନ ଅଧିସୂଚନାକୁ ଅନୁମୋଦନ ପ୍ରଦାନ କରିଛନ୍ତି । ଏହାଦ୍ୱାରା, ବ୍ୟବସାୟିକ କାରବାରକୁ ପ୍ରୋତ୍ସାହନ ମିଳିବା ସହ ଏହାର କାର୍ଯ୍ୟ ପ୍ରଣାଳୀରେ ▶▶ ୫

**କୃତିବାସ ହତ୍ୟା ମାମଲା**

## ୩ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

**ଭୁବନେଶ୍ୱର,୨୦।୫/ଏନ୍‌ଏନ୍‌ଏସ୍:**

- ୧୨ବର୍ଷ ପରେ ମିଳିଲା ଦଣ୍ଡ
- ହତ୍ୟା ପରେ ବାଥ୍‌ରୁମ୍‌ରେ ଖଣ୍ଡଖଣ୍ଡ କରିଥିଲେ
- ପଲିଥିନ୍‌ରେ ମାଂସ ଭର୍ତ୍ତି କରି ଫିଙ୍ଗିଥିଲେ

ଭୁବନେଶ୍ୱର ଖଣ୍ଡଗିରି ଥାନା ସରକନ୍ତରା କୃତିବାସ ପରିଜା ଓରଫ ସୋନୁ ହତ୍ୟାକାଣ୍ଡ ମାମଲାରେ ଦୀର୍ଘ ୧୨ବର୍ଷ ପରେ ଅଭିଯୁକ୍ତଙ୍କୁ ଦଣ୍ଡ ମିଳିଛି । ଭୁବନେଶ୍ୱର ଏଡିଜେ କୋର୍ଟ ୩ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣାରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ଖୁଣ୍ଟିଆ , ଭରତ ସାହୁ ଓ ସାଗର ପୃଷ୍ଟିଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ଏହି ଘଟଣା ୨୦୧୪ ମସିହା ନଭେମ୍ବରରେ ଘଟିଥିଲା । ଟଙ୍କା ନେଣଦେଣକୁ ନେଇ ହତ୍ୟାକାଣ୍ଡ ହୋଇଥିଲା । ପୁଲିସ ଘଟଣାରେ ତିନିଜଣଙ୍କୁ ଗିରଫ କରିଥିଲା । ହତ୍ୟାକାରୀ ସୋନୁଙ୍କୁ ହତ୍ୟା କରିବା ପରେ ବାଥରୁମରେ କାଟି ଖଣ୍ଡଖଣ୍ଡ କରିଥିଲେ । ପରେ ପଲିଥିନରେ ମାଂସ ଭର୍ତ୍ତି କରି ରାଜଧାନୀର ଏଣେତେଣେ ଫିଙ୍ଗିଥିଲେ । ମଦ ସହ ଅତି ବୀଭତ୍ସ ଭାବେ ସୋନୁର କଳିଜା ଖାଇଥିଲେ ତିନି ଅଭିଯୁକ୍ତ । ଏପରିକି ଖପୁରୀକୁ ଦୟା ନଦୀରେ ଫୋପାଡ଼ି ଥିଲେ । ଦୟା ନଦୀ ନାଥପୁର ପଠାରୁ ମିଳିଥିବା ଖଣ୍ଡ ବିଖଣ୍ଡିତ ଖପୁରିକୁ ନେଇ ପୁଲିସ ତଦନ୍ତ କରୁଥିଲା । ତେବେ ଖପୁରି ସୋନୁର ବୋଲି ପରେ ତାଙ୍କ ବାପା ମାଆଙ୍କ ଡିଏନଏ ଟେଷ୍ଟ ପରେ ସ୍ପଷ୍ଟ ହୋଇଥିଲା ।

## ଜମିପ୍ରିୟ ଯନ୍ତ୍ରୀ ଗିରଫ

**ଭୁବନେଶ୍ୱର,୨୦।୫/ଏନ୍‌ଏନ୍‌ଏସ୍:**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଆର୍‌ଆଣ୍ଡ ବି ସବ୍-ଡିଭିଜିନର ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରିଛି । ଶ୍ରୀ ଶବର ଜମିକୁ ବହୁତ ଭଲ ପାଆନ୍ତି । ସେ ୮୩ ଏକର ଜମି ରଖିଛନ୍ତି, ଯେଉଁଥିରେ ୯୭ଟି ପ୍ଲଟ୍ ସାମିଲ ଅଛି । ମଙ୍ଗଳବାର ଶ୍ରୀ ଶବରଙ୍କର ୬ଟି ଠିକଣାରେ ଭିଜିଲାନ୍ସ ଚଢ଼ଉ କରିଥିବା ବେଳେ ଠାବ କରିଛି ପୁଳା ପୁଳା ସମ୍ପତ୍ତି । ତାଙ୍କ ସମ୍ପତ୍ତି ମଧ୍ୟରେ ରହିଛି ୯୭ଟି ପ୍ଲଟ୍, ୬ଟି ବହୁତଳ କୋଠା, ୨ଟି ଫାର୍ମ ହାଉସ୍ ଓ ଗୋଟିଏ ମାର୍କେଟ କମ୍ପ୍ଲେକ୍ସ । ଏହି ୯୭ଟି ପ୍ଲଟ୍‌ର ମୋଟ୍ ଜାଗା ୮୩ ଏକର । ସେହିପରି ୧୭ ଏକର ଜାଗାରେ ତାଙ୍କର ୨ଟି ଯାକ ଫାର୍ମ ହାଉସ୍ ଅଛି । ତାଙ୍କ ମାର୍କେଟ କମ୍ପ୍ଲେକ୍ସରେ ୮ଟି କ୍ୟାବିନ୍ ଅଛି । ଏହା ବ୍ୟତୀତ ସେ ୧୦ ଲକ୍ଷ ୭୨ ହଜାର ଟଙ୍କା ଜମା ରଖିଥିବା ବେଳେ ତାଙ୍କ ଘରୁ ୧୯ ଲକ୍ଷ ୭୮ ହଜାର ଟଙ୍କାର ନଗଦ ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ଠାବ କରାଯାଇଛି । ସେହିଭଳି ତାଙ୍କର ଗୋଟିଏ ହୁଣ୍ଡାଇ କ୍ରେଟା କାର୍ ଅଛି । ଭୁବନେଶ୍ୱର ଶବରଙ୍କ ନାମରେ ଥିବା ଅଚଳାଚଳ

**୯୭ ପ୍ଲଟ୍‌ରେ ୮୩ ଏକର ଜମି**

ସମ୍ପତ୍ତି, ବ୍ୟାଙ୍କ ଜମା, ଦଲିଲପତ୍ର ଓ ଅନ୍ୟାନ୍ୟ ଆର୍ଥିକ କାଗଜପତ୍ରର ଯାଞ୍ଚ ହୋଇଛି । ପଚରାଉଚରା ବେଳେ ଶ୍ରୀ ଶବର ଏତେ ପରିମାଣରେ ସମ୍ପତ୍ତି କିପରି ଠୁଳ କଲେ, ତା’ର କିଛି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ । ଏହା ପରେ ଭିଜିଲାନ୍ସ ତାଙ୍କୁ ଗିରଫ କରିବା ସହିତ ତଦନ୍ତ ଜାରି ରଖିଛି । ଭୁବନେଶ୍ୱର ଶବର ୧୯୯୯ ମସିହାରେ ୬୦୦୦ ଟଙ୍କାରେ ତାଙ୍କର ସରକାରୀ ଚାକିରି ଜୀବନ ଆରମ୍ଭ କରିଥିଲେ ।

## ୨ଙ୍କୁ ଦଳି ମାରିଲା ଦନ୍ତା

**ଅନୁଗୋଳ,୨୦।୫/ଏନ୍‌ଏନ୍‌ଏସ୍:**

ଅନୁଗୋଳ ଜିଲ୍ଲାରେ ଥମୁନି ହାତୀ-ମଣିଷ ସଂଘର୍ଷ । ବୁଧବାର ଗୋଟିଏ ଦିନରେ ହାତୀ ଆକ୍ରମଣରେ ଦୁଇ ଜଣଙ୍କ ଜୀବନ ଯାଇଛି । ଅନୁଗୋଳ ବନଖଣ୍ଡର ଅନୁଗୋଳ ରେଞ୍ଜ ଅଞ୍ଚଳରେ ଜଣଙ୍କର ଜୀବନ ଯାଇଥିବା ବେଳେ ବନ୍ତଲା ବନାଞ୍ଚଳରେ ଆଉ ଜଣଙ୍କୁ ମାରିଛି ହାତୀ । ଉଭୟ ଆମ୍ବ ଗୋଟାଇବାକୁ ପାଖ ଆମ୍ବ ବଗିଚାକୁ ଯାଇଥିବା ବେଳେ ହାତୀ ସେମାନଙ୍କୁ ଦଳି ଦେଇଛି । ମୃତକ ଦ୍ୱୟ ହେଉଛନ୍ତି ଭୋଳେଶ୍ୱର ପ୍ରଧାନ ଓ ଧୂଳିଆ ଦେହୁରୀ । ଭୋଳେଶ୍ୱରଙ୍କ ଘର ଅନୁଗୋଳ ରେଞ୍ଜ ପୁରୁଣାଗଡ଼ ସେକ୍ସନର ଚନ୍ଦନପୁର ଗାଁରେ । ଆଜି ଭୋରରେ ସେ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ହାତୀ ତାଙ୍କୁ ଆକ୍ରମଣ କରିଥିଲା । ତାଙ୍କ ମୃତ୍ୟୁ ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ଲୋକେ ମୃତଦେହକୁ ପୁରୁଣାଗଡ଼-କରତପଟା ରାସ୍ତାରେ ରଖି ଅବରୋଧ କରିଥିଲେ । ସେହିପରି ମୃତ ଧୂଳିଆ ଦେହୁରୀଙ୍କ ଘର ବନ୍ତଲା ରେଞ୍ଜ ପୋକତୁଙ୍ଗା ବିଟ ନନ୍ଦପୁର ▶▶ ୫

# ବନ୍ଦ ହେବ ଇରାନ୍ ଯୁଦ୍ଧ !

**ତେହରାନ୍, ୱାଶିଂଟନ,୨୦।୫/ଏଜେନ୍ସି:**



ଇରାନ୍-ଆମେରିକା ଯୁଦ୍ଧ ମଧ୍ୟରେ ଏକ ବଡ଼ ସୁଖଦ ଖବର ସାମ୍ନାକୁ ଆସିଛି । ରିପୋର୍ଟ ଅନୁସାରେ ଆମେରିକା କଂଗ୍ରେସରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାମରିକ କ୍ଷମତାକୁ ସୀମିତ କରୁଥିବା ଏକ ପ୍ରସ୍ତାବ ପାରିତ ହୋଇଯାଇଛି । ଏହି ପ୍ରସ୍ତାବଟି ଇରାନ୍ ବିପକ୍ଷ ଯୁଦ୍ଧକୁ ରୋକିବା ସମ୍ପର୍କୀତ । ତେବେ ଆମେରିକାନ୍ ସଂସଦରେ ସମ୍ପ୍ରତି ଡେମୋକ୍ରାଟିକ୍ ଦଳ ବିରୋଧୀ ଦଳ ଭୂମିକା ନିର୍ବାହ କରୁଥିବା ବେଳେ ଟ୍ରମ୍ପଙ୍କ ଦଳ ରିପବ୍ଲିକାନ୍ ପାର୍ଟି

**ଆମେରିକା କଂଗ୍ରେସରେ ୫୦-୪୭ ଭୋଟ୍‌ରେ ପ୍ରସ୍ତାବ ପାରିତ**

**ବିରୋଧୀଙ୍କୁ ସମର୍ଥନ କଲେ ୪ ରିପବ୍ଲିକାନ୍ ସାଂସଦ**

**ଚର୍ଚ୍ଚାରେ ଟ୍ରମ୍ପଙ୍କ ସାମରିକ କ୍ଷମତାକୁ ସୀମିତ କରୁଥିବା ଏହି ପ୍ରସ୍ତାବ**

କ୍ଷମତାସୀନ ରହିଛି । ଇରାନ୍ ବିପକ୍ଷ ଯୁଦ୍ଧକୁ ଯଥାଶୀଘ୍ର ରୋକିବା ପରିପ୍ରେକ୍ଷୀରେ ଡେମୋକ୍ରାଟିକ୍ ପାର୍ଟି ପକ୍ଷରୁ ଏହି ପ୍ରସ୍ତାବ ଆଗତ ହୋଇଥିଲା । ତେବେ ଭୋଟିଂ ସମୟରେ ଟ୍ରମ୍ପଙ୍କ ନିଜ ଦଳ ରିପବ୍ଲିକାନ୍ ପାର୍ଟିର ୪ ସାଂସଦ ମଧ୍ୟ ବିରୋଧୀ ଦଳ ଡେମୋକ୍ରାଟ୍ସଙ୍କୁ ସମର୍ଥନ କରିବା ଦେଖିବାକୁ ମିଳିଛି । ତେବେ ୩ ଜଣ ରିପବ୍ଲିକାନ ସାଂସଦ ଏହି ଭୋଟିଂରେ ସାମିଲ ହୋଇନାହାନ୍ତି । ଏହି ପ୍ରସ୍ତାବ ୫୦-୪୭ ଭୋଟ୍‌ରେ ପାରିତ ହୋଇଛି । ଯଦିଓ ଏବେ ଏହି ପ୍ରସ୍ତାବ ଆଇନରେ ପରିଣତ ହେବା ପାଇଁ ଆଉ କିଛି ସମୟ ଅପେକ୍ଷା କରିବାକୁ ପଡ଼ିପାରେ । କାରଣ ଏହାକୁ ଅନେକ ପ୍ରକ୍ରିୟା ଦେଇ ଗତି କରିବାକୁ ହେବ । ତେବେ ଯଦି ଏହି ପ୍ରସ୍ତାବ ଆଇନରେ ପରିଣତ ହୁଏ, ତଥାପି ତେବେ ଟ୍ରମ୍ପ ସରକାରଙ୍କୁ ଇରାନ ବିପକ୍ଷରେ ଯୁଦ୍ଧ ଜାରି ରଖିବା ପାଇଁ କଂଗ୍ରେସ (ଆମେରିକା ସଂସଦ)ର ମଞ୍ଜୁରୀ ନେବାକୁ ପଡ଼ିବ ।

ତେବେ ସିନେଟ୍‌ରେ ଏହି ପ୍ରସ୍ତାବ ଉପରେ ଚୂଡ଼ାନ୍ତ ଭୋଟିଂ ହେବା ବାକି ଅଛି । ଏହାପରେ ରିପବ୍ଲିକାନ୍ ବହୁମତ ଥିବା ହାଉସ ଅଫ୍ ରିପ୍ରେଜେଣ୍ଟେଟିଭ୍ସରୁ ମଧ୍ୟ ମଞ୍ଜୁରୀ ନେବାକୁ ହେବ । ତେବେ ଏହାପରେ ▶▶ ୫

### ମହଙ୍ଗା ପଡ଼ିଲା ଅପରେସନ୍ ଏପିକ୍ ଫ୍ୟୁରି

ଆଉ ଏକ ବଡ଼ ସୂଚନା ହେଉଛି ଯେ, ଆମେରିକା ବର୍ତ୍ତମାନ ସୁଦ୍ଧା (ଗତ ଫେବୃଆରୀ ୨୮ରୁ ଏଯାବତ୍) ଇରାନ ସହ ଲଢ଼ିଥିବା ଯୁଦ୍ଧରେ ନିଜର ପ୍ରାୟ ୪୨ଟି ଲଢୁଆ ବିମାନ ହରାଇଛି, ଯାହାର ମୂଲ୍ୟ ଲକ୍ଷ ଲକ୍ଷ କୋଟି ଟଙ୍କାରେ ହେବ । ଏତେ ସଂଖ୍ୟକ ବିମାନ ହରାଇବା ଆମେରିକା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷତି ବୋଲି ବିବେଚନା କରାଯାଉଛି । କଂଗ୍ରେସନାଲ୍ ରିସର୍ଚ୍ଚ ସର୍ଭିସ୍ (ସିଆର୍‌ଏସ୍) ପକ୍ଷରୁ ଆମେରିକାର ଅପରେସନ୍ ଉପରେ ଏକ ରିପୋର୍ଟ ପ୍ରକାଶ କରିଥିବା ବେଳେ ଏଥିରେ ସବୁକିଛି ସତ୍ୟ ଉଜାଗର ହୋଇଛି । ଯେତେବେଳେ କି ଆମେରିକା ନିଜର ଏତେବଡ଼ କ୍ଷତିକୁ କଦାପି ସ୍ୱୀକାର କରିନାହିଁ । କିନ୍ତୁ ବାସ୍ତବିକତାକୁ ଆମେରିକା ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ ଏବଂ ସେଣ୍ଟକମ୍ ପକ୍ଷରୁ ମିଳିଥିବା ରିପୋର୍ଟ ଆଧାରରେ ସିଆର୍‌ଏସ୍ ସାମ୍ନାକୁ ଆଣିଛି । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି ଯେ, ଆମେରିକା ପାଇଁ ଇରାନ୍ ବିପକ୍ଷରେ ଆରମ୍ଭ କରିଥିବା ସାମରିକ କାର୍ଯ୍ୟାନୁଷ୍ଠାନ “ଅପରେସନ୍ ଏପିକ୍ ଫ୍ୟୁରି” ଏବେ ମହଙ୍ଗା ସାବ୍ୟସ୍ତ ହୋଇଛି ।

**ବିବାଦରେ ଟେଟ୍ରା ପ୍ୟାକ ମଦ**

## ଏହା ଅତି ପ୍ରତାରଣାମୂଳକ: ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ,୨୦।୫/ଏଜେନ୍ସି:**

**ନାବାଳକଙ୍କୁ ମଦ୍ୟପାନ କରିବାକୁ ଉତ୍ସାହିତ କରିପାରେ**

**କେନ୍ଦ୍ର ସହ ଅନେକ ରାଜ୍ୟର ଅବକାରୀ ବିଭାଗକୁ ନୋଟିସ୍**





ଟେଟ୍ରା ପ୍ୟାକ୍ ଏବଂ ସାଚେଟ୍ ଭଳି ଅସ୍ପଷ୍ଟ ପ୍ୟାକେଜ୍‌ରେ ମଦ ବିକ୍ରୟ ଉପରେ ନିଷେଧ ପାଇଁ ଏକ ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ରକୁ ଜବାବ ମାଗିଛନ୍ତି । କହିଛନ୍ତି ଯେ ଏପରି ପ୍ୟାକେଜିଂ ଗ୍ରାହକମାନଙ୍କୁ ଭ୍ରମିତ କରିପାରେ ଏବଂ ନାବାଳକମାନଙ୍କୁ ମଦ୍ୟପାନ କରିବାକୁ ଉତ୍ସାହିତ କରିପାରେ । ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କମ୍ୟୁନିଟି ଏଗେନ୍‌ଷ୍ଟ ଡ୍ରଙ୍କେନ ଡ୍ରାଇଭିଂ ନାମକ ଏକ ସଂସ୍ଥା ଦ୍ୱାରା ଦାୟର ଏକ ଆବେଦନ ଉପରେ କେନ୍ଦ୍ର ଏବଂ ଅନେକ ରାଜ୍ୟର ଅବକାରୀ ବିଭାଗକୁ ନୋଟିସ୍ ଜାରି କରିଛନ୍ତି । ଏହା ଅତି ପ୍ରତାରଣାମୂଳକ ବୋଲି ନୋଟିସ ଜାରି କରି ମୁଖ୍ୟ ବିଚାରପତି କହିଛନ୍ତି । ଆବେଦନକାରୀଙ୍କ ଓକିଲ କହିଛନ୍ତି ଯେ ଏପରି ଅନେକ ମଦ୍ୟପାନ ଉତ୍ପାଦରେ ପ୍ରମୁଖ ଚେତାବନୀ ନାହିଁ ଏବଂ ଫଳ ରସ ଭଳି ପ୍ୟାକେଜିଂ କରାଯାଉଛି । ତମାଖୁ ପରି ଏଥିରେ କୌଣସି ସତର୍କତାମୂଳକ ଚେତାବନୀ ନାହିଁ । ଏହି ପ୍ୟାକଗୁଡ଼ିକ ଫଳ ରସ ପରି ଦେଖାଯାଉଛି କିନ୍ତୁ ଏଥିରେ ଭୋଡକା ହିଁ ଥାଏ । ଏହି ପ୍ୟାକରେ ସେଓର ଫଟୋ ଏବଂ ଚିଲି ଆମ୍ବ ଭୋଡକା ଭଳି ଲେବଲ୍ ରହୁଛି ବୋଲି ଆବେଦନକାରୀଙ୍କ ଓକିଲ କୋର୍ଟକୁ ଜଣାଇଥିଲେ । ଆବେଦନକାରୀ ତାଙ୍କ ଆବେଦନରେ କୋର୍ଟଙ୍କୁ ଅନୁରୋଧ କରିଥିଲେ ଯେ ଏପରି ପ୍ୟାକେଜିଂରେ ମଦ ବିକ୍ରୟକୁ ନିଷେଧ କରିବା ପାଇଁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଏକ ସମାନ ନୀତି ପ୍ରସ୍ତୁତ କରିବାକୁ ▶▶ ୫

# ବିଶ୍ୱ ଚା' ଦିବସ ପାଳିତ

**କଟକ,୨୦।୫/ଏନ୍ଏନ୍ଏସ୍:** ମେ' ମାସ ୨୧ ତାରିଖକୁ ସମଗ୍ର ବିଶ୍ୱ ଚା' ଦିବସ ଭାବେ ପାଳନ କରାଯାଉଛି । ଏହି ଅବସରରେ ୫୩ନଂ ୱାର୍ଡ ସ୍ଥିତ ଅନ୍ଦରପୁର ଛକରେ ମାଗୁ ଚା' ଖଟି ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନା, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାରଣା, ସଚ୍ଚିଦାନନ୍ଦ ମିଶ୍ର, ସରୋଜ କୁମାର ରାଉତ, ରଞ୍ଜିତ ରାଉତ, ଇଂ. ଶୈଳେନ୍ଦ୍ର କୁମାର ଭୋଳଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଚା' ପାନ କରିଥିଲେ ।

# ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ସ୍ୱାଗତିକା ବେହେରାଙ୍କ ଦାୟିତ୍ୱ ଗ୍ରହଣ



**କଟକ,୨୦।୫/ଏନ୍ଏନ୍ଏସ୍:** କଟକ ଜିଲ୍ଲାର ନୂତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ସ୍ୱାଗତିକା ବେହେରା ବିଧିବଦ୍ଧ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ୨୦୨୩ ବ୍ୟାଚ୍‌ର ଓଡ଼ିଶା ସୂଚନା ସେବା ଅଧିକାରୀ ଶ୍ରୀମତୀ ବେହେରା ସହକାରୀ ସୂଚନା ଅଧିକାରୀ ଭାବରେ ପ୍ରଥମେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ । ନିଜର ଚାକିରି ଜୀବନ ଆରମ୍ଭରୁ ସେ ପ୍ରଶାସନର ବହୁ ଲୋକାଭିମୁଖୀ କାର୍ଯ୍ୟରେ ନିୟୋଜିତ ହୋଇ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛନ୍ତି । ଏଥିସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି ହେବା ପର୍ଯ୍ୟନ୍ତ ଉପନିର୍ଦ୍ଦେଶକ (କେନ୍ଦ୍ରାଞ୍ଚଳ) ସୂଚନା ଓ ଲୋକସମ୍ପର୍କ ବିଭାଗର ଦାୟିତ୍ୱ ମଧ୍ୟ ନିର୍ବାହ କରିବେ ।

### ଡେଙ୍ଗୁ ନିୟନ୍ତ୍ରଣ ପାଇଁ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ସମନ୍ୱୟ ବୈଠକ

# ସପ୍ତାହକୁ ଥରେ 'ଡ୍ରାଏ-ଡେ' ପାଳନ ନିଷ୍ପତ୍ତି



**କଟକ,୨୦।୫/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ ବିଜୁ ଭବନ ସମ୍ମିଳନୀ କକ୍ଷଠାରେ ଆଜି ମହାନଗର ନିଗମ ଅଞ୍ଚଳରେ ଡେଙ୍ଗୁ ସଚେତନତା ନିମନ୍ତେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍‌ର ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଶେଷକରି ସହରାଞ୍ଚଳରେ ଡେଙ୍ଗୁ ନିରାକରଣ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସହରରେ ଡେଙ୍ଗୁ ରୋଗ ନିୟନ୍ତ୍ରଣ କରାଯିବା ନେଇ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବା ଉପରେ ବିଶେଷ ଗୁରୁତ୍ୱ ଦେବା ସହ ଜନ ସଚେତନତା ଓ ସତର୍କତା ଅବଲମ୍ବନ ନିମନ୍ତେ ସହରର ବିଭିନ୍ନ ସ୍ଥାନରେ ପୋଷ୍ଟର, ବ୍ୟାନର ଲଗାଇବା ଏବଂ ଅଳିଆ ଉଠା ଗାଡ଼ି ଯୋଗେ ମାଇକିଂ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଡେଙ୍ଗୁ ରୋଗର ଲକ୍ଷଣ ଓ ପ୍ରତିକାର ନିମନ୍ତେ ସମସ୍ତ ୱାର୍ଡରେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି, ସ୍ୱେଚ୍ଛାସାଥୀମାନେ ଲିଫ୍‌ଲେଟ୍ ସହ ଘରକୁ ଘର ବୁଲି ସାଧାରଣ ଲୋକଙ୍କୁ ସଚେତନ କରାଇବେ । ଆଗାମୀ ଦିନରେ ସପ୍ତାହକୁ ଥରେ ଡ୍ରାଏ-ଡେ ପାଳନ କରିବାକୁ ନିଷ୍ପତି ହୋଇଛି । ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ଡେଙ୍ଗୁ ସମ୍ବନ୍ଧୀୟ ସଚେତନତା କରାଯିବା ନେଇ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ସ୍ୱାସ୍ଥ୍ୟ କେନ୍ଦ୍ରରେ ଇଏଲ୍ଆଇଏସ୍ଏ ମେସିନ୍ ଓ ପରୀକ୍ଷା କିଟ୍‌ଗୁଡ଼ିକ ପ୍ରସ୍ତୁତ ଅଛି । ଏସ୍‌ସିବି ମେଡିକାଲ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ବ୍ୟବସ୍ଥା କରାଯାଇଥିବା ବେଳେ ଫଗିଂ ମେସିନ୍ ଓ ମଶା ନିୟନ୍ତ୍ରଣ ଔଷଧ ପ୍ରଚୁର ପରିମାଣରେ ଉପଲବ୍ଧ ଥିବା ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଥିଲେ । ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ ଔଷଧ, ଓଆର୍‌ଏସ୍,ଆଇଭି ଫ୍ଲୁଇଡ୍ ମହଜୁଦ ରଖିବା ନିମନ୍ତେ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ରକ୍ତ ନମୁନା ପରୀକ୍ଷା କରାଯିବା ପାଇଁ ବାରଣ କରିବା ସହ କେବଳ ନିର୍ଦ୍ଦିଷ୍ଟ ସରକାରୀ ଚିକିତ୍ସା କେନ୍ଦ୍ରରେ ପରୀକ୍ଷା କରାଯିବା ନେଇ ଡା. ମହାପାତ୍ର କହିଥିଲେ । ଏହି ବୈଠକରେ ଡେପୁଟି ମେୟର ଦମୟନ୍ତୀ ମାଝି, ଅତିରିକ୍ତ କମିଶନର କଳ୍ପତରୁ ବେହେରା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆଙ୍କ ସମେତ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ପରିଚାଳକ, ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଉପସ୍ଥିତ ରହି ସହରାଞ୍ଚଳରେ ସ୍ୱାସ୍ଥ୍ୟ ସେବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଏବଂ କାର୍ଯ୍ୟନିର୍ବାହ ଖସଡ଼ା ପ୍ରସ୍ତୁତି ସମ୍ବନ୍ଧରେ ମତାମତ ରଖିଥିଲେ । ଏଠାରେ ସୂଚନାଯୋଗ୍ୟ, ପୂର୍ବ ବର୍ଷ କଟକ ମହାନଗର ନିଗମ ଅଞ୍ଚଳରେ ଡେଙ୍ଗୁ ରୋଗୀ ସଂଖ୍ୟା ୧୧୧ ଥିବା ବେଳେ ଏବର୍ଷ ଅଦ୍ୟାବଧି ୧୪ ଜଣ ରୋଗୀ ଚିହ୍ନଟ କରାଯାଇଛି ।

### ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତପ୍ରତିଶତ ସଫଳତା

# ରଶ୍ମୀରେଖା ମହାନ୍ତ ବିଦ୍ୟାଳୟ ଟପ୍ପର୍



**କଟକ,୨୦।୫/ଏନ୍ଏନ୍ଏସ୍:** ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ +୨ ବିଜ୍ଞାନ ଫଳାଫଳରେ ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରିଛି । ପରୀକ୍ଷା ଦେଇଥିବା ମୋଟ ୧୫୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩୨ ଜଣ ପ୍ରଥମ ଶ୍ରେଣୀରେ ଓ ଅନ୍ୟ ସମସ୍ତ ୨୧ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଛାତ୍ରୀ ରଶ୍ମୀରେଖା ମହାନ୍ତ ୫୫୮ (୯୩ %) ନମ୍ବର ରଖି ବିଦ୍ୟାଳୟ ଟପ୍ପର୍ ହୋଇଛନ୍ତି । ପ୍ରଶ୍ନପତ୍ର ଲିକ୍ କାରଣରୁ ପ୍ରଥମ ଥର 'ନିଟ୍' ପରୀକ୍ଷା ବାତିଲ ହେବା ପରେ ଦ୍ୱିତୀୟ ଥର ପାଇଁ ପ୍ରସ୍ତୁତି ଚଳାଇଥିବା ରଶ୍ମୀରେଖା ଭଲ ର୍‍ୟାଙ୍କ୍ ପାଇ ମେଡିକାଲ ପଢ଼ି ଜଣେ ଭଲ ଡାକ୍ତର ହେବା ଲକ୍ଷ୍ୟ ରଖିଥିବା ପ୍ରତିକ୍ରିୟାରେ କହିଛନ୍ତି । ସୂଚନାଯୋଗ୍ୟ, ସଫଳତା ହାସଲ କରିଥିବା ଅନେକ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷାରେ ୯୦ ପ୍ରତିଶତରୁ କମ୍ ନମ୍ବର ରଖିଥିବାବେଳେ ଏହି ପରୀକ୍ଷାରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି । ଯୁକ୍ତ ଦୁଇରେ ଏଥର ଉଲ୍ଲେଖନୀୟ ସଫଳତା ପାଇଁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ କୃତକାର୍ଯ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏଥିସହିତ ଶିକ୍ଷାଦାନ କ୍ଷେତ୍ରରେ ନିରନ୍ତର ପ୍ରଚେଷ୍ଟା ଓ ମାର୍ଗଦର୍ଶନ ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକାଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି ।

# କାରିଗର ସଂଘ ପକ୍ଷରୁ ବ୍ଲକ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ




**କଟକ,୨୦।୫/ଏନ୍ଏନ୍ଏସ୍:** ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ କଟକ ସଦର ବ୍ଲକ କମିଟି ପକ୍ଷରୁ ଆଜି ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସ୍ୱାବଲମ୍ବୀ କାରିଗରମାନେ ବିନା ଛୁଟିରେ କାମ କରୁଛନ୍ତି କିନ୍ତୁ ସେମାନଙ୍କୁ ସରକାରୀ କର୍ମଚାରୀ କିମ୍ବା ଦୈନିକ ସର୍ବନିମ୍ନ ମଜୁରୀ ପ୍ରଦାନ କରାଯାଉ ନାହିଁ । ପ୍ରତି ମାସରେ ଦରମା ଦିଆ ଯାଉନାହିଁ । ବର୍ଷ ବର୍ଷ ଧରି ପମ୍ପ ଚାଳକମାନଙ୍କ ଦରମା ପ୍ରଦାନ କରାଯାଉନାହିଁ । ବର୍ଷ ବର୍ଷ ଧରି ପାଣି ମୋଟର ଖରାପ ହୋଇ ପଡ଼ିଛି । କିନ୍ତୁ ତାହା ତିଆରି କରାଯାଉନାହିଁ । ଏ ସବୁ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ସଂଘର ଜିଲ୍ଲା ସଭାପତି ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ୟୁସିଆଇ (ସି) କଟକ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଜିଲ୍ଲା କମିଟି ସଦସ୍ୟ ଭାଗ୍ୟରବି ଦାସ, ଏସ୍‌ସିଏସ୍ ସଂଘ ପକ୍ଷରୁ ମାନଗୋବିନ୍ଦ ପଣ୍ଡା, ଯୋଗେନ୍ଦ୍ର ରାଉତ, ସତ୍ୟରଞ୍ଜନ ପ୍ରଧାନ, ସୁବାସ ପୃଷ୍ଟି, ବିଚିତ୍ରାନନ୍ଦ ରାଉତରାୟ, ବିଭୂତି ଭୂଷଣ ଭୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ । ସରକାର ଓ କର୍ତ୍ତୃପକ୍ଷ ଦାବି ପୂରଣ ନ କଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

# ବିପ୍ଳବୀ ମୂଷା ମଲ୍ଲିକଙ୍କ ଶ୍ରାଦ୍ଧୋତ୍ସବ



**କଟକ,୨୦।୫/ଏନ୍ଏନ୍ଏସ୍:** ପ୍ରଜାମଣ୍ଡଳ ଆନ୍ଦୋଳନର ଏକ ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ଥିଲେ ବିପ୍ଳବୀ ମୂଷା ମଲ୍ଲିକ । ଢେଙ୍କାନାଳ ରାଜାଙ୍କ ଅତ୍ୟାଚାରୀ ଶାସନ ବିରୋଧରେ ଜନତାଙ୍କ ସ୍ୱରକୁ ଜାଗ୍ରତ କରିବା ପାଇଁ ସେ ନିଜ ଜୀବନ ବାଜି ଲଗାଇଥିଲେ । ବୀର ବୈଷ୍ଣବ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ଗରିଲା ବାହିନୀର ନେତୃତ୍ୱ ନେଇ ମୂଷା ମଲ୍ଲିକ ଗାଁ ଗାଁ ବୁଲି ଏକ ବିକଳ୍ପ ଶାସନ ଛିଡ଼ା କରିଥିଲେ । ତାଙ୍କ ତ୍ୟାଗ ବ୍ରିଟିଶ ସାମ୍ରାଜ୍ୟ ଓ ସ୍ଥାନୀୟ ରାଜଶକ୍ତି ପାଇଁ ଏକ ଚେତାବନୀ ଥିଲା ଏବଂ ଏହା ଓଡ଼ିଆ ଜନମାନସରେ ଜାଗରଣ ଆଣିଥିଲା । ରାଜା ଅତ୍ୟାଚାରରୁ ନିଜ ଧର୍ମପତ୍ନୀଙ୍କୁ ରକ୍ଷା କରିବା ନିମନ୍ତେ ତାଙ୍କର ଅନ୍ୟତ୍ର ବିବାହ କରାଇବା, ନିଜେ ରାଜାଙ୍କ ଦ୍ୱାରା ଫାଶୀ ଦଣ୍ଡରେ ଦଣ୍ଡିତ ହୋଇ ଦେଶର ସ୍ୱାଧୀନତା କାରଣରୁ ମୁକ୍ତି ଲଭିବା ଭଳି ଅନେକ ଘଟଣା ବହୁଳ ତାଙ୍କ ଜୀବନ ଓ ସଂଗ୍ରାମ ଯୁବପିଢ଼ିଙ୍କୁ ଆଜି ମଧ୍ୟ ଆକର୍ଷିତ କରୁଅଛି । ଏହିଭଳି ସଂଗ୍ରାମୀମାନଙ୍କର ତ୍ୟାଗ ଓ ବଳିଦାନ ଦେଶରେ ପୁନର୍ଜାଗରଣର ରାସ୍ତା ଖୋଲିଥିଲା ବୋଲି ମୂଷା ମଲ୍ଲିକ ଜାତୀୟ ସ୍ମାରକୀ ନ୍ୟାସ ପକ୍ଷରୁ କଟକ ଗାନ୍ଧୀ ଭବନ ପରିସରରେ ପ୍ରଜାମଣ୍ଡଳ ଆନ୍ଦୋଳନର ନେତା ବିପ୍ଳବୀ ମୂଷା ମଲ୍ଲିକଙ୍କ ୬୫ତମ ଶ୍ରାଦ୍ଧୋତ୍ସବ ଅବସରରେ ଆୟୋଜିତ ସ୍ମୃତି ସଭା ଓ ସାମୂହିକ ଆଲୋଚନାରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମୂଷା ମଲ୍ଲିକ ଜାତୀୟ ସ୍ମାରକୀ ନ୍ୟାସର ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ତଥା ଗାନ୍ଧୀବାଦୀ ଯୁବ ନେତା ଡାକ୍ତର ବିଶ୍ୱଜିତଙ୍କ ସଂଯୋଜନାରେ ଆୟୋଜିତ ସଭାରେ ନ୍ୟାସର ସମ୍ପାଦକ ଜ୍ଞାନ ରଞ୍ଜନ ସାମନ୍ତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରାକ୍ତନ ମନ୍ତ୍ରୀ ତଥା ବିପ୍ଳବୀ ମୂଷା ମଲ୍ଲିକଙ୍କ ନାତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଜୟନ୍ତ କୁମାର ଦାସ, ସୁସ୍ମିତା ପଟ୍ଟନାୟକ, ବାସୁଦେବ ସାହୁ, ଲକ୍ଷ୍ମୀ ପ୍ରକାଶ ମହାପାତ୍ର, କାଶୀନାଥ ସ୍ୱାଇଁ, ପ୍ରଭାସ ମହାପାତ୍ର, ଅଧ୍ୟାପକ ଓଁକାରନାଥ ରାଉତ, ପ୍ରିୟ ରଞ୍ଜନ ମହାପାତ୍ର, କବୀର କୁମାର ଜେନା, ସୂର୍ଯ୍ୟନାରାୟଣ ନାଥ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟ ପ୍ରଦାନ ସହ ବିପ୍ଳବୀ ମୂଷା ମଲ୍ଲିକଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶେଷରେ ରବୀନ୍ଦ୍ର ନାଥ ମହାନ୍ତି ଧନ୍ୟବାଦ୍ ଦେଇଥିଲେ ।

# ୧୭ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ଟ୍ରମା ଆଇସିୟୁ ଉଦ୍‌ଘାଟିତ




**କଟକ,୨୦।୫/ଏନ୍ଏନ୍ଏସ୍:** ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହସ୍ପିଟାଲରେ ଆଜି ୧୭ ଶଯ୍ୟା ବିଶିଷ୍ଟ ଟ୍ରମା ଆଇସିୟୁ ଉଦ୍‌ଘାଟିତ ହୋଇଯାଇଛି । ସର୍ଜରୀ ବିଭାଗର ତଳ ମହଲାରେ ଏହି ଅସ୍ଥାୟୀ ଟ୍ରମା ଆଇସିୟୁ କାର୍ଯ୍ୟକ୍ଷମ ହୋଇଛି । ଆଇସିୟୁ ବେଡ୍ ପାଇଁ ଆବଶ୍ୟକୀୟ ସମସ୍ତ ପ୍ରକାରର ସୁବିଧା ଏଠାରେ ଉପଲବ୍ଧ ରହିଛି । ଆଇସିୟୁ ବେଡ୍, ମନିଟରିଂ ସିଷ୍ଟମ୍, ଅକ୍ସିଜେନ୍ ସପୋର୍ଟ ସହିତ ସମସ୍ତ ଜରୁରୀ ଉପକରଣ ଏଠାରେ ଉପଲବ୍ଧ ହେବ । ଗତ ମାର୍ଚ୍ଚ ମାସ ୧୬ ତାରିଖରେ ଏସ୍‌ସିବି ମେଡିକାଲ କଲେଜ ହସ୍ପିଟାଲ ଟ୍ରମା ଆଇସିୟୁରେ ନିଆଁ ଲାଗିବା ପରେ ସେଠାରେ ରୋଗୀ ସେବା ବନ୍ଦ ହୋଇ ରହିଥିବାବେଳେ ଏହି ନୂତନ ଅସ୍ଥାୟୀ ଟ୍ରମା ଆଇସିୟୁ କାର୍ଯ୍ୟକ୍ଷମ କରାଯାଇଛି । ରୋଗୀମାନଙ୍କୁ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇ ଦେବା କ୍ଷେତ୍ରରେ ଏହି ନୂତନ ଟ୍ରମା ଆଇସିୟୁ ଉପଯୋଗୀ ହେବ । ଉଦ୍‌ଘାଟନ ସମୟରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଡିନ୍ ପ୍ରଫେସର ପ୍ରତିଭା ପଣ୍ଡା, ଅଧୀକ୍ଷକ ପ୍ରଫେସର୍ ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ, ରେଜିଷ୍ଟ୍ରାର ସୁବାସ ଚନ୍ଦ୍ର ରାୟ, ଅର୍ଥ ଅଧିକାରୀ ମାନସ ପାତ୍ର, ଅତିରିକ୍ତ ଅଧୀକ୍ଷକ ଡଃ ଜ୍ୟୋତିର୍ମୟ ନାୟକ, ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ହରେକୃଷ୍ଣ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ଓ ହସ୍ପିଟାଲ୍ ପରିଚାଳକମାନେ ଉପସ୍ଥିତ ଥିଲେ । ନୂତନ ଟ୍ରମା ଆଇସିୟୁ କାର୍ଯ୍ୟକ୍ଷମ ହେବା ଦ୍ୱାରା କଟକ ସମେତ ରାଜ୍ୟର ଗୁରୁତର ରୋଗୀମାନଙ୍କ ପାଇଁ ଜରୁରୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଆହୁରି ସୁଦୃଢ଼ ହୋଇପାରିବ ।

# ସୁଲୋଚନା ସେବା ସଂଘ ପକ୍ଷରୁ ଜଳସେବା



**କଟକ,୨୦।୫/ଏନ୍ଏନ୍ଏସ୍:** ହାଇକୋର୍ଟ ଗଡ଼ାରେ ସୁଲୋଚନା ସେବା ସଂଘ ପକ୍ଷରୁ ଜଳସେବା ଲୋକମାନଙ୍କୁ ଯୋଗାଇ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗଣେଶଘାଟ ପୂଜା କମିଟିର ସଭାପତି କୁନିଆ ସାମଲ, ସମାଜସେବୀ ଆର୍. ରାମାରାଓ ଏବଂ ସୁଶୀଲ ମହାରଣା ପ୍ରମୁଖ ଉପସ୍ଥିତ ରହି ପଥଚାରୀଙ୍କୁ ଦହିପାଣି ବଣ୍ଟନ କରିଥିଲେ । ଆଗକୁଏହି ସେବା କାର୍ଯ୍ୟ ଜାରି ରହିବ ବୋଲି ସଭାପତି ସୁଶାନ୍ତ କୁମାର ପାତ୍ର କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସଂଘର ସାଧାରଣ ସମ୍ପାଦକ ରଘୁନାଥ ବାରିକ, ଉପସଭାପତି ସୁଶାନ୍ତ କୁମାର ଦାସ, ପ୍ରତାପ ସ୍ୱାଇଁ, ପ୍ରଶାନ୍ତ ପରିଡ଼ା, ମନୋଜ କୁମାର ଦାସ, ସସ୍ମିତା ବାରିକ, କହ୍ନେଇ ବେହେରା, ସୁମନ୍ତ ଜେନା, ରତ୍ନାକର ସ୍ୱାଇଁ, ପ୍ରଶାନ୍ତ ରାଉତ, ଆଲୋକ ରାଉତ, ବିଜୟ କୁମାର ରାଉତଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ରାଜସ୍ଥାନରେ ଦୁଇ ଭଉଣୀଙ୍କୁ ଗଣଦୁଷ୍କର୍ମ ଓ ଆତ୍ମହତ୍ୟା ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ୟୁସିଆଇର ବିକ୍ଷୋଭ

**କଟକ,୨୦।୫/ଏନ୍ଏନ୍ଏସ୍:** ବିଜେପି ଶାସିତ ରାଜସ୍ଥାନରେ ଦୁଇ ଭଉଣୀଙ୍କୁ ଗଣଦୁଷ୍କର୍ମ ଓ ପରବର୍ତ୍ତୀ ସମୟରେ ଆତ୍ମହତ୍ୟା ଭଳି ଏକ ମର୍ମାନ୍ତିକ ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ପ୍ରଥମେ ବଡ଼ ଭଉଣୀଙ୍କୁ ଗଣଦୁଷ୍କର୍ମ କରାଯିବା ସହ ଏହାର ଭିଡିଓ ଉତ୍ତୋଳନ କରାଯାଇଥିଲା ଏବଂ ସେହି ଭିଡିଓ ବଳରେ ତାଙ୍କୁ ବର୍ଷାଧିକ କାଳ ଦୁଷ୍କର୍ମ କରାଯାଇଥିଲା । ଅନ୍ୟ କୌଣସି ଉପାୟ ନପାଇ ଶେଷରେ ସେ ଆତ୍ମହତ୍ୟାର ପନ୍ଥା ଆପଣାଇବାକୁ ବାଧ୍ୟ ହୋଇଥିଲେ । ଏହା ପରେ ସାନ ଭଉଣୀଙ୍କୁ ମଧ୍ୟ ସମାନ ଭାବେ କ୍ରମାଗତ ଭାବେ ଗଣଦୁଷ୍କର୍ମ କରାଯାଇଥିଲା, ଯାହା ଫଳରେ ସେ ମଧ୍ୟ କିଛି ମାସ ପରେ ଆତ୍ମହତ୍ୟା କରିଥିଲେ । ଏହି ଉଭୟ ସମ୍ବେଦନଶୀଳ ଘଟଣାରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଓଲଟା ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେଇଥିବା ଅଭିଯୋଗ ହୋଇଛି । ଏପରିକି ରାଜ୍ୟ ସରକାର ମଧ୍ୟ ଅପରାଧୀମାନଙ୍କ ବିରୋଧରେ କୌଣସି ଦୃଢ଼ ପଦକ୍ଷେପ ନେଇନାହାନ୍ତି । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ଦାବିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ଆହୂତ ସାରା ଭାରତ ପ୍ରତିବାଦ ଦିବସ ଅବସରରେ ଆଜି କଟକ କଲେଜ ଛକଠାରେ ଦଳ ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ପ୍ରତିବାଦ ସଭା ଓ ବିକ୍ଷୋଭରେ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ମାଳବିକା ସାମଲ, ବସନ୍ତ ନାୟକ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ଦୀପକ ଦାସ, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ପ୍ୟାଭେଲ ପ୍ରିୟଦର୍ଶନ, ଅକ୍ଷୟ ରାଉଳ, ଆଇନଜୀବୀ ପ୍ରତାପ ଚନ୍ଦ୍ର ମିଶ୍ର, ସ୍ୱାଧୀନୀ ବେହେରା, ସିପ୍ରା ମହାନ୍ତି, ଜ୍ୟୋତ୍ସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ ଏବଂ ଝରଣା ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ଗୋପ ପୁଲିସ ପକ୍ଷରୁ ବିଳମ୍ବିତ ରାତିରେ ବ୍ୟାପକ ଗାଡ଼ି ଯାଞ୍ଚ

**ନୟାହାଟ,୨୦।୫/ଏନ୍ଏନ୍ଏସ୍:** ପୁରୀ ଆରକ୍ଷୀ ଅଧୀକ୍ଷକ (ଏସପି) ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ଗୋପ ଥାନା ଅଧିକାରୀ (ଆଇଆଇସି) ଦୁର୍ଗା ଚରଣ ମହାପାତ୍ର ଏବଂ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଳିକଙ୍କ ନେତୃତ୍ୱରେ ବୁଧବାର ବିଳମ୍ବିତ ରାତିରେ ଯୋଗେଶ୍ୱରପୁର ଓ ନୟାହାଟ ବଜାର ଅଞ୍ଚଳରେ ଏକ ବ୍ୟାପକ ଗାଡ଼ି ମୋଟର ଯାଞ୍ଚ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଯାଞ୍ଚ ସମୟରେ ରାସ୍ତାରେ ଯାତାୟାତ କରୁଥିବା ବାଲି ଗାଡ଼ି, ମାଟି ଗାଡ଼ି ସମେତ ବିଭିନ୍ନ କାର୍ ଓ ମୋଟରସାଇକେଲଗୁଡ଼ିକୁ ଅଟକାଇ ସେଗୁଡ଼ିକର କାଗଜପତ୍ର ଯାଞ୍ଚ କରାଯାଇଥିଲା । ଏହା ସହିତ ହେଲମେଟ ପିନ୍ଧିନଥିବା ବାଇକ୍ ଚାଳକମାନଙ୍କୁ ପୁଲିସ ପକ୍ଷରୁ କଡ଼ା ତାଗିଦ୍ କରାଯାଇଥିଲା । ବିଶେଷକରି ବିଭିନ୍ନ ଗାଡ଼ିରେ ବନ୍ଧୁକ, ମାରଣାସ୍ତ୍ର, ମଦ ଏବଂ ଗଞ୍ଜେଇ ଭଳି ବେଆଇନ ସାମଗ୍ରୀ ଚାଲାଣ ହେଉଥିବା ସନ୍ଦେହରେ ଗୋପ ଥାନା ଅଧିକାରୀ ଶ୍ରୀ ମହାପାତ୍ର ପ୍ରତ୍ୟେକ ଗାଡ଼ିର ଟିକିନିଖି ଯାଞ୍ଚ କରିବା ସହ ଫଟୋଗ୍ରାଫି କରିଥିଲେ । ଯେଉଁ ଗାଡ଼ିଗୁଡ଼ିକର କାଗଜପତ୍ର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଠିକ୍ ଥିଲା, କେବଳ ସେଗୁଡ଼ିକୁ ହିଁ ଯିବା ପାଇଁ ଅନୁମତି ଦିଆଯାଇଥିଲା । ପୁଲିସର ଏଭଳି ଆକସ୍ମିକ ଓ କଡ଼ା ପଦକ୍ଷେପ ଯୋଗୁଁ ସ୍ଥାନୀୟ ଅପରାଧୀମାନଙ୍କ ମନରେ କୋକୁଆଭୟ ସୃଷ୍ଟି ହୋଇଛି । ଆଗାମୀ ଦିନରେ ଅପରାଧ ନିୟନ୍ତ୍ରଣ ପାଇଁ ରାତି ତମାମ ଏବଂ ପାହିବା ପର୍ଯ୍ୟନ୍ତ ଏହିଭଳି ଗାଡ଼ି ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି ଥାନା ଅଧିକାରୀ ଶ୍ରୀ ମହାପାତ୍ର ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ।

# ଦ୍ୱିତୀୟ ଦିନରେ ବିଡିଏର କଳାରାହାଙ୍ଗ ଉଚ୍ଛେଦ ଅଭିଯାନ

**ଭୁବନେଶ୍ୱର,୨୦।୫/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ବୁଧବାର କଳାରାହାଙ୍ଗ ନମ୍ବର-୧୬୮୩ ରେ ଥିବା ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଜାରି ରଖିଛି । ଜବରଦଖଲକାରୀଙ୍କ ବାଧା ସତ୍ତ୍ୱେ ଅଧିକାରୀମାନେ ଅଭିଯାନ ଜାରି ରଖିଥିଲେ । ଦ୍ୱିତୀୟ ଦିନରେ ସରକାରୀ ଜମିରେ ଥିବା ୩୨ଟି ଟିନ୍/ଏସିସି ଛାତବିଶିଷ୍ଟ ଦୋକାନ, ଦୁଇଟି ଲୁହା ଫାଟକ, ଦୁଇଟି ଟିନ୍ ସେଡ୍ ଏବଂ ଗୋଟିଏ କାଠର କେବିନ୍ ହଟାଇ ଦିଆଗଲା । ଭାଙ୍ଗିବା ପରେ ପ୍ରାୟ ୫୦୦ ଡିସିମିଲ୍ ସରକାରୀ ଜମି ଜବରଦଖଲରୁ ସଫଳତାର ସହିତ ମୁକ୍ତ କରାଯାଇଛି । ଏହି ଉଚ୍ଛେଦ କାର୍ଯ୍ୟ ରାଜଧାନୀ ସହର ଏବଂ ଆଖପାଖରେ ଜବରଦଖଲ ହୋଇଥିବା ସରକାରୀ ଜମି ମୁକ୍ତ କରିବା ପାଇଁ ଚାଲୁ ଥିବା ସେଣ୍ଟ୍ରାଲ ଏନ୍‌ଫୋର୍ସମେଣ୍ଟ ମନିଟରିଂ କମିଟି (ସିଇଏମ୍‌ସି ) କାର୍ଯ୍ୟକ୍ରମର ଏକ ଅଂଶ ବୋଲି ଅଧିକାରୀମାନେ କହିଛନ୍ତି । ଏଥିରେ ଯୁଗ୍ମ କମିଶନର (ଏନ୍‌ଫୋର୍ସମେଣ୍ଟ) ରଞ୍ଜନ କୁମାରଙ୍କ ତତ୍ତ୍ୱାବଧାନରେ ଏବଂ ସାଧାରଣ ପ୍ରଶାସନ ବିଭାଗର ଉପନିର୍ଦ୍ଦେଶକ ଅମିୟ କୁମାର ଦାସଙ୍କ ତଦାରଖରେ ଅଭିଯାନ ଚାଲିଥିଲା । ଏଥିରେ ବିଭିନ୍ନ ଏନ୍‌ଫୋର୍ସମେଣ୍ଟ ଓ ପୁଲିସ୍ ଟିମ୍ ଉପସ୍ଥିତ ଥିଲେ ।

# ଜନଭାଗୀଦାରୀ ଅଭିଯାନରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସଚେତନତା



**କଟକ,୨୦।୫/ଏନ୍ଏନ୍ଏସ୍:** ଜନ ଜାତୀୟ ଗରିମା ଉତ୍ସବ ଅବସରରେ ଦେଶବ୍ୟାପୀ ଚାଲିଥିବା ଜନ ଭାଗୀଦାରୀ - ସବ୍‌ସେ ଦୂର ସବସେ ପେହଲେ ବା ସବୁଠାରୁ ଦୂରରେ ସର୍ବପ୍ରଥମେ ଅଭିଯାନ ଅନ୍ତର୍ଗତ ଆଜି ଆଠଗଡ଼ ବ୍ଲକ ଅଙ୍ଗନବାଡ଼ି କେନ୍ଦ୍ରରେ ଏକ ଟିକାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ ୧୬ ଜଣ ଶିଶୁଙ୍କୁ ଟିକାକରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ଏଏନ୍ଏମ୍ ଉପସ୍ଥିତ ରହି ଟିକା ପ୍ରଦାନ କରିଥିଲେ । ସେହିପରି ବାରଙ୍ଗ ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ଗ୍ରାମରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ଅଂଶଗ୍ରହଣ କରି ଗ୍ରାମ ପରିବେଶ ସଫାସୁତୁରା ରଖିବା ଉପରେ ବାର୍ତ୍ତା ଦେଇଥିଲେ । ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ସମ୍ପୃକ୍ତ ବ୍ଲକର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ସ୍ୱାସ୍ଥ୍ୟ ସେବା ସହ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ବୃଦ୍ଧି ପାଇଁ ଏହି ଅଭିଯାନ ଏକ ପ୍ରଭାବଶାଳୀ ପଦକ୍ଷେପ ।

ରାଜ୍ୟ କ୍ୟାବିନେଟ୍

# ବିଲୋପ ହେବ ୩୫୮ ଅଧିନିୟମ

**ଭୁବନେଶ୍ୱର,୨୦।୫/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ଆଇନ ଆୟୋଗର ସୁପାରିଶକୁ ଗ୍ରହଣ କରାଯାଇଛି। ୨୦୨୬ର ଓଡ଼ିଶା ବିଲୋପ ବିଲ୍ ପ୍ରଣୟନ ସହ ୧୯୭୪ରୁ ୨୦୨୫ ମଧ୍ୟରେ ପ୍ରଣୀତ ୩୫୮ ଅଧିନିୟମକୁ ବିଲୋପ କରାଯିବ। ଏନେଇ ଆଇନ ବିଭାଗ ଦ୍ୱାରା ଆସିଥିବା ପ୍ରସ୍ତାବରେ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ବୁଧବାର ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ ଅନୁଗର୍ଗ। ସେ କହିଛନ୍ତି ଯେ, ରାଜ୍ୟ ବିଧାନସଭା ଦ୍ୱାରା ୧୯୭୪ ରୁ ୨୦୨୫ ମଧ୍ୟରେ ପ୍ରଣୀତ ୩୫୮ଟି ଅଧିନିୟମକୁ ଆଇନ ବିଭାଗ ବିଲୋପ ପାଇଁ ଚିହ୍ନଟ କରିଥିଲା।

**୧୯୭୪ରୁ ୨୦୨୫ ମଧ୍ୟରେ ହୋଇଥିଲା ପ୍ରଣୀତ**

ସେଗୁଡ଼ିକ ଏବେ ଅପ୍ରୟୋଜନୀୟ ଓ ଅପ୍ରଚଳିତ ହୋଇପଡ଼ିଛି। ଉକ୍ତ ଅଧିନିୟମର ଅଧିକାଂଶ ସଂଶୋଧନ ଅଧିନିୟମ ଏବଂ ସେଗୁଡ଼ିକ କାର୍ଯ୍ୟକାରୀ ହେବା ପରେ, ସେମାନଙ୍କ ଦ୍ୱାରା କରାଯାଇଥିବା ସଂଶୋଧନ ସମ୍ବନ୍ଧିତ ମୂଳ ଅଧିନିୟମରେ ସମାବେଶ ହୋଇଯାଏ। ତେଣୁ, ଏହି ଅନିୟମଗୁଡ଼ିକୁ ଆଉ ଆଇନ ପୁସ୍ତକରେ ରଖିବାର କୌଣସି ଆବଶ୍ୟକତା ନାହିଁ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ, କିଛି ଅଧିନିୟମ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଏକକାଳୀନ ବ୍ୟବସ୍ଥା ଭାବେ ପ୍ରଣୀତ ହୋଇଥିଲା, ଯାହା କାର୍ଯ୍ୟକାରୀ ହେବା ପରେ ତାହାର ଆବଶ୍ୟକତା ହରାଇଦେଇଛି। ଓଡ଼ିଶା ରାଜ୍ୟ ଆଇନ ଆୟୋଗ ତାହାର ୩୦ ଏପ୍ରିଲ ୨୦୨୬ ଏବଂ ୦୬ ଏପ୍ରିଲ ୨୦୨୬ ତାରିଖ ରିପୋର୍ଟ ମାଧ୍ୟମରେ ୩୫୮ଟି ଅଧିନିୟମକୁ ବିଲୋପ କରିବାକୁ ସୁପାରିଶ କରିଛି। କାରଣ ଏହି ଆଇନଗୁଡ଼ିକ ଅପ୍ରୟୋଜନୀୟ କିମ୍ବା ଅପ୍ରଚଳିତ ହୋଇପଡ଼ିଛି। ଏହି ପଦକ୍ଷେପ ଲୋକମାନଙ୍କ ମନରୁ ଭ୍ରମ ଦୂର କରିବା ସହିତ ଆଇନ ପୁସ୍ତକର ଭାର କମାଇବାର ଉଦ୍ଦେଶ୍ୟ ପୂରଣ କରିବାଣ ମୂଳ ଉଦେଶ୍ୟ ରହିଛି। ଓଡ଼ିଶା ରାଜ୍ୟ ଆଇନ ଆୟୋଗର ସୁପାରିଶ କ୍ରମେ ୧୯୭୪ ରୁ ୨୦୨୫ ମଧ୍ୟରେ ପ୍ରଣୀତ ୩୫୮ଟି ଅଧିନିୟମକୁ ବିଲୋପ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି।

### ତାପଜ ଶକ୍ତି ଉତ୍ପାଦନକୁ ପ୍ରୋତ୍ସାହନ

## ‘ପ୍ରସ୍ତାବିତ’ ଶବ୍ଦ ବିଲୋପ, କେବଳ ‘ଭବିଷ୍ୟତ ଆଇପିପି’

**ଭୁବନେଶ୍ୱର,୨୦।୫/ଏନ୍ଏନ୍ଏସ୍:** ରାଜ୍ୟରେ ତାପଜ ଶକ୍ତି ଉତ୍ପାଦନକୁ ପ୍ରୋତ୍ସାହନ ଦେବା ସହିତ ରାଜ୍ୟକୁ ନିବେଶ ଆକର୍ଷଣ କରିବାର ଉଦ୍ଦେଶ୍ୟରେ ଓଡ଼ିଶା ତାପଜ ଶକ୍ତି ନୀତି, ୨୦୦୮ ଅସୂଚିତ କରାଯାଇଥିଲା। ଓଡ଼ିଶା ତାପଜ ଶକ୍ତି ନୀତି ୨୦୦୮ର କାର୍ଯ୍ୟକ୍ଷମତାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ନୀତିକୁ ଅଧିକ ଆକର୍ଷଣୀୟ କରିବା ଏବଂ ସୁଚାରୁ ଭାବରେ କାର୍ଯ୍ୟାନ୍ୱୟନ କରିବା ଆବଶ୍ୟକ ସଂଶୋଧନ କରାଯାଇଛି। ଫଳରେ ବର୍ତ୍ତମାନ ଚାଲୁଥିବା ନୀତିର ଧାରା-୩ ଅଧୀନରେ ଥିବା ‘ଭବିଷ୍ୟତ ଆଇପିପି ସହ ପ୍ରସ୍ତାବିତ ଏମଓୟୁ’ ଶୀର୍ଷକକୁ ସଂଶୋଧନ କରି ‘ପ୍ରସ୍ତାବିତ’ ଶବ୍ଦକୁ ବିଲୋପ କରାଯାଇଛି। ଏବେ ‘ଭବିଷ୍ୟତ ଆଇପିପି ସହ ଏମ୍ଓୟୁ ଭାବେ ପରିବର୍ତ୍ତିତ ହେବ। ବୁଧବାର କ୍ୟାବିନେଟ୍ ଅନୁମଦେନ ପରେ ଏହି ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ ଅନୁଗର୍ଗ। ସେ କହିଛନ୍ତି ଯେ, ବର୍ତ୍ତମାନ ଚାଲୁଥିବା ନୀତିର ‘ଭବିଷ୍ୟତ ଆପିପି ସହ ପ୍ରସ୍ତାବିତ ଏମଓୟୁର ଧାରା-୩ ଅଧୀନରେ ଥିବା ଉପ-ଧାରା (୩) କୁ ସଂଶୋଧନ କରାଯାଇଛି। ବର୍ତ୍ତମାନ ଥିବା ଆଇପିପି ଠାରୁ ତାପଜ ଶକ୍ତି କେନ୍ଦ୍ରର ୧୪% ଓ ୧୨% ଶକ୍ତିକୁ ପରିବର୍ତ୍ତନଶୀଳ ମୂଲ୍ୟରେ କ୍ରୟ କରିବାର ଅଧିକାର ବଦଳରେ, ତାପଜ ଶକ୍ତି କେନ୍ଦ୍ରରୁ ବାହାରୁଥିବା ଶକ୍ତିର ପାଞ୍ଚ ପ୍ରତିଶତ (୫%)କୁ ପରିବର୍ତ୍ତନଶୀଳ ମୂଲ୍ୟରେ କ୍ରୟ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିକୃତ ଏକ ନାମିତ ସଂସ୍ଥାକୁ ଅଧିକାର ପ୍ରଦାନ କରାଯିବ। ଏହା ସହିତ ସମସ୍ତ ଆଇପିପିମାନଙ୍କୁ ସମୟ ସମୟରେ ସରକାର ଏବଂ ବୈଧାନିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରିକୃତ ପରିବେଶ ମାନଦଣ୍ଡ ଏବଂ ନିର୍ଦ୍ଦେଶାବଳୀକୁ କଠୋର ଭାବରେ ପାଳନ କରିବାକୁ ହେବ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସ୍ପଷ୍ଟ କରିଛନ୍ତି।

## ଦମ୍ପତିଙ୍କୁ ପୋଡ଼ି ହତ୍ୟା ଉଦ୍ୟମ

**ବାଲେଶ୍ୱର,୨୦।୫/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଚକ୍ରଡ଼ା ଗ୍ରାମରେ ଏକ ଦମ୍ପତିଙ୍କୁ ନିଆଁରେ ପୋଡ଼ି ମାରି ଦେବାକୁ ଉଦ୍ୟମ ହୋଇଛି। ନିଆଁ ପୋଡ଼ି ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଏହି ଦମ୍ପତି

**ଶୋଇଥିବା ବେଳେ ପେଟ୍ରୋଲ୍ ଢାଳି ନିଆଁ ଲଗାଇଦେଲେ ଦୁର୍ବୃତ୍ତ**

ହେଉଛନ୍ତି ବିଜୟ ବେହେରା ଓ ଆରତି ବେହେରା। ସେମାନେ ଶୋଇଥିବା ବେଳେ ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ କବାଟ ଭାଙ୍ଗି ଘରେ ପଶି ଯାଇଥିଲେ। ବିଜୟ ଓ ଆରତି ଶୋଇଥିବା ବିଛଣାରେ ଦୁର୍ବୃତ୍ତମାନେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ସେମାନଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ସେଠାରେ ପହଞ୍ଚିଥିଲେ। ହେଲେ ତା’ ପୂର୍ବରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ବିଜୟ ଓ ଆରତିଙ୍କୁ ପଡ଼ୋଶୀମାନେ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ନେଇଥିଲେ। ସେମାନଙ୍କ ଶରୀରର ୭୦ ପ୍ରତିଶତରୁ ଅଧିକ ପୋଡ଼ି ଯାଇଥିବା କୁହାଯାଉଛି। ବସ୍ତା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କେଉଁମାନେ ଏହି ଘଟଣା ଘଟାଇଛନ୍ତି, ତାହା ଜଣାପଡ଼ିନାହିଁ। କୁହାଯାଉଛି, ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥାଇପାରେ। ଘଟଣାସ୍ଥଳରୁ ପୁଲିସ ମାରଣାସ୍ତ୍ର, ପେଟ୍ରୋଲ ବୋତଲ ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରିଥିବା ବେଳେ ତଦନ୍ତ ଜାରି ରଖିଛି।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜାପାନ କନ୍ସୁଲ ଜେନେରାଲ୍

# ଫୋକସ୍‌ରେ ବାଣିଜ୍ୟ, ପର୍ଯ୍ୟଟନ ଓ ନିଯୁକ୍ତି



**ଭୁବନେଶ୍ୱର,୨୦।୫/ଏନ୍ଏନ୍ଏସ୍:** କୋଲକାତାରେ ଅବସ୍ଥାପିତ ଜାପାନର କନସୁଲ୍ ଜେନେରାଲ ମିଷ୍ଟର ଇସିକାଓ୍ୱା ୟୋସିହିସା ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଜାପାନ ଓ ଓଡିଶା ମଧ୍ୟରେ ସହଭାଗିତା ବୃଦ୍ଧି ପାଇଁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ

**ଜାପାନର ‘ତୋତ୍ତୋରି’ ଏବଂ ଓଡ଼ିଶା ‘ସିଷ୍ଟର ଷ୍ଟେଟ୍‌ସ’ ଭାବରେ କାର୍ଯ୍ୟ କରିବେ**

**ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟାରେ ଜାପାନ ପ୍ରମୁଖ ଭୂମିକା ଗ୍ରହଣ କରିବ: ସିଏମ୍**

ଓଡିଶାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପରେ ଜାପାନର ସହଯୋଗ ଏବଂ କ୍ରମବର୍ଦ୍ଧିଷ୍ଣୁ ବାଣିଜ୍ୟିକ ସମ୍ପର୍କ ପାଇଁ ଜାପାନର ଉଚ୍ଚ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଜାପାନ ଓଡ଼ିଶାରେ ଅଧିକ ନିବେଶ କରିବା ସହିତ ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

କନସୁଲ ଜେନେରାଲ୍ ମିଷ୍ଟର ଇସିକାଓ୍ୱା ଉଭୟ ଜାପାନ ଓ ଓଡ଼ିଶା ମଧ୍ୟରେ ଥିବା ଐତିହାସିକ କଳା, ଐତିହ୍ୟ ଓ ସାଂସ୍କୃତିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶ ଉଦ୍ୟମରେ ଜାପାନ ସବୁବେଳେ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ।

ବୈଠକର ନିଷ୍ପତ୍ତି ଅନୁଯାୟୀ ଜାପାନର ଏକ ରାଜ୍ୟ ‘ତୋତ୍ତୋରି’ ଏବଂ ଓଡ଼ିଶା ମଧ୍ୟରେ ସହଭାଗିତା ହେବ। ଏହି ଉଭୟ ରାଜ୍ୟ ‘ସିଷ୍ଟର ଷ୍ଟେଟ୍‌ସ’ ଭାବରେ କାର୍ଯ୍ୟ କରିବେ। ଉଭୟ ରାଜ୍ୟର ଉଚ୍ଚସ୍ତରୀୟ ଡେଲିଗେସନ ଆଗାମୀ ଦିନରେ ପରସ୍ପର ରାଜ୍ୟକୁ ଗସ୍ତ କରିବେ। ପରବର୍ତ୍ତୀ ସମୟରେ ଓଡିଶାର ମୁଖ୍ୟମନ୍ତ୍ରୀ ଏବଂ ତୋତ୍ତୋରି’ର ରାଜ୍ୟପାଳ ଏହି ପାର୍ଟନରସିପ୍ ସମ୍ପର୍କରେ ଅଧିକୃତ ଘୋଷଣା କରିବେ। ଏହା ସହିତ ଓଡ଼ିଶାର ଯୁବକମାନେ କିପରି ଜାପାନରେ ଅଧିକ ନିଯୁକ୍ତି ପାଇବେ, ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଆଗାମୀ ଦିନରେ ଜାପାନର ରିକ୍ରୁଟମେଣ୍ଟ ଏଜେନ୍ସିମାନେ ଓଡ଼ିଶାରେ କାମ କରିବେ। ଓଡ଼ିଶାର ଯୁବକ ଯୁବତୀ ମାନେ ଯେପରି ଅଧିକ ସଂଖ୍ୟାରେ ଜାପାନରେ ନିଯୁକ୍ତି ପାଇପାରିବେ, ସେଦିଗରେ ଏହି ସଂସ୍ଥାମାନେ ସହଯୋଗ ଯୋଗାଇଦେବେ। ଏହା ବ୍ୟତୀତ ଜାପାନ ଏବଂ ଓଡ଼ିଶା ମଧ୍ୟରେ ବାଣିଜ୍ୟ, ପୁଞ୍ଜିନିବେଶ, ଟେକ୍ନୋଲୋଜି ଓ ପର୍ଯ୍ୟଟନ କ୍ଷେତ୍ରରେ ଥିବା ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ବୁଦ୍ଧିଷ୍ଟ ସର୍କିଟ୍ ଓ ଅନ୍ୟାନ୍ୟ ପ୍ରାକୃତିକ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହା ସହିତ ଶିକ୍ଷା କ୍ଷେତ୍ରରେ ସହଭାଗିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଉପସ୍ଥିତ ଥିଲେ।

**ବିଜେଡିର ଅଭିଯୋଗ**

## ଓଡ଼ିଶାରେ ଅପରାଧ ଉପରମୁହାଁ, କୋମାରେ ପୁଲିସ



**ଭୁବନେଶ୍ୱର,୨୦।୫/ଏନ୍ଏନ୍ଏସ୍:** ରାଜ୍ୟରେ ଅପରାଧ ଉପରମୁହାଁ ହୋଇଥିଲା ବେଳେ ମନୋବଳ ହରାଇ ପୁଲିସ କୋମାରେ। ବ୍ରହ୍ମପୁରରେ ବିଚ୍ ବଜାରରେ ଅପରାଧୀମାନେ ଯେଉଁଭଳି ଭାବେ ଅମାନବୀୟ କାଣ୍ଡ ରଚିଲେ ତାହା ରାଜ୍ୟବାସୀଙ୍କ ମୁଣ୍ଡ ତଳକୁ କରିଛି। ପ୍ରତ୍ୟେକ ଦିନ ରାଜ୍ୟବାସୀ କେବଳ ଗୁଣ୍ଡାରାଜ ଓ ଅରାଜକତାର ଚିତ୍ର ଦେଖୁଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ବୁଧବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ରାଜ୍ୟରେ ଆଇନଶୃଙ୍ଖଳାର ଚରମ ଅଧୋଗତିକୁ ନେଇ ବିଜେପି ସରକାରକୁ ଟାର୍ଗେଟ କରିଛନ୍ତି।

ଶ୍ରୀ ବକ୍ସିପାତ୍ର କହିଛନ୍ତି, ପୁଲିସର ନିଷ୍କ୍ରିୟତା ପାଇଁ ଗଞ୍ଜାମ ଜିଲ୍ଲାରେ ଗତ ଏକ ମାସରେ ୧୦ରୁ ଅଧିକ ହତ୍ୟାକାଣ୍ଡ ସଂଗଠିତ ହୋଇଛି। ଗତ ସୋମବାର ଦିନ ଗିରିରୋଡରେ ଘଟିଥିବା ବର୍ବୋରଚିତ ଆକ୍ରମଣର ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବାକୁ ସାହାସ ଜୁଟାଇ ପାରୁନାହିଁ। ଏଫ୍ଆଇଆରରେ ନଁଥିଲେ ମଧ୍ୟ ଶାସକ ଦଳର ଇଙ୍ଗିତରେ ତଦନ୍ତରେ ଅଭିଯୁକ୍ତଙ୍କ ନାଁ କଟାଯାଉଛି। ଏଥିପାଇଁ ଆଜି ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ ଜିଲ୍ଲା ରାଜ୍ୟର କ୍ରାଇମ ହବ୍ ଭାବେ ଅପଖ୍ୟାତି ମୁଣ୍ଡାଇଛି। ଶ୍ରୀ ସାହୁ କହିଛନ୍ତି ଯେ, ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ସାରା ରାଜ୍ୟରେ ବିଜେପି ନେତା ଓ ଅପରାଧୀଙ୍କ ମଧ୍ୟରେ ଏକ ଅନୈତିକ ବୁଝାବଣା ହୋଇ ପୁଲିସ ଉପରେ ଚାପ ପ୍ରୟୋଗ କରାଯାଉଛି। ଫଳସ୍ୱରୁପ ପୁଲିସ ମନୋବଳ ଭାଙ୍ଗିଯାଇଛି। ଯାହାର ଚିତ୍ର ପ୍ରତ୍ୟେକ ଦିନ ରାଜ୍ୟବାସୀ ଦେଖୁଛନ୍ତି। ନୟାଗଡରେ ଥାନା ମଧ୍ୟରେ ପୁଲିସକୁ ଆକ୍ରମଣ, ଭୁବନରେ ଥାନା ଆଇଆଇସିଙ୍କୁ ଆକ୍ରମଣ କରି ବାଲି ମାଫିଆମାନେ ଗାଡ଼ି ଛଡାଇନେବା, ଟାଙ୍ଗିରେ ପୁଲିସ ଉପସ୍ଥିତିରେ ପ୍ରଶାସନିକ ଅଧିକାରୀଙ୍କୁ ବିଜେପି ନେତାଙ୍କ ଦୁର୍ବ୍ୟବହାର ଘଟଣା ଦେଖିବାକୁ ମିଳିଛି। ପିଏସ୍ଓଙ୍କ ବନ୍ଧୁକ ଛଡ଼ାଇ ବିଜେପି ବିଧାୟକ ଫାଙ୍କା ଗୁଳିଚାଳନା କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଅପରାଧୀଙ୍କୁ ଏନକାଉଣ୍ଟର ପାଇଁ ଯେଉଁଦିନ ଡିଜିପି କହୁଛନ୍ତି, ସେହିଦିନ ହିଁ ବ୍ରହ୍ମପୁରରେ ବର୍ବୋଚିତକାଣ୍ଡ ଘଟୁଛି। ଡ. ମହାନ୍ତି କହିଥିଲେ ଯେ ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ ଜିଲ୍ଲାକୁ ଅପରାଧୀଙ୍କ ହାତରେ ଟେକି ଦେଇଛନ୍ତି ଡବଲ ଇଞ୍ଜିନ ସରକାର। ଡିଜିପି ତୁରନ୍ତ ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରନ୍ତୁ ଯଦ୍ୱାରା ସାଧାରଣ ଲୋକ ପୁଲିସ ଉପରେ ଭରସା ରଖିପାରିବେ।

## ପୋଖରୀରୁ ମୃତ ହାତୀ ଛୁଆ ଉଦ୍ଧାର



**ବେଗୁନିଆ,୨୦।୫/ଏନ୍ଏନ୍ଏସ୍:** ବେଗୁନିଆ ବ୍ଲକ ହଜ ପଞ୍ଚାୟତ ଅନ୍ତର୍ଗତ ନିଧିପୁରୁ ମୁରୁକୁଣ୍ଡ ପୋଖରୀରୁ ଗୋଟିଏ ହାତୀ ଛୁଆର ମୃତ ଦେହ ଉଦ୍ଧାର କରାଯାଇଛି। ଗତ ରାତିରେ ପୋଖରୀରେ ୧୮ ଟିକିଆ ହାତୀ ପଲ୍ଲ ଜଳ କ୍ରୀଡା କରୁଥିବା ସମୟରେ ଦଳା ଚକଟା ହୋଇ ହାତୀ ଛୁଆ ମରିଯାଇଥିବା ସୂଚନା ମିଳିଛି। ସକାଳୁ ସକାଳୁ ପୋଖରୀକୁ ଲୋକମାନେ ଗାଧୋଇ ଗଲା ବେଳେ ଛୁଆ ହାତୀର ମୃତଦେହ ଦେଖି ବନ ବିଭାଗ କୁ ସୂଚନା ଦେଇଥିଲେ। ଟାଙ୍ଗୀ ବନ କର୍ମଚାରୀ ମାନେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

**ବିଭାଗୀୟ ନୋଡାଲ୍ ଅଧିକାରୀଙ୍କୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ**

## ଓଡ଼ିଶାକୁ ବିଶ୍ୱର ଅଗ୍ରଣୀ ପୁଞ୍ଜିନିବେଶ ସ୍ଥଳ ଭାବେ ଗଢ଼ି ତୋଳିବାକୁ ଉଦ୍ୟମ କର



**ଭୁବନେଶ୍ୱର,୨୦।୫/ଏନ୍ଏନ୍ଏସ୍:** ରାଜ୍ୟରେ ଆହୁରି ତ୍ୱରାନ୍ୱିତ ହେବ ଶିଳ୍ପ ଅଭିବୃଦ୍ଧି। ଇଣ୍ଡଷ୍ଟ୍ରିଆଲ୍ ପ୍ରମୋସନ ଆଣ୍ଡ ଇନଭେଷ୍ଟମେଣ୍ଟ କର୍ପୋରେସନ ଅଫ୍ ଓଡ଼ିଶା ଲିମିଟେଡ୍ (ଇପିକଲ୍)ର ସମୀକ୍ଷା ବୈଠକରେ ପୁଞ୍ଜିନିବେଶ ପ୍ରସ୍ତାବଗୁଡିକର ବାସ୍ତବ ରୂପାୟନ ଉପରେ ଗୁରୁତ୍ୱ ଦେଇଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ସମସ୍ତ ବିଭାଗୀୟ ନୋଡାଲ ଅଧିକାରୀଙ୍କୁ ଉଦ୍ୟୋଗୀ ମନୋଭାବ ଗ୍ରହଣ କରିବା ସହ ଶିଳ୍ପଗୁଡ଼ିକର ସହଜ କାର୍ଯ୍ୟକାରିତା ପାଇଁ ଅଧିକ ସକ୍ରିୟ ଭାବେ ସହାୟତା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ଓଡ଼ିଶାକୁ ବିଶ୍ୱର ଅଗ୍ରଣୀ ପୁଞ୍ଜିନିବେଶ ସ୍ଥଳ ଭାବେ ଗଢ଼ି ତୋଳିବାକୁ ଉଦ୍ୟମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଚାଲୁ ରହିଥିବା ଶିଳ୍ପଭିତ୍ତିକ କାର୍ଯ୍ୟକଳାପର ଅଗ୍ରଗତି, ପ୍ରକଳ୍ପ ଗୁଡିକର କ୍ଷେତ୍ରସ୍ତରୀୟ ସ୍ଥିତି ଏବଂ ଆଗାମୀ ଦିନରେ ହେବାକୁ ଥିବା ନିବେଶ ରୋଡ୍‌ଶୋ’ ନେଇ ସମୀକ୍ଷା କରିଥିଲେ। ଏହାସହ ରାଜ୍ୟରେ ‘ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ’ ବ୍ୟବସ୍ଥାରେ ସୁଧାର ଏବଂ ଶିଳ୍ପଗୁଡ଼ିକୁ ସାହାଯ୍ୟ କରିବା ପାଇଁ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା ଡିଜିଟାଲ୍ ବ୍ୟବସ୍ଥା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଓଡ଼ିଶାକୁ ସାରା ବିଶ୍ୱରେ ଅଗ୍ରଣୀ ପୁଞ୍ଜିନିବେଶ ସ୍ଥଳ ଭାବେ ପ୍ରତିଷ୍ଠିତ କରିବା ଉପରେ ବୈଠକରେ ଜୋର ଦେଇଛନ୍ତି ମନ୍ତ୍ରୀ ଶ୍ରୀ ସ୍ୱାଇଁ। ଏଥିପାଇଁ ତଥ୍ୟ-ଆଧାରିତ ନିବେଶକ ଚୟନ, ଜିଲ୍ଲାସ୍ତରୀୟ ସଂସ୍ଥାଗୁଡ଼ିକ ମାଧ୍ୟମରେ ପ୍ରକଳ୍ପ ଅନୁଧ୍ୟାନ ଏବଂ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ଆଉଟରିଚ୍ କାର୍ଯ୍ୟକ୍ରମ ଆୟୋଜନ ଉପରେ ସେ ଗୁରୁତ୍ୱ ଦେଇଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ଶିଳ୍ପ ନିର୍ଦ୍ଦେଶିକା ଆବୋଲି ନରଭଣେଙ୍କ ସମେତ ଇପିକଲ୍‌ର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଜିଲ୍ଲା ଯୋଗାଣ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ

# ଯୋଗାଣ ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତାକୁ ମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର,୨୦।୫/ଏନ୍ଏନ୍ଏସ୍:** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ରାଜ୍ୟ ଯୋଗାଣ ନିଗମ ମିଳିତ ଆନୁକୂଲ୍ୟରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ବୁଧବାର ଲୋକସେବା ଭବନ କାନଭେନ ସେଣ୍ଟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି।

ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗାଣ ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରିଥିଲେ। ନିକଟରେ ରନ୍ଧନ ଗ୍ୟାସର କଳାବଜାରୀ ରୋକିବାରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ବିଭିନ୍ନ ସ୍ଥାନରେ ଚଢ଼ଉ କରି ସେମାନେ ପ୍ରାୟ ୮ ହଜାର ଗ୍ୟାସ ସିଲିଣ୍ଡର ଜବତ କରିଥିଲେ। ସେହିଭଳି ପେଟ୍ରୋଲ-ଡିଜେଲ କଳାବଜାରୀ କରିଥିବା ଲୋକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଖାଲି ସେତିକି ନୁହେଁ ଚାଷୀମାନଙ୍କଠାରୁ ଠିକଣା ସମୟରେ ସେମାନଙ୍କଠାରୁ ଧାନ ସଂଗ୍ରହ, ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଜାରି ରଖିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରିବାରେ ଯୋଗାଣ ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ସେ କହିଥିଲେ। ସେହିଭଳି ଖାଉଟିମାନଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ଖାଉଟି ଫୋରମ୍‌କୁ କାର୍ଯ୍ୟକ୍ଷମ କରାଯାଇଛି। ପ୍ରତି ବ୍ଲକ୍ ଓ ଜିଲ୍ଲା ସ୍ତରରେ ଏହାକୁ ତ୍ୱରାନ୍ୱିତ କରାଯାଇପାରିଲେ ସାଧାରଣ ନାଗରିକ ବିଶେଷ ଭାବେ ଉପକୃତ ହୋଇପାରିବେ। ସେହିଭଳି ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାକୁ ସଫଳ ରୂପାୟନ ଦିଗରେ ସେ ସମସ୍ତଙ୍କୁ ସହଯୋଗ ଲୋଡ଼ିଥିଲେ। ସେହିଭଳି ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ନିଜ ଉଦ୍‌ବୋଧନରେ ସାଧାରଣ ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ ଦ୍ୱାରା ଲୋକମାନଙ୍କ ନିକଟରେ ସରକାରଙ୍କ ଆଭିମୁଖ୍ୟ ପହଞ୍ଚିପାରିବ ବୋଲି ସେ ମତ ଦେଇଥିଲେ। ଖାଦ୍ୟ ସୁରକ୍ଷା ଯୋଜନାର ସମସ୍ତ ହିତାଧିକାରୀମାନଙ୍କ ଇ-କେଓ୍ୱାସି ୯୬ ପ୍ରତିଶତ ଶେଷ ହୋଇଛି। ଏହାକୁ ଶତପ୍ରତିଶତ କରିବା ପାଇଁ ସମସ୍ତଙ୍କର ପ୍ରଚେଷ୍ଟା ଜାରି ରଖିବାକୁ ସେ କହିଥିଲେ। ସେହିଭଳି ୧୪୪ଟି ସୁଲଭ ମୂଲ୍ୟ ଦୋକାନରେ ଶତପ୍ରତିଶତ ଇ-କେଓ୍ୱାଇସି ଯାଞ୍ଚ ଶେଷ ହୋଇଛି ଓ ବାକିଥିବା ଅନ୍ୟ ସୁଲଭ ମୂଲ୍ୟ ଦୋକାନରେ ଏହି ପ୍ରକ୍ରିୟା ଶତପ୍ରତିଶତ ଛୁଇଁବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସେହିଭଳି ଗତ ଖରିଫ ଋତୁରେ ପ୍ରାୟ ୧୯ ଲକ୍ଷ ଚାଷୀମାନଙ୍କଠାରୁ ୭୮ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନ୍‌ପୁଟ ସହାୟତା ବାବଦକୁ ପ୍ରାୟ ୨୪ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ବିଭିନ୍ନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ବଜାରରେ ଉପଲବ୍ଧ କରାଇବାରେ ଯୋଗାଣ ଅଧିକାରୀମାନଙ୍କ ଭୂମିକାକୁ ସେ ପ୍ରଶଂସା କରିଥିଲେ। ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ ପ୍ରସଙ୍ଗ ଉପରେ ସମ୍ମିଳନୀରେ ଆଲୋଚନା କରିଥିବା ବେଳେ ବିଭାଗୀୟ ଅତିରିକ୍ତ ଶାସନ ସଚିବସୁଦାମ ଚରଣ ମଣ୍ଡଳ, ସ୍ୱତନ୍ତ୍ର ଶାସନ ସଚିବ ପୁରନ୍ଦର ଧରୁଆ, ଶ୍ରୀ ଶ୍ରୀଧର ନାୟକ, ଯୋଗାଣ ନିଗମ ସାଧାରଣ ପରିଚାଳକ ପ୍ରଭାତ ମହାପାତ୍ର, ଏଲୋରା ସାମଲ, ପ୍ରଣତି ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ନିଜ ନିଜର ମନ୍ତବ୍ୟ ରଖିଥିଲେ।

ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ଓ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସମ୍ମିଳନୀରେ ଧାନକିଣା, ଇ-କେଓ୍ୱାସି ଓ ମଣ୍ଡି ପରିଚାଳନାରେ ପ୍ରଯୁକ୍ତି ବିଦ୍ୟା ଉପଯୋଗ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜିଲ୍ଲାଗୁଡ଼ିକୁ ମନ୍ତ୍ରୀ ଶ୍ରୀ ପାତ୍ର ସମ୍ବର୍ଦ୍ଧିତ କରିଥିଲେ। ଧାନସଂଗ୍ରହ କ୍ଷେତ୍ରରେ ବରଗଡ଼, କଳାହାଣ୍ଡି ଓ ଗଞ୍ଜାମ ଜିଲ୍ଲାକୁ ସମ୍ବର୍ଦ୍ଧିତ କରିଥିବାବେଳେ ଇ-କେଓ୍ୱାସି କରିବାରେ ସଫଳତା ହାସଲ କରିଥିବା ଜିଲ୍ଲା ଭାବେ ସୁନ୍ଦରଗଡ଼, ଦେବଗଡ଼, ମୟୂରଭଞ୍ଜ ଜିଲ୍ଲା, ଜିପିଏସ୍ ଆଧାରିତ ଗାଡ଼ି-ଟ୍ରାକିଂ ପାଇଁ ଝାରସୁଗୁଡ଼ା, ଭଦ୍ରକ, ସୁନ୍ଦରଗଡ଼ ଏବଂ ମଣ୍ଡି ପରିଚାଳନା ଆପ୍ ବ୍ୟବହାର ଦିଗରେ ଉତ୍କର୍ଷ ଲାଭ କରିଥିବା ସୁବର୍ଣ୍ଣପୁର, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାକୁ ମାନପତ୍ର ପ୍ରଦାନ କରାଯାଇଥିଲା। ଉପ ଶାସନ ସଚିବ ସରୋଜ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

**ଶତପ୍ରତିଶତ ଇ-କେଓ୍ୱାଇସି ପାଇଁ ଯୋଗାଣ ସଚିବଙ୍କ ଟାର୍ଗେଟ୍**



ଗୋ-ପାଳକଙ୍କୁ ମରଣାନ୍ତକ ଆକ୍ରମଣ ଓ ଲୁଟ୍‌ପାଟ୍ ଘଟଣା

# ଜିଲ୍ଲା ଯାଦବ ମହାସଭା ପକ୍ଷରୁ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଦାବିପତ୍ର



**ଡେଲାଙ୍ଗ,୨୦।୫/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ଥାନା ଅଞ୍ଚଳରେ ଗତ୧୨ତାରଖରେ ୫ଜଣ ଗୋପାଳକଙ୍କୁ ବଜରଙ୍ଗ ଦଳ ଓ ହିନ୍ଦୁ ଜାଗରଣ ମଞ୍ଚର ପରିଚୟ ଦେଇ ମରଣାତ୍ମକ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ପୋଲିସ ପୃଥକ ମାମଲା ରୁଜୁକରିଥିଲା। ତେବେ ୫ ଜଣ ଗୋପାଳକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲଣ କରିଥିବା ବେଳେ ପ୍ରତିପକ୍ଷରୁ କାହାରିକୁ ଗିରଫ କରାଯାଇନଥିବା ବେଳେ ଜିଲ୍ଲା ଯାଦବ ମହାସଭା ପକ୍ଷରୁ ପୁରୀ ଏସ୍.ପି ପ୍ରତିକ୍ ସିଂହ ଓ କଲେକ୍ଟର ଦିବ୍ୟଜ୍ୟୋତି ପରିଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଥାଉ କି ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷା ଋତୁ ଆଗମନ ପୂର୍ବରୁ ଦେଶପଟୁ ଗୋପାଳକମାନେ ଗାଇଗୋରୁ ନେଇ ପରଙ୍ଗ (ପାହାଡିଆ) ଅଂଚଳକୁ ଯାଇଥାନ୍ତି। ବର୍ଷା ଋତୁ ଆସିଲେ ଗୋରୁ ଚରିବା ପାଇଁ ସୁବିଧା ନଥିବାରୁ ଗୋରୁମାନଙ୍କୁ ପାହାଡିଆ ଅଂଚଳକୁ ନେଇଥାନ୍ତି। ଗତ ୧୨ ତାରିଖ ରାତିରେ ପୋଡଙ୍ଗ ଗ୍ରାମର ଗୋପାଳକ କୈଳାସ ବେହେରାଙ୍କ ପୁଅ ବିକାଶ ବେହେରା ସ୍ଥାନିୟ ସରପଂଚଙ୍କ ଠାରୁ ଗୋପାଳନର ଏକ ଲେଖା ସହିତ ତାଙ୍କ ସମ୍ପର୍କିୟ ଶଶିକାନ୍ତ ବେହେରା ଓ ତାଙ୍କ ସହଯୋଗୀମାନଙ୍କ ସହିତ ଗୋରୁ ନେଇ ପରଙ୍ଗ ଯାଉଥିବା ବେଳେ ଗଡମାଣିତ୍ରି ଗ୍ରାମରେ କେତେକ ଲୋକେ ବଜରଙ୍ଗ ଦଳର ପରିଚୟ ଦେଇ ଗୋପାଳକଙ୍କୁ ଅଟକାଇ ଗୋଚାଲଣ ସନ୍ଦେହରେ ତାଙ୍କୁ ମରଣାତ୍ମକ ଆକ୍ରମଣ କରିବା ସହିତ ମାଡମାରି ମୋବାଇଲ୍ ଫୋନ, ବାଇକ୍ ଓ ୧୦୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଛଡ଼ାଇ ନେଇଥିବା ଗୋପାଳକ କୈଳାସ ବେହେରା ଥାନାରେ ଅଭିଯୋଗ କରିଥିଲେ। ଗୋପାଳକଙ୍କୁ ଆକ୍ରମଣ ଖବର ପାଇ ଡେଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଆହତଙ୍କୁ ଉଦ୍ଧାର କରି ଡାକ୍ତଖାନାରେ ଚିକିତ୍ସା କରାଇଥିଲେ। ପରେ ଗୋପାଳକମାନଙ୍କୁ ଗୋଚାଲଣ ଅଭିଯୋଗରେ ଗିରଫ କରି କୋର୍ଟ ପଠାଇଥିଲେ। ଅନ୍ୟପଟେ ପୋଲିସ ପକ୍ଷରୁ ସଠିକ୍ ତଦନ୍ତ କରାନଯାଇ ନିରୀହ ଗୋପାଳକମାନଙ୍କୁ ଜେଲ୍ ପଠାଇବା ଘଟଣାକୁ ଯାଦବ ମହାସଭା ପକ୍ଷରୁ ନିନ୍ଦା କରାଯାଇଛି। ଏହା ସହିତ ଗୋପାଳକମାନଙ୍କ ବିରୋଧରେ କରାଯାଇଥିବା ମିଥ୍ୟା ମାମଲାର ସଠିକ୍ ତଦନ୍ତ କରାଯାଇ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଗୋପାଳକମାନଙ୍କ ସୁରକ୍ଷା ପାଇଁ ଯାଦବ ମହାସଭା ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ଦେବା ସମୟରେ ମହାସଭା ସମ୍ପାଦକ ଚିତ୍ରସେନ ବେହେରା, ସଞ୍ଜୟ ବେହେରା, ଦେବପ୍ରସାଦ ବେହେରା, ବ୍ରଜବନ୍ଧୁ ବେହେରା, ସନ୍ତୋଷ ବେହେରା, ଦ୍ୱିତିକାନ୍ତ ବେହେରା, ବିଶ୍ୱଜିତ୍ ପ୍ରଧାନ ପ୍ରମୁଖ ଉପସ୍ଥିତଥିଲେ।

## ଔଷଧ ଦୋକାନ ବନ୍ଦ: ରୋଗୀ ସେବା ପ୍ରଭାବିତ

**ସାକ୍ଷୀଗୋପାଳ,୨୦।୫/ଏନ୍‌ଏନ୍‌ଏସ୍:** ଅନଲାଇନ ଔଷଧ ବିକ୍ରିକୁ ବିରୋଧ କରି ଦେଶବ୍ୟାପୀ ଔଷଧ ଦୋକାନ ବନ୍ଦ ଡାକରା ଦିଆଯାଇଛି। ଏହାର ପ୍ରଭାବ ଆଜି ସତ୍ୟବାଦୀର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି। ବିଶେଷ କରି ସତ୍ୟବାଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ସମସ୍ତ ଔଷଧ ଦୋକାନ ସ୍ୱଇଚ୍ଛାରେ ବନ୍ଦ ରହିଥିଲା। ଔଷଧ ବ୍ୟବସାୟୀମାନେ କହିଛନ୍ତି ଯେ, ଅନଲାଇନ ମାଧ୍ୟମରେ ଅନିୟନ୍ତ୍ରିତ ଔଷଧ ବିକ୍ରି ହେବା ଫଳରେ ସ୍ଥାନୀୟ ଔଷଧ ବ୍ୟବସାୟ ମଧ୍ୟ ଗୁରୁତର ପ୍ରଭାବିତ ହେଉଛି। ଏହାକୁ ବିରୋଧ କରି ଦେଶସାରା ଆନ୍ଦୋଳନର ଅଂଶ ଭାବେ ଆଜି ଦୋକାନ ବନ୍ଦ ରଖାଯାଇଥିବା ସେମାନେ ପ୍ରକାଶ କରିଛନ୍ତି। ତେବେ ଏହାର ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମେଡିସିନ ଷ୍ଟୋର ବନ୍ଦ ରହିବ ବୋଲି ଜଣେ ମେଡ଼ିସିନ ଷ୍ଟୋର ମାଲିକ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି। ଦୋକାନ ବନ୍ଦ ଥିବାରୁ କିଛି ରୋଗୀ ଓ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖାଯାଇଛି। ତେବେ ଜରୁରୀକାଳୀନ ସେବା ପାଇଁ କିଛି ସ୍ଥାନରେ ବିକଳ୍ପ ବ୍ୟବସ୍ଥା ରଖାଯାଇଥିବା ସୂଚନା ମିଳିଛି। ଅଞ୍ଚଳର ଅନ୍ୟାନ୍ୟ ଛକ ବଜାର ଅଞ୍ଚଳରେ ମଧ୍ୟ ଏହି ବନ୍ଦର ପ୍ରଭାବ ରହିଛି।

## ହଳଦିଆ ମହାବିଦ୍ୟାଳୟରେ ସଫଳତା

**ଖୋର୍ଦ୍ଧା,୨୦।୫/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଉପକଣ୍ଠ ହଳଦିଆ ମହାବିଦ୍ୟାଳୟର ଯୁକ୍ତ୨ ପରୀକ୍ଷାଫଳ ପ୍ରକାଶ ପାଇଛି। ଯୁକ୍ତ ୨ କଳା ରେ ସମୁଦାୟ ୨୨୯ଜଣ ରେଗୁଲାର ଭାବେ ପରୀକ୍ଷା ଦେଇଥିଲେ। କୁମାରୀ ସ୍ୱପ୍ନାରାଣୀ ସାହୁ ୬୦୦ରୁ ୫୪୭ ସର୍ବୋଚ୍ଚ ମାର୍କ ରଖି ମହାବିଦ୍ୟାଳୟରେ ପ୍ରଥମ ସ୍ଥାନ ଅର୍ଜନ କରିଛନ୍ତି। ମୋଟ ୨୨୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୮ଜଣ ପାସ କରିଛନ୍ତି ସେହିପରି ବାଣିଜ୍ୟରେ ସମୁଦାୟ ୧୫ଜଣ ରେଗୁଲାର ଭାବେ ପରୀକ୍ଷା ଦେଇଥିଲେ। ଲକ୍ଷ୍ମୀପ୍ରିୟା ବରାଡ଼ ୬୦୦ରୁ ୪୬୬ ମାର୍କ ରଖି ପ୍ରଥମ ସ୍ଥାନ ଅର୍ଜନ କରିଛନ୍ତି। ମୋଟ ୧୫ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨ ଜଣ ପାସ କରିଛନ୍ତି। ବିଜ୍ଞାନରେ ସମୁଦାୟ ୧୩ ଜଣ ରେଗୁଲାର ଭାବେ ପରୀକ୍ଷା ଦେଇଥିଲେ। ସୋନାଲି ବାରିକ ୬୦୦ରୁ ୪୯୩ ମାର୍କ ରଖି ମହାବିଦ୍ୟାଳୟରେ ପ୍ରଥମ ସ୍ଥାନ ଅର୍ଜନ କରିଛନ୍ତି। ମୋଟ ୧୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ଜଣ ପରୀକ୍ଷାର୍ଥୀ ପାସ କରିଛନ୍ତି। ଚଳିତ ବର୍ଷ ସମସ୍ତ ବିଭାଗରେ ଛାତ୍ରୀମାନେ ପ୍ରଥମ ସ୍ଥାନ ଅର୍ଜନ କରି ମହାବିଦ୍ୟାଳୟର ସୁନାମ ଅକ୍ଷୁର୍ଣ୍ଣ ରଖିଛନ୍ତି।

## ଗୋରୁ ଚାଲାଣ ଅଭିଯୋଗରେ ୭ ଗିରଫ

**ଦଶପଲ୍ଲା,୨୦।୫/ଏନ୍‌ଏନ୍‌ଏସ୍:** ଚୋରିକରି ବେ ଆଇନି ଭାବେ ଗୋରୁ ଚାଲାଣ ଅଭିଯୋଗରେ ବୁଧବାର ଦିନ ବାଣୀଗୋଛା ପୋଲିସ ୭ଜଣ ଯୁବକଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଗିରଫ ଯୁବକମାନେ ହେଉଛନ୍ତି ରାୟଗଡା ଜିଲ୍ଲା ମୁନିଗୁଡା ଥାନା ଅନ୍ତର୍ଗତ ଦାଣ୍ଡପଦର ଗ୍ରାମର ମାଧବ ନାୟକ(୨୮), ଡାଙ୍ଗସରଡ଼ ଗ୍ରାମର ମୁକୁନ୍ଦ ଗରଡ଼ିଆ(୨୨), ପଦ୍ମଚରଣ କୁସୁଲିଆ(୨୦), ଗୁମୁକୁଡି ଗ୍ରାମର ସରୋଜ ବାଗ(୨୦), ଖଗେଶ୍ୱର ବାଗ(୩୮), ଅରୁଣ ବାଗ(୩୫), ରମେଶ କୁସୁଲିଆ(୨୦) ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଏହାସହ ଏହି ଗୋ ଚାଲାଣରେ ବ୍ୟବହୃତ ତିନୋଟି ବୋଲେରୋ ମ୍ୟାକ୍ସ ପିକ୍‌ଅପ୍‌କୁ ଜବତ କରିବା ସହ ଏହାକୁ ଏସ୍କର୍ଟ ଦେଉଥିବା ଏକ ସ୍କର୍ପିଓ ଗାଡ଼ିକୁ ଜବତ କରିଛି। ପିକ୍‌ଅପ୍‌ରେ ଥିବା ୧୮ଟି ବଳଦକୁ ପୋଲିସ ଉଦ୍ଧାରକରି ସ୍ଥାନୀୟ ଶ୍ରୀଜଗନ୍ନାଥ ଗୋ ସେବା ସମିତିରେ ଛାଡ଼ିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଦୀର୍ଘଦିନ ଧରି ଦଶପଲ୍ଲାରେ ଏହି ବେଆଇନ ଗୋରୁ ଚାଲାଣ ଚାଲିଥିବା ବେଳେ ବାହାର ରାଜ୍ୟକୁ ଚାଲାଣ ହେଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହି ଗୋରୁ ଚାଲାଣ ଦଶପଲ୍ଲାର ବିଭିନ୍ନ ଅଞ୍ଚଳରୁ ଚୋରି କରାଯାଇ ରାୟଗଡା ପରେ ଛତିଶଗଡ଼ ଚାଲାଣ ହେଉଥିବା ଆଲୋଚନା ହେଉଛି। ଦୀର୍ଘଦିନ ଧରି କାର୍ଯ୍ୟରୁ ନିବୃତ୍ତ କଇଁଆଡିହ ଗ୍ରାମର ଜଣେ ହୋମଗାର୍ଡ ଶିବସେନ ନାୟକ ଏହି ଗୋ ଚାଲାଣ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବା ପରେ ସେ ଫେରାର୍ ଥିବା ଜଣାପଡ଼ିଛି। ମଙ୍ଗଳବାର ଖବର ପାଇ ବାଣୀଗୋଛା ଥାନା ସବ୍ ଇନ୍‌ସପେକ୍ଟର ବିରେନ୍ଦ୍ର କୁମାର ଦେହୁରୀ ସଦଳବଳେ ଏହାକୁ ଧରିବାରେ ସଫଳ ହୋଇଥିଲେ।

## ପାନୀୟ ଜଳ ଯୋଗାଣ କେନ୍ଦ୍ର ଉଦ୍‌ଘାଟିତ

**ସାକ୍ଷୀଗୋପାଳ,୨୦।୫/ଏନ୍‌ଏନ୍‌ଏସ୍:** ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ନିକଟରେ ଏକ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଛି। ସତ୍ୟବାଦୀ ବିଡ଼ିଓ ତଥା ମନ୍ଦିର ପରିଚାଳନା କମିଟି ସଦସ୍ୟ ଦେବାଶିଷ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ସତ୍ୟବାଦୀ ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡା, ଗୋଷ୍ଠୀ ପ୍ରାଣୀ ସମ୍ପଦ ଅଧିକାରୀ ତଥା ପରିଚାଳନା କମିଟି ସଦସ୍ୟ ବନଜକାନ୍ତ ପତି, ଅତିରିକ୍ତ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି କେନ୍ଦ୍ର ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେଇଥିବା ଭିରବାକ୍ ପ୍ରାଣୀ ଔଷଧ ପ୍ରସ୍ତୁତ କମ୍ପାନୀର ଏରିଆ ମ୍ୟାନେଜର ଅମୁଲ୍ୟ କୁମାର ସାହୁ, ସହଯୋଗୀ ଦିପଙ୍କର ନାୟକ ଓ ଲକ୍ଷ୍ମୀନାରାୟଣ ସାହୁ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଏଥିପାଇଁ କମ୍ପାନୀ ପକ୍ଷରୁ ପ୍ରାୟ ୫ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହିପରି ୪ଟି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ବୋଲି ମ୍ୟାନେଜର ଶ୍ରୀ ସାହୁ କହିଛନ୍ତି।

## କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଟାଙ୍ଗୀ,୨୦।୫/ଏନ୍‌ଏନ୍‌ଏସ୍:** ଓଡିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ +୨ ବିଜ୍ଞାନ, କଳା, ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶିତ ହୋଇଥିବା ବେଳେ କଟକ ଜିଲ୍ଲା ଟାଙ୍ଗୀ ସ୍ଥିତ ଘରୋଇ ବିଜ୍ଞାନ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନର ଶତପ୍ରତିଶତ ସଫଳତା ହାସଲ କରିଛି। ସମୁଦାୟ ୧୧୬୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୪୪ଜଣ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତୀର୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩ଜଣ ୯୮%ରୁ ଉର୍ଦ୍ଧ ନମ୍ବର ରଖି ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ବର୍ଷା ପ୍ରିୟଦର୍ଶିନୀ ବରାଳ ସମୁଦାୟ ୫୯୪ନମ୍ବର ରଖି ଟେଟ୍ରାହେଡ୍ରନ୍ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଟପ୍‌ପର୍ ହୋଇଥିବା ବେଳେ ଶୁଭଶ୍ରୀ ଦାସ ୫୯୩ନମ୍ବର ରଖି ୨ୟ ସ୍ଥାନ ଓ କୁମ୍‌କୁମ୍ ପତି, ସାଇ ସୁରୁପା ତ୍ରିପାଠୀ, ପ୍ରଜ୍ଞା ପ୍ରଧାନ ସମାନ ୫୯୨ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଟେଟ୍ରାହେଡ୍ରନ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର କମଳ କିରନ୍ ବାରିକ, ନିର୍ମଳ ପ୍ରଭାତ ଜେନା ଓ ରାଜେଶ କୁମାର ସାହୁ ୫୮୮ନମ୍ବର ରଖି ୫୮୮ନମ୍ବର ରଖି ଟପର ହୋଇଛନ୍ତି । ଭବିଷ୍ୟତରେ ଡାକ୍ତର ହେବାର ଇଚ୍ଛା ବ୍ୟକ୍ତ କରିଛନ୍ତି । ସେହିପରି ଅନୁଷ୍ଠାନର ୯୫ଜଣ ଛାତ୍ରଛାତ୍ରୀ ୯୫%, ୪୧୨ଜଣ ୮୮%, ୫୫୮ଜଣ ୮୫%, ୭୭୧ଜଣ ୮୦%, ୯୪୮ଜଣ ୭୫% ଓ୧୦୬୬ଜଣ ୭୦% , ୧୧୪୪ଜଣ ୬୦%ରୁ ନମ୍ବର ରଖି ପାସ କରିଛନ୍ତି । ଏହି ଉପଲକ୍ଷେ କଲେଜ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କୃତୀ ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଔଷଧ ବ୍ୟବସାୟୀ ସଂଘର ଧର୍ମଘଟ, ଲୋକେ ହନ୍ତସନ୍ତ

**ଚାରିଛକ,୨୦।୫/ଏନ୍‌ଏନ୍‌ଏସ୍:** ଭାରତୀୟ ଔଷଧ ବ୍ୟବସାୟୀ ସଂଘର ସଭାପତି ଜେ. ଏସ୍. ସିନ୍ଦେଙ୍କ ନିର୍ଦ୍ଦେଶରେ ଆଜି ସାରା ଦେଶରେ ଘରେଇ ଔଷଧ ଦୋକାନ ୨୪ଘଣ୍ଟିଆ ଡାକରା ଦିଆଯାଇଥିବା ବେଳେ ଚାରିଛକ ଅଞ୍ଚଳରେ ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି। ଉତ୍କଳ କେମିଷ୍ଟସ୍ ଆଣ୍ଡ ଡ୍ରଗିଷ୍ଟସ୍ ଆସୋସିଏସନ୍ ପୁରୀ ଜିଲ୍ଲା ଶାଖାର ଜିଲ୍ଲା ଇ.ସି. ସଦସ୍ୟ ତଥା ଚାରିଛକ ଜୋନ୍ ସଭାପତି ସଂଗ୍ରାମ ସେନାପତିଙ୍କ ନିର୍ଦ୍ଦେଶ ଓ ନେତୃତ୍ୱରେ ଏହି ଦିନିକିଆ ବନ୍ଦ ଡାକରା ସଫଳତାର ସହ ପାଳନ କରାଯାଇଛି। ଏହି ବନ୍ଦ ଯୋଗୁଁ ସାଧାରଣ ରୋଗୀ ମାନଙ୍କର ଯେଉଁ ଅସୁବିଧା ହୋଇଛି, ସେଥିପାଇଁ ଚାରିଛକ ଜୋନ୍ ଔଷଧ ବ୍ୟବସାୟୀ ସଂଘ ପକ୍ଷରୁ ଗଭୀର ଦୁଃଖ ପ୍ରକାଶ କରାଯାଇଛି। ତେବେ ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି କେବଳ ଡାକ୍ତରଖାନା ପରିସର ମଧ୍ୟରେ ଥିବା ଦିବାରାତ୍ରୀ ଔଷଧ ଦୋକାନଗୁଡ଼ିକୁ ଖୋଲା ରଖିବା ପାଇଁ ସଂଘ ପକ୍ଷରୁ ଅନୁମତି ଦିଆଯାଇଥିଲା। ସାଧାରଣ ସମ୍ପାଦକ କବିନ୍ଦ୍ର କୁମାର ନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସମସ୍ତ ଔଷଧ ବ୍ୟବସାୟୀ ସହଯୋଗ କରିଥିଲେ।

# ବିଜ୍ଞାନରେ ପଦ୍ମନାଭ ନୟାଗଡ଼ ଜିଲ୍ଲା ଟପ୍ପର୍

**ନୟାଗଡ଼,୨୦।୫/ଏନ୍‌ଏନ୍‌ଏସ୍:** ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ବାର୍ଷିକ ପରୀକ୍ଷାରେ ନୟାଗଡ଼ ଜିଲ୍ଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନଙ୍କର ସଫଳତା ହାର ବେଶ୍ ଉତ୍ସାହଜନକ ହୋଇଛି। ଯୁକ୍ତଦୁଇ ବିଜ୍ଞାନରେ ନୟାଗଡ଼ ଡିଭାଇନ୍ ଆବାସିକ ବିଦ୍ୟାଳୟର ଛାତ୍ର ପଦ୍ମନାଭ ମେହେର ୬୦୦ ମାର୍କରୁ ୫୯୩ ନମ୍ବର ରଖି ନୟାଗଡ଼ ଜିଲ୍ଲା ଟପ୍ପର ହୋଇଥିବା ବେଳେ ରାଜ୍ୟରେ ଟପ୍-୧୦ର ଷଷ୍ଠ ସ୍ଥାନରେ ରହି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ନୟାଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଛାତ୍ରୀ ପ୍ରତିଭା ଦଳେଇ ୬୦୦ରୁ ୫୮୬ ନମ୍ବର, ବାଣିଜ୍ୟରେ ନୁପୁର ଅଗ୍ରୱାଲ ୫୮୮ ଓ କଳାରେ ରୋଜିନା ପଢିଆରୀ ୫୬୦ ନମ୍ବର ରଖି ନୟାଗଡ଼ କଲେଜ ଟପ୍ପର ହୋଇଛନ୍ତି। ଏହି କଲେଜରେ କଳାରେ ୩୯୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲା ବେଳେ ପ୍ରଥମ ଶ୍ରେଣୀରେ ୨୫୬, ଦ୍ୱିତୀୟରେ ୮୩ ଓ ତୃତୀୟ ଶ୍ରେଣୀରେ ୩୮ ଜଣ ପାଶ୍ କରିଥିଲେ। ସେହିପରି ଭାବରେ ବାଣିଜ୍ୟରେ ୧୨୭ ଜଣଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧୧, ଦ୍ୱିତୀୟ ଶ୍ରେଣୀରେ ୯ ଓ ତୃତୀୟ ଶ୍ରେଣୀରେ ୫ ଜଣ ପାଶ୍ କରିଥିଲେ। ବିଜ୍ଞାନରେ ସମୁଦାୟ ୫୦୬ ଜଣ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୪୫୦ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୨ ଜଣ ଓ ତୃତୀୟ ଶ୍ରେଣୀରେ ୫ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ। ସେହିପରି ଭାବରେ ନୂଆଗାଁ ବ୍ଲକ ଅନ୍ତର୍ଗତ ମାଳିସାହି ଗତିଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଜ୍ଞାନ ଓ କଳାରେ ଭଲ ପ୍ରଦର୍ଶନ କରିଛନ୍ତି। ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୪୫ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୭ ଜଣ ଓ ତୃତୀୟ ଶ୍ରେଣୀରଜ ୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏବଂ ପାଶ୍ ହାର ୯୨.୨% ରହିଛି। ଏଥିରେ ବିକାଶ ସାହୁ ୬୦୦ରୁ ୫୩୭ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିପରି ଭାବରେ କଳାରେ ପ୍ରଥମ ଶ୍ରେଣୀରେ ୫୯ଜଣ, ଦ୍ୱିତୀୟ ଶ୍ରେଣୀରେ ୬୭ ଓ ତୃତୀୟ ଶ୍ରେଣୀରେ ୮୬ଜଣ ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି ଏବଂ ପାଶ୍ ହାର ୯୧% ରହିଛି। ସେହିପରି ଭାବରେ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା ଶ୍ରେଣୀରେ ୨୨୦ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୨୦୩ ପାଶ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୮୨, ଦ୍ୱିତୀୟ ଶ୍ରେଣୀରେ ୪୦, ତୃତୀୟ ଶ୍ରେଣୀରେ ୮୧ଜଣ କୃତକାର୍ଯ୍ୟ ହୋଇଥିବା ହୋଇଥିବା ଜଣାପଡିଛି।

## ଗ୍ରାଣ୍ଡ ଫାଇନାଲ୍‌ରେ ଓମ୍‌ପ୍ରକାଶ ‘ନୟାଗଡ଼ ସଙ୍ଗୀତ କଲ୍ଲୋଳ’



**ନୟାଗଡ଼,୨୦।୫/ଏନ୍‌ଏନ୍‌ଏସ୍:** ‘ସଙ୍ଗୀତଧାରା’ ନୟାଗଡ଼ ପକ୍ଷରୁ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସ୍ୱର୍ଣ୍ଣ ଜୟନ୍ତୀ ପ୍ରେକ୍ଷାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଭକ୍ତି ସଙ୍ଗୀତ ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲରେ ଭାପୁର ବ୍ଲକର ଓମ ପ୍ରକାଶ ମହାରଣା ବିଜୟୀ ହୋଇ ୧୧ହଜାର ନଗଦ ରାଶି ସହିତ ‘ନୟାଗଡ଼ ସଙ୍ଗୀତ କଲ୍ଲୋଳ’ ଉପାଧିରେ ଭୂଷିତ ହୋଇଛନ୍ତି। ସେହିପରି ଦ୍ୱିତୀୟ ସ୍ଥାନରେ ଭାପୁର ବ୍ଲକର ସ୍ୱାଗତିକା ନାୟକ ଏବଂ ତୃତୀୟ ସ୍ଥାନରେ ଗଣିଆ ବ୍ଲକର ଓମକାର ମହାପାତ୍ର ବିଜୟୀ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ଜିଲ୍ଲାର ୮ଟି ବ୍ଲକରେ ଅନୁଷ୍ଠିତ ହୋଇଥିବା ବ୍ଲକସ୍ତରୀୟ ପ୍ରତିଯୋଗିତାରୁ ୫୪ଜଣ ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇ ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୧୧ଜଣ ପ୍ରତିଯୋଗୀ ଫାଇନାଲ ପର୍ଯ୍ୟାୟକୁ ମନୋନୀତ ହୋଇଥିଲେ। ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ଏହି ଗ୍ରାଣ୍ଡ ଫାଇନାଲରେ ବିଚାରକ ଭାବେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ତଥା ଜାତୀୟ ସ୍ତରର ସଙ୍ଗୀତ ନିର୍ଦ୍ଦେଶକ ସୁଧୀର ପାଲ, ଦୂରଦର୍ଶନ ଓ ମଞ୍ଚ କଣ୍ଠଶିଳ୍ପୀ ନମିତା ତ୍ରିପାଠୀ ଏବଂ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଶୋକ ସାହୁ ପ୍ରମୁଖ ଯୋଗଦାନ କରି ଶ୍ରେଷ୍ଠ ୩ ଜଣ ବିଜେତାଙ୍କୁ ବାଛିଥିଲେ। ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସୁର ଗନ୍ଧର୍ବ ନବକିଶୋର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଓମ ପ୍ରକାଶଙ୍କୁ ନୟାଗଡ଼ ସଙ୍ଗୀତ କଲ୍ଲୋଳ ଉପାଧି ସହିତ ମାନପତ୍ର, ଟ୍ରଫି ଏବଂ ନଗଦ ୧୧ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ସ୍ଥାନରେ ଥିବା ସ୍ୱାଗତିକାଙ୍କୁ ୫ ହଜାର ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଓମକାରଙ୍କୁ ୩ ହଜାର ଟଙ୍କା ଅର୍ଥ ରାଶି ସହିତ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରିଥିଲେ। ଏଥି ସହିତ ଚୂଡ଼ାନ୍ତ ପର୍ଯ୍ୟାୟରେ ଯୋଗଦାନ କରିଥିବା ବିଚାରକ ମାନଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିବା ବେଳେ ବ୍ଲକ ପର୍ଯ୍ୟାୟରେ ଅନୁଷ୍ଠିତ ପ୍ରତିଯୋଗିତାର ବିଚାରକ ମାନଙ୍କୁ ମଧ୍ୟ ଅନୁରୂପ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କଣ୍ଠଶିଳ୍ପୀ ପ୍ରଶାନ୍ତ ଦାଶ, ଗୋପୀନାଥ ସେଠୀ ଏବଂ ଜୟଶ୍ରୀ ଦେବୀ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ସଭାପତି ଡ. ବିଜୟ କୁମାର ଚୌଧୁରୀ, ମୁଖ୍ୟ ପୃଷ୍ଠପୋଷକ ସମାଜସେବୀ ପ୍ରମୋଦ ପଟ୍ଟନାୟକ, ସମ୍ପାଦକ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ସଂଯୋଜକ ଲକ୍ଷ୍ମୀଧର ସାହୁ, ଅଶୋକ ମଲ୍ଲ, ଡ. ଆଶୁତୋଷ ମିଶ୍ର, ପ୍ରଶାନ୍ତ ପଟ୍ଟନାୟକ, ସୁଦର୍ଶନ ସାହୁ, ମାଧବ ଡାକୁଆ, ପ୍ରଦୀପ ସାହୁ, ରବୀନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମାନବାଧିକାର ସଂପର୍କିତ କର୍ମଶାଳା

**କୁଆଁପାଳ,୨୦।୫/ଏନ୍‌ଏନ୍‌ଏସ୍:** ସାହା ଅନୁଷ୍ଠାନ ଓ ଧର୍ମଦାସପୁରର ବସନ୍ତ ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ଦେବଦତ୍ତ କାନୁନ୍‌ଗୋ ଆଣ୍ଡ ସାହା ଆସୋସିଏଟ୍ ଦ୍ୱାରା ଏକ ମାନବାଧିକାର ସୁରକ୍ଷା ଆଇନ ସଚେତନତା କାର୍ଯ୍ୟକ୍ରମ ମୁଳବସନ୍ତ ପଞ୍ଚାୟତର ଧର୍ମଦାସପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ମାନବାଧିକାର କର୍ମୀ ଆଇନଜୀବୀ ସତ୍ୟନାରାୟଣଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବୋଚ୍ଚ ନ୍ୟାୟାଳୟ ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଯୁବ ଅଭିବକ୍ତା ଦେବଦତ୍ତ କାନୁନ୍‌ଗୋ ଯୋଗଦେଇ ମାନବିକ ଅଧିକାର ସଂକ୍ରାନ୍ତୀୟ ବିଭିନ୍ନ ଆଇନର ବାଖ୍ୟା କରିଥିଲେ। ସ୍ଥାନୀୟ ଲୋକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ବିଶିଷ୍ଟ ଆୟୁର୍ବେଦ ଗବେଷକ ତଥା ସମାଜସେବୀ ଅନନ୍ତଦେବଦର୍ଶୀ ସୂଚନା ଦେଇଥିଲେ ଯେ ବଜାରରେ ମିଳୁଥିବା ବିଭିନ୍ନ ଖାଦ୍ୟପ୍ରଦାର୍ଥ ଓ ପନିପରିବାରେ ଅପମିଶ୍ରିତ କରାଯାଉଛି। ଆର୍ୟୁବେଦ ଔଷଧ ନାମରେ ଷ୍ଟିରଡ ମିଶା ଔଷଧ ବଜାରରେ ମିଳୁଛି। ଏହା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କର, କୃଷକ ନେତା ଶୁଭେନ୍ଦୁ ସାହୁ, ସାମାଜିକ କର୍ମୀ ଗିରିଶ ମହାନ୍ତି, ଟିକସ୍ ପରାମର୍ଶଦାତା ଜ୍ଞାନରଂଜନ ଦାସ, ସଂଗଠକ ଅଭିବକ୍ତା ଦିନବନ୍ଧୁ ନାୟକ, ପ୍ରଶାନ୍ତ ମହାନ୍ତି ସମେତ ଗ୍ରାମାଞ୍ଚଳର ବହୁ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ଧର୍ମଦାସପୁର ଯୁବକସଂଘ ତଥା ବସନ୍ତ ଫାଉଣ୍ଡେସନ୍‌ର ସଭାପତି ନଗେନ୍ଦ୍ର କୁମାର ନାଥ ପରିଚାଳନା କରିଥିଲେ।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ ସଫଳତା

**ଚାରିଛକ,୨୦।୫/ଏନ୍‌ଏନ୍‌ଏସ୍:** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା ଦ୍ୱାରା ପରିଚାଳିତ +୨ ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି। +୨ କଳା ଶ୍ରେଣୀରେ ୨୪୧ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୦ଜଣ ପ୍ରଥମ ଶ୍ରେଣୀ, ୫୬ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୧୦୮ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ଶ୍ରେଣୀରେ ଯାଜ୍ଞସେନୀ ଜେନା ୫୧୧ ନମ୍ବର ରଖି ମହାବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ସେହିପରି ବିଜ୍ଞାନ ଶ୍ରେଣୀରେ ମୋଟ ୧୨୮ଜଣ ଛାତ୍ରୀଙ୍କ ମଧ୍ୟରୁ ୮୪ଜଣ ୧ମ ଶ୍ରେଣୀ, ୩୮ଜଣ ୨ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ବିଭାଗରେ ମଧୁସ୍ମିତା ଭୋଇ ୫୫୯ ନମ୍ବର ରଖି ମହାବିଦ୍ୟାଳୟ ଟପ୍ପର ହୋଇଛନ୍ତି। ବାଣିଜ୍ୟ ବିଭାଗରେ ୧୯ଜଣ ଛାତ୍ରୀଙ୍କ ମଧ୍ୟରୁ ୨ଜଣ ୧ମ ଶ୍ରେଣୀ ୧୧ଜଣ ୨ୟ ଶ୍ରେଣୀ ଏବଂ ୬ ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନନ୍ୟା ସ୍ୱାଇଁ ବାଣିଜ୍ୟରେ ୪୫୦ ନମ୍ବର ରଖି ମହାବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ୧୮ଜଣ ଛାତ୍ରୀଙ୍କ ମଧ୍ୟରୁ ୪ଜଣ ୧ମ ଶ୍ରେଣୀରେ ୭ଜଣ ୨ୟ ଶ୍ରେଣୀରେ ଏବଂ ୬ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଧନ୍ଦାମୂଳକ ଶିକ୍ଷାର ୨ଟି ବିଭାଗରେ ଛାତ୍ରୀ ସୁଶ୍ରୀତା ସାମନ୍ତରାୟ ଏବଂ ସ୍ମରଣିକା ନାୟକ ଟପ୍ପର୍ ହୋଇଛନ୍ତି। ଛାତ୍ରୀମାନଙ୍କ ସଫଳତାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଅଶୋକ ବିଶ୍ୱାଳ ଖୁସିବ୍ୟକ୍ତ କରିବା ସହ ଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ମାନବୀୟ ଲୀଳା

**କଣ୍ଟିଲୋ,୨୦।୫/ଏନ୍‌ଏନ୍‌ଏସ୍:** ପ୍ରତ୍ୟେକ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ଆସନ୍ତା ଶୁକ୍ରବାର ୨୨ ତାରିଖ ଠାରୁ ୨୬ ତାରିଖ ମଙ୍ଗଳ ବାର ପର୍ଯ୍ୟନ୍ତ କଣ୍ଟିଲୋ ମାଧବ ଚୌଧୁରୀ ପାଟଣାର ନିପୁଣ, ଅଭିଜ୍ଞ ଓ କୁଶଳୀ କଳାକାର ମାନଙ୍କ ଦ୍ୱାରା ମର୍ଯ୍ୟାଦା ପୁରୁଷୋତ୍ତମ ରଘୁକୁଳ ନନ୍ଦନ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ମାନବୀୟ ଲୀଳା ପ୍ରଭୁ ରଘୁନାଥ ଜିଉଙ୍କ ପୀଠରେ ନାଟ୍ୟ ଆକାରରେ ପ୍ରଦର୍ଶନ ହେବ ବୋଲି ଅନୁଷ୍ଠାନ ତରଫରୁ ନିଷ୍ପତ୍ତି ହୋଇଛି। ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ମାନବୀୟ ଲୀଳାଭିନୟ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଦର୍ଶିତ ହେବ ବୋଲି ଶ୍ରୀ ଶ୍ରୀ ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ର ସଭାପତି ପବିତ୍ର କୁମାର ମହାରଣା ସୂଚନା ଦେଇଛନ୍ତି।୨୨ ତାରିଖ ଶୁକ୍ରବାର ବିଶ୍ୱାମିତ୍ର ଜାଗରକ୍ଷା,ତାଡକାବଧ ଓ ଅହଲ୍ୟା ଉଦ୍ଧାର,୨୩ତାରିଖ ଶିବଧନୁ ଭଗ୍ନ ଓ ସୀତା ସ୍ୱୟମ୍ବର,୨୪ ତାରିଖ ରାମ ପର୍ଶୁରାମ ଭେଟ ଓ ମନ୍ଥରାର କୁଟ ଚକ୍ରାନ୍ତ,୨୫ ତାରିଖ ସୂପଣଖା ନାସାକର୍ଣ୍ଣ ଛେଦନ ଓ ସୀତା ଚୋରି ଓ ଅନ୍ତିମ ଦିବସ ୨୬ ତାରିଖ ମଙ୍ଗଳବାର ମହିରାବଣ ଓ ରାବଣର ବଧ ଓ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ପିମିଟ କଲେଜର ଶତପ୍ରତିଶତ ସଫଳତା

**ଓଡ଼ଗାଁ,୨୦।୫/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ କୁମ୍ଭିଆପଲ୍ଲୀ ସ୍ଥିତ ପଠାଣି ସାମନ୍ତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଆଇଟି(ପିଆଇଏମ୍ ଆଇଟି) ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତଦୁଇ ବିଜ୍ଞାନ ଓ କଳା ବିଭାଗରେ ଶତ ପ୍ରତିଶତ ଫଳାଫଳ ହୋଇଛି। ବିଜ୍ଞାନ ବିଭାଗର ମୋଟ ୫୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୨ଜଣ ପ୍ରଥମ ଶ୍ରେଣୀ, ୫ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି କଳା ବିଭାଗରେ ୮୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୦ ପ୍ରଥମ,୩୦ ଜଣ ଦ୍ୱିତୀୟ ଓ ୨୯ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯୁକ୍ତଦୁଇ ବିଜ୍ଞାନରେ ସାଗର ମହାପାତ୍ର ମୋଟ୍ ୫୫୩ ନମ୍ବର ରଖି କଲେଜ୍ ଟପର ହୋଇଥିବାବେଳେ କଳା ବିଭାଗର ଜ୍ୟୋତିର୍ମୟୀ ନାୟକ ୫୩୭ ନମ୍ବର ରଖି ପ୍ରଥମସ୍ଥାନ ଅଧିକାର କରିଛନ୍ତି। କଲେଜ ଅଧ୍ୟକ୍ଷ ସୁରେଶ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ଅଧ୍ୟାପିକାଙ୍କ ଅଭିନବ ସୃଜନାତ୍ମକ ଅଧ୍ୟାପନା ପାଇଁ ଏହା ସମ୍ଭବ ହୋଇଥିବା ଅଭିଭାବକମାନେ କହିଛନ୍ତି। ଅନୁଷ୍ଠାନର ପରିଚାଳନା ମୁଖ୍ୟ ଡ. ସନ୍ତୋଷ କୁମାର ପ୍ରଧାନ, ପରିଚାଳନା ନିର୍ଦ୍ଦେଶକ ଉଲ୍ଲାସ ପ୍ରଧାନ ଓ ସମ୍ପାଦକ ସୁଶୀଲ ପ୍ରଧାନ କୃତି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ପାନୀୟ ଜଳରୁ ବଞ୍ଚିତ ଗ୍ରାମବାସୀଙ୍କ ରାସ୍ତା ଅବରୋଧ ଦ୍ୱିତୀୟ ଦିନରେ

**ମାହାଙ୍ଗା,୨୦।୫/ଏନ୍‌ଏନ୍‌ଏସ୍:** ଯେଉଁ ପଞ୍ଚାୟତରେ ମାହାଙ୍ଗାର ବୃହତ ମେଗା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ହୋଇଥିଲା ସେହି କୁହଣ୍ଡା ପଞ୍ଚାୟତ ଅମିନାବାଦ ଗ୍ରାମର ୱାର୍ଡ ନଂ ୮ରେ ପିଇବା ପାଣିରୁ ବଞ୍ଚିତ ହୋଇଥିଲେ ସେହି ଗ୍ରାମବାସୀ ବିକ୍ଷୋଭ ଓ ରାସ୍ତା ଅବରୋଧ ଦ୍ୱିତୀୟ ଦିନରେ ପହଞ୍ଚିଛି। ଆଜି ମଧ୍ୟ ଏହି ରାସ୍ତାକୁ ଗ୍ରାମବାସୀମାନେ ପଥର ଓ ବାଉଁଶ ବାନ୍ଧି ରାସ୍ତା ଅବରୋଧ କରିଥିବାବେଳେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସୂଚନା ମୁତାବକ କୁଆଁପାଳ-ବରଅଠା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଅମିନାବାଦ ଠାରେ ମହିଳା ଓ ପୁରୁଷ ଗ୍ରାମବାସୀମାନେ ରାସ୍ତାରେ ପଥର ପକାଇ ବାଲତି, ଗରା, ନୋଟା ଥୋଇ ରାସ୍ତାରୋକ କରିଥିଲେ। ଏହି ଖବର ପ୍ରସାରଣ ହେବା ପରେ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥା ପକ୍ଷରୁ ଘଟଣା ସ୍ଥଳରେ ପହଂଚି ପାଣି ଯୋଗାଇ ଦେବା ନିମନ୍ତେ କାର୍ଯ୍ୟ ଚାଲୁ ରଖିଥିଲେ। ଏହି ରାସ୍ତା ଅବରୋଧ ଦୁଇଦିନ ବିତିଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଯେପର୍ଯ୍ୟନ୍ତ ପାନୀୟଜଳ ନ ମିଳିଛି ସେ ପର୍ଯ୍ୟନ୍ତ ରାସ୍ତାରୋକ ଚାଲୁ ରହିବ ବୋଲି କହିଛନ୍ତି।

## ବିଜ୍ଞାନରେ ସତ୍ୟପ୍ରିୟ ଓ କଳାରେ ସୂଚୀସ୍ମିତା ବ୍ଲକ୍ ଟପ୍ପର୍

**ଦଶପଲ୍ଲା,୨୦।୫/ଏନ୍‌ଏନ୍‌ଏସ୍:** ପ୍ରକାଶ ପାଇଛି +୨ ବିଜ୍ଞାନ ଓ କଳା ପରୀକ୍ଷା ଫଳ। +୨ ବିଜ୍ଞାନରେ ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ଛାତ୍ର ସତ୍ୟପ୍ରିୟ ସାହୁ ୫୬୯(୯୪.୮%) ନମ୍ବର ରଖି ଦଶପଲ୍ଲା ବ୍ଲକ ସ୍ତରରେ ପ୍ରଥମ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ନିବେଦିତା ମଣ୍ଡେଲି ୫୬୫, ତୃତୀୟ ସ୍ଥାନରେ ଶ୍ରୀକାନ୍ତ ନାୟକ ୫୫୭ ନମ୍ବର ରଖିଛନ୍ତି। ମହାବିଦ୍ୟାଳୟରେ ସମୁଦାୟ ୨୪ଜଣ ଛାତ୍ର ଛାତ୍ରୀ ୫୦୦ ମାର୍କରୁ ଅଧିକ ମାର୍କ ରଖିଥିବା ଜଣାପଡିଛି। ମହାବିଦ୍ୟାଳୟର ସମୁଦାୟ ୧୬୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଏଥି ମଧ୍ୟରୁ ୧୨୯ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୬ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ଦୁଇଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି +୨ କଳାରେ କୃଷ୍ଣପ୍ରିୟା ଦେବୀ ମହିଳା ଉଚ୍ଚ ମାଧାମିକ ବିଦ୍ୟାଳୟର ଛାତ୍ରୀ ସୂଚୀସ୍ମିତା ଦାଶ ୫୫୬(୯୨%) ନମ୍ବର ରଖି ଦଶପଲ୍ଲା ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦ୍ୱିତୀୟରେ ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ଛାତ୍ରୀ ଜ୍ୟୋତିରାଣୀ ବେହେରା ଦ୍ୱିତୀୟ ଓ ରୋନାଲି ବିଶ୍ୱାଳ ୫୩୭ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର +୨ କଳାରେ ପ୍ରଥମ ଶ୍ରେଣୀରେ ୪୩, ଦ୍ୱିତୀୟ ଶ୍ରେଣୀରେ ୩୩ ପାସ କରିଥିବା ବେଳେ କୃଷ୍ଣ ପ୍ରିୟାଦେବୀ ମହିଳା ମହାବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ୬୪, ଦ୍ୱିତୀୟରେ ୪୨ ଓ ତୃତୀୟରେ ୯୧ଜଣ ଛାତ୍ରୀ ପାସ କରିଛନ୍ତି।

ନିତିଦିନ NITIDIN



## ଚିତ୍ରଭୂମି ଆର୍ଟ ଏକାଡେମୀ ଓ କିଟ୍ ମିଳିତ ସହଯୋଗରେ

# ବିଶାଳ ଚିତ୍ରାଙ୍କନ ପ୍ରତିଯୋଗିତା



**ବୟାଳିଶମୌଜା,୨୦।୫/ଏନ୍‌ଏନ୍‌ଏସ୍:** କଟକ ସଦର ୪୨ ମୌଜା ଅନ୍ତର୍ଗତ ଶ୍ରୀରାମ ବଜାର ସ୍ଥିତ ଚିତ୍ରଭୂମି ଆର୍ଟ ଏକାଡେମୀ ପରିସରରେ କିଟ୍ ଅନୁଷ୍ଠାନର ମିଳିତ ସହଯୋଗରେ ଏକ ବିଶାଳ ଚିତ୍ରାଙ୍କନ, ନୃତ୍ୟ ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଚିତ୍ରଭୂମି ଅନୁଷ୍ଠାନର ପ୍ରତିଷ୍ଠାତା ସତ୍ୟଶେଖର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର କଳା ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଭବ୍ୟ ସମାରୋହରେ କିଟ୍ ଅନୁଷ୍ଠାନର ବରିଷ୍ଠ ପ୍ରଫେସର ତଥା ଡିନ୍ ଡ. ଉଦୟ ପ୍ରତାପ ସିଂହ, ଆସୋସିଏଟ୍ ପ୍ରଫେସର ଡ. ଶ୍ରୀନିବାସ ପାଢ଼ୀ ଏବଂ ଆସୋସିଏଟ୍ ପ୍ରଫେସର ଡ. ରାଜେନ୍ଦ୍ର ପ୍ରସାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ସ୍ଥାନୀୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ଡ. ଏସ.କେ. କଲିମୁଲ୍ଲା, ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କଳା ପ୍ରଫେସର ସୁକଦେବ ମହାରଣା, ପ୍ରଫୁଲ୍ଲ ମହାପାତ୍ର, ଶ୍ୟାମସୁନ୍ଦର ପରିଡ଼ା ଏବଂ ଡ. ବନପ୍ରଭା ପରିଡ଼ା ପ୍ରମୁଖ ଉପସ୍ଥିତ ରହି ନିଜର ମୂଲ୍ୟବାନ ଅଭିଭାଷଣ ମାଧ୍ୟମରେ କୁନି କୁନି ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପିଲାମାନଙ୍କର ଅଭିଭାବକମାନେ ମଧ୍ୟ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଚିତ୍ରଭୂମି ଅନୁଷ୍ଠାନ ପକ୍ଷରୁ ମିର୍ଜା ସରାଫତ ହୁସେନ ବେଗ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ। ଅତିଥି ପରିଚୟ ପ୍ରଦାନଠାରୁ ଆରମ୍ଭ କରି କାର୍ଯ୍ୟକ୍ରମର ଶେଷ ପର୍ଯ୍ୟନ୍ତ ସେ ନିଜର ଚମତ୍କାର ଶୈଳୀରେ ସମସ୍ତଙ୍କୁ ଆକୃଷ୍ଟ କରି ରଖିଥିଲେ। କାର୍ଯ୍ୟକ୍ରମ ମଧ୍ୟରେ କୁନି କୁନି ପିଲାମାନଙ୍କ ଦ୍ୱାରା ପରିବେଷିତ ଆକର୍ଷଣୀୟ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ଡ. ବନପ୍ରଭା ପରିଡ଼ା ଉପସ୍ଥିତ ଅତିଥି, ପ୍ରତିଯୋଗୀ, ଅଭିଭାବକ ଏବଂ ସହଯୋଗୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଔଷଧ ଦୋକାନୀଙ୍କ ବନ୍ଦ ଆନ୍ଦୋଳନ

**ଖୋର୍ଦ୍ଧା,୨୦।୫/ଏନ୍‌ଏନ୍‌ଏସ୍:** ସର୍ବଭାରତୀୟ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ ଡାକରା କ୍ରମେ ଓ ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ ଆହ୍ୱାନରେ ବୁଧବାର ସାରା ଭାରତରେ ଔଷଧ ଦୋକାନ ବନ୍ଦ ଡାକରାରେ ଖୋର୍ଦ୍ଧା ଜୋନ ତରଫରୁ ମଧ୍ୟ ସମସ୍ତ ଔଷଧ ଦୋକାନ ଗୁଡିକ ବନ୍ଦ କରାଯାଇ ଧାରଣା ଦିଆଯାଇଥିଲା। ତିନି ଦଫା ଦାବିରେ ଖୋର୍ଦ୍ଧାର ସମସ୍ତ ଔଷଧ ଦୋକାନ ବନ୍ଦ ହେବା ଦ୍ୱାରା ବହୁ ରୋଗୀ ଔଷଧ କିଣିବାରୁ ବଞ୍ଚିତ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲା ସଭାପତି ସରୋଜ କୁମାର ପାଇକରାୟ, କାର୍ଯ୍ୟକାରୀ ସଭାପତି ବଦ୍ରିନାରାୟଣ ମହାପାତ୍ର, ଖୋର୍ଦ୍ଧା ଜୋନ ସାଙ୍ଗଠନିକ ସମ୍ପାଦକ ସଂଜୟ କୁମାର ନାୟକ, ଖୋର୍ଦ୍ଧା ଜୋନ ସମ୍ପାଦକ କ୍ଷିତୀଶ କୁମାର ନିଶଙ୍କ ଏବଂ ବହୁ ଔଷଧ ଦୋକାନୀ ଉପସ୍ଥିତ ରହି ଏହି ବନ୍ଦକୁ ସଫଳ ରୂପାୟନ ଦେବାରେ ସହାୟକ ହୋଇଥିଲେ। ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସ୍ଥାନୀୟ ଖୋର୍ଦ୍ଧା ପୂର୍ତ୍ତ ଡାକବଙ୍ଗଳାଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ କର୍ମକର୍ତ୍ତାମାନେ ସରକାରଙ୍କୁ ଚେତାବନୀ ଦେଇଥିଲେ। ଆଜିର ଏହି ପ୍ରତିବାଦ ସଭାକୁ ଅକ୍ଷୟ କୁମାର ସାହୁ, ସନ୍ତୋଷ ଅଗ୍ରୱାଲ, ଶାନ୍ତନୁ କୁମାର ମିତ୍ରଙ୍କ ସମେତ ଯୁବ ଓ ବରିଷ୍ଠ କର୍ମକର୍ତ୍ତା ମାନେ ସଫଳତାର ସହ ଆୟୋଜନ କରିଥିଲେ।

# ପଥରଖଣିରେ ଚଢ଼ଉ: ପାୱାର୍ ଟିଲର୍, ଟାକ୍ଟର ଓ ଜେସିବି ଜବତ

**ଡେଲାଙ୍ଗ,୨୦।୫/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ଅଞ୍ଚଳରେ ବେଧଡକ ମାଙ୍କଡା ପଥର ଖନନ ଓ ମୋରମ ଚୋରା ଚାଲାଣ ହେଉଥିବା ନେଇ ପିପିଲି ଏସ୍‌ଡିପିଓ ଦେବାଶିଷ୍ ମିଶ୍ରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଗତ ବିଳମ୍ବିତ ରାତିରେ ଜମୁନା ଝାରପଡା ଅଞ୍ଚଳରେ ବେଆଇନ୍ ଖଣି ଖନନ କରାଯାଉଥିବା ବେଳେ ଏସ୍‌ଡିପିଓ ଶ୍ରୀ ମିଶ୍ରଙ୍କ ନେତୃତ୍ୱରେ ଡେଲାଙ୍ଗ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ଟି ପାୱାର ଟିଲର, ୧ଟାକ୍ଟର, ୧ ଜେସିବି ଓ ୨ଟି ହାଉୱା ଜବତ କରିଛନ୍ତି। ତେବେ ପୋଲିସର ଚଢାଉ ନେଇ ଖଣି ମାଫିଆଙ୍କ ମନରେ ଛନ୍‌କା ଦେଖାଦେଇଛି। ସରକାରୀ ଜଙ୍ଗଲ ଜମିରେ ଖଣି ଖନନ କରିବା ଦ୍ୱାରା ଅନେକ ଗଛ କାଟି ଜଙ୍ଗଲଜମି ନଷ୍ଟ କରିପକାଉଛନ୍ତି। ଆଗାମୀ ଦିନରେ ଡେଲାଙ୍ଗ ଅଞ୍ଚଳରେ ଖଣି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ବେଆଇନ୍ ଖଣି ଖନନ ଉପରେ ଚଢ଼ଉ ଜାରୀ ରହିବ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

# ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

**ପିପିଲି,୨୦।୫/ଏନ୍‌ଏନ୍‌ଏସ୍:** ବୁଧବାର ସକାଳୁ ପିପିଲି ପୋଲିସକୁ ବଡ ସଫଳତା ମିଳିଛି। ବ୍ରାଉନସୁଗର ଜବତ କରିବା ସହିତ ଜଣକୁ ଗିରଫ କରିଛି। ଏନେଇ ପୁରୀ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚ୍ଚିନ ପଟେଲ ପିପିଲି ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ମୁତାବକ ଆଜି ସକାଳେ କୌଣସି ସୂତ୍ରରୁ ଖବର ପାଇ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଙ୍କ ନିର୍ଦ୍ଦେଶ କ୍ରମେ ପିପିଲି ଥାନା ଏସ ଆଇ ଭାସ୍କର ମାଣିଆ ପିପିଲି-ଡେଲାଙ୍ଗ ରାସ୍ତାର ଦାନଗହୀର ନିକଟସ୍ଥ ବିଛୁଆତି ଛକ ନିକଟରୁ ୭୪.୨୩ ଗ୍ରାମ ବ୍ରାଉନ ସୁଗାର ସହିତ ଜଣକୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତ ହେଲେ ଦାନଗହିର ଅଞ୍ଚଳର ଚନ୍ଦୁ ଓରଫ ଏମଡି ଅଲଫାଜ(୨୬)। ତା ନିକଟରୁ ନଗଦ ୯ହଜାର ୬ଶହ ଟଙ୍କା ସମେତ ମଟରସାଇକେଲ, ଦୁଇଟି ମୋବାଇଲ, ଆଧାରକାର୍ଡ, ପାନକାର୍ଡକୁ ପିପିଲି ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ମୃତ୍ୟୁଞ୍ଜୟ ତ୍ରିପାଠୀ ଙ୍କ ଉପସ୍ଥିତିରେ ପୋଲିସ ଜବତ କରିଛି। ଜବତ ବ୍ରାଉନସୁଗାର ମୁଲ୍ୟ ୭ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ପୋଲିସ ଅନୁମାନ କରିଛି। ଏ ନେଇ ଏନଡିପିଏସ ଆକ୍ଟରେ ପିପିଲି ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲଣ କରାଯାଇଥିବା ନେଇ ଶ୍ରୀପଟେଲ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ସବଇନ୍ସପେକ୍ଟର ଭାସ୍କର ମାଣିଆ, ମହିଳା ସବଇନ୍ସପେକ୍ଟର ବାବୁ ପ୍ରିୟଦର୍ଶିନୀ ସାହୁ, ଏଏସ୍ଆଇ ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ



**ଖୋର୍ଦ୍ଧା,୨୦।୫/ଏନ୍‌ଏନ୍‌ଏସ୍:** ଜିଲ୍ଲାପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ଉପ ସଭାପତି ଗୋପୀନାଥ ମହାରଣା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ରମେଶ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ, ଭୁବନେଶ୍ୱର, ଡ଼ଃ ମନୋରଞ୍ଜନ ସାହୁ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଙ୍କ ପ୍ରତିନିଧି ମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟାଳୟ ଅଧିକାରୀ ରୋଷନ ଶତପଥୀ, ପୁରୀ ସାଂସଦଙ୍କ ପ୍ରତିନିଧି ଦୀନବନ୍ଧୁ ସାହୁ, ଜଟଣୀ ବିଧାୟକଙ୍କ ପ୍ରତିନିଧି ଅମନ୍ ଅଭିଷେକ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ନିୟନ୍ତ୍ରଣ କକ୍ଷ ଖୋଲିବା, ବର୍ଷାଜଳ ପରିମାପକ କେନ୍ଦ୍ର ମରାମତି ଓ ବୃଷ୍ଟିପାତ ବିବରଣୀ ପ୍ରେରଣ, ଦୁର୍ବଳ ନଦୀ ଓ କେନାଲ ବନ୍ଧର ଯୁଗ୍ମ ତଦନ୍ତ, ଜଳସେଚନ ବିଭାଗ ପ୍ରାକ୍ ପ୍ରସ୍ତୁତି ଓ ଆର୍ଥିକ ଅନୁଦାନ ପାଇଁ ସରକାରଙ୍କୁ ସୁପାରିଶ, ବନ୍ୟା, ବାତ୍ୟା ପ୍ରବଣ ଅଞ୍ଚଳରେ ଅସ୍ଥାୟୀ ଆଶ୍ରୟ ସ୍ଥଳ ଚିହ୍ନଟ, ସମ୍ଭାବ୍ୟ ବନ୍ୟା ବାତ୍ୟା ଉଙ୍ଗା ମୃତୟନ, ଟେଲିଫୋନ ସେବା, ବିଶୁଦ୍ଧ ପାନୀୟ ଜଳ, ବିଦ୍ୟୁତ୍ ସେବା, ଡ୍ରେନେଜ ଗୁଡିକରୁ ପାଣି ନିଷ୍କାସନ, ଦୁର୍ଗମ ସ୍ଥାନ ମାନଙ୍କରେ ଏବଂ ବନ୍ୟା ବାତ୍ୟା ପ୍ରବଣ ଅଞ୍ଚଳରେ ଖାଦ୍ୟ ପଦାର୍ଥ ଓ ରିଲିଫ୍ ସାମଗ୍ରୀ ମହଜୁଦ କରି ରଖିବା, କୃଷି କାର୍ଯ୍ୟ ପାଇଁ ଆଗୁଆ ପଦକ୍ଷେପ, ସ୍ୱାସ୍ଥ୍ୟ ଓ ପଶୁ ଚିକିତ୍ସା ସେବା , ଏୟାର ଷ୍ଟ୍ରିପ ଚିହ୍ନଟ କରିବା ଭଳି ବିଭିନ୍ନ ପ୍ରାକ୍ ଓ ପରବର୍ତ୍ତୀ ସେବା ଯୋଗାଇ ଦେବା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇ ଶୂନ୍ୟ ମୃତ୍ୟୁ ହାର ବଜାୟ ରଖିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଋତୁରାଜ ବନ୍ୟା ସମୟରେ ବହୁମୁଖୀ ଆଶ୍ରୟ ସ୍ଥଳୀ ଗୁଡିକରେ ସମସ୍ତ ସେବା ଯୋଗାଇଦେବା, ଦୁର୍ବଳ ନଦୀବନ୍ଧ ଗୁଡ଼ିକୁ ମରାମତି କରିବା,ନଦୀବନ୍ଧକୁ ଉଚା କରିବା, ବାଲିବସ୍ତା ଓ ବଲ୍ଲା ମହଜୁଦ କରି ରଖିବା, ଗ୍ରୀଷ୍ମ ବାତ୍ୟା ପ୍ରବଣ ଥିବାରୁ ଚିଲିକା ରେ ବୋଟ୍ ପଞ୍ଜିକରଣକୁ ଗୁରୁତ୍ୱ ଦେବା, ତହସିଲଦାର, ମତ୍ସ୍ୟ ବିଭାଗ ଓ ଜଙ୍ଗଲ ବିଭାଗଙ୍କ ମିଳିତ ବୋଟ୍ ଯାଞ୍ଚ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜୀବନ ରକ୍ଷାକାରୀ ଜାକେଟ୍ ବ୍ୟବହାର, ଚିଲିକାକୁ ସମନ୍ୱିତ ବନ୍ୟା ବାତ୍ୟା ସୂଚନା ପ୍ରଦାନ କରିବା, ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନଙ୍କରେ, ଭୁବନେଶ୍ୱର ମହାନଗର ନିଗମରେ ଡ୍ରେନେଜ୍ ଗୁଡିକରୁ ଜଳ ନିଷ୍କାସନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରି, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଔଷଧ ପତ୍ର ସହ ବ୍ଲିଚିଂ, ସାପ କାମୁଡା ଇଞ୍ଜେକ୍ସନ ପର୍ଯ୍ୟାପ୍ତ ପରିମାଣର ମହଜୁଦ କରି ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପରିଷଦ ଉପସଭାପତି ଗୋପୀନାଥ ମହାରଣା ବାଣପୁର ବାଲୁଗାଁ ଅଞ୍ଚଳରେ ପ୍ରାକୃତିକ ଉତ୍ସ ବନ୍ଦ ନ ହଉ ବୋଲି କହିଥିଲେ। ପୁରୀ ସାଂସଦଙ୍କ ପ୍ରତିନିଧି ପଲିଥିନର ମାନ ବଢ଼ାଇବା, ବନ୍ୟା ସମୟରେ ଶୌଚାଳୟ ଗୁଡ଼ିକର ଉପଯୁକ୍ତ ଯତ୍ନ ନେବା ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ଶ୍ରୀ ଋତୁରାଜ ଜଳସେଚନ ବିଭାଗ, ପ୍ରାଚୀ ଜଳସେଚନ ଖଣ୍ଡ, ନିମାପଡ଼ା ଜଳସେଚନ ଖଣ୍ଡ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟ ସମୀକ୍ଷା କରି ସମସ୍ତ ସେବା ପ୍ରସ୍ତୁତ ରଖିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡେପୁଟୀ କଲେକ୍ଟର ଶ୍ରୀତପା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ରଘୁନାଥ ସମବାୟ ମହାବିଦ୍ୟାଳୟର ବାଜିମାତ୍

**ଓଡ଼ଗାଁ,୨୦।୫/ଏନ୍‌ଏନ୍‌ଏସ୍:** ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ (ଯୁକ୍ତଦୁଇ) ବୋର୍ଡ଼ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବାଜିମାତ କରିଛନ୍ତି। କଳାରେ ୮୫.୬୪ ପ୍ରତିଶତ ପାସହାର ଥିବାବେଳେ ବିଜ୍ଞାନରେ ୯୬ ପ୍ରତିଶତ ପାସହାର ଥିବା ଜଣାପଡ଼ିଛି। ମହାବିଦ୍ୟାଳୟର ବିଜ୍ଞାନ ବିଭାଗର ଛାତ୍ର ସତ୍ୟଧର୍ମ ସାହୁ ୫୮୨ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଥିବା ବେଳେ ନନ୍ଦିନି ସାହୁ ୫୭୮ ନମ୍ବର ରଖି ଦ୍ୱିତୀୟ ଓ ସତ୍ୟଜିତ ପ୍ରଧାନ ୫୭୬ ନମ୍ବର ରଖି ତୃତୀୟସ୍ଥାନ ହାସଲ କରିଛନ୍ତି। ବିଜ୍ଞାନରେ ପ୍ରଥମ ସ୍ଥାନରେ ୧୫୧ ଜଣ ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ୨ୟ ସ୍ଥାନରେ ୧୯ଜଣ,ତୃତୀୟ ସ୍ଥାନରେ ଜଣେ ପାସ୍ କରିଥିବା ଜଣାପଡ଼ିଛି।ସେହିପରି କଳାରେ ୧୧୫ଜଣ ଛାତ୍ରଛାତ୍ରୀ ପ୍ରଥମ,୯୦ ଜଣ ଦ୍ୱିତୀୟ ଏବଂ ୧୪୧ଜଣ ତୃତୀୟ ସ୍ଥାନରେ ରହିଛନ୍ତି। ଶରଣକୁଳ ମହାବିଦ୍ୟାଳୟର ବିଜ୍ଞାନ ବିଭାଗ ପରୀକ୍ଷାରେ ଶତପ୍ରତିଶତ ଛାତ୍ରଛାତ୍ରୀ ପାସ କରିଥିବାବେଳେ କଳା ବିଭାଗରେ ୮୧.୭ ପ୍ରତିଶତ ପାସହାର ଥିବା ଜଣାପଡ଼ିଛି। ସେହିପରି ଶ୍ରୀଲଡୁକେଶ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ସ୍କୁଲ ଗୋଡ଼ିପଡ଼ା ବିଜ୍ଞାନରେ ୯୭.୫ ପ୍ରତିଶତ ଓ କଳାରେ ୧୬ ପ୍ରତିଶତ ପାସ ହାର ଥିବା ଜଣାପଡ଼ିଛି। ସେହିପରି ଆନନ୍ଦ ସାହୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୋମଣ୍ଡର କଳା ବିଭାଗରେ ଶତ ପ୍ରତିଶତ ପାସ ହାର ଥିବାବେଳେ ବିଜ୍ଞାନରେ ୯୨ପ୍ରତିଶତ ଛାତ୍ରୀ ପାସ କରିଥିବା ଜଣାପଡ଼ିଛି। ଓଡ଼ଗାଁରେ ଛାତ୍ରଛାତ୍ରୀଙ୍କ ପାସ ହାରକୁ ନେଇ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ନୟାଗଡ଼ ବିଧାୟକ ଡ଼.ଅରୁଣ କୁମାର ସାହୁ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିବାବେଳେ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲାପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲ୍ଲୀ ପ୍ରଧାନ, ବିଡ଼ିଓ ପ୍ରୀତିବାଳା ରଣା, ତହସିଲଦାର ଡ଼. ମାନସ ରଞ୍ଜନ ଭୋଇ, ଶିକ୍ଷାଧିକାରୀ ପିଣ୍ଟୁ ପ୍ରଧାନ ଓ କଲେଜ ଅଧ୍ୟକ୍ଷ ରାଜକିଶୋର ସାହୁଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଶୁଭେଚ୍ଛା ଜଣାଇଛନ୍ତି।

# ମେଧା ସମ୍ମାନ ପାଇଁ ଶାନ୍ତି କମିଟିର ପ୍ରସ୍ତୁତି



**ଫୁଲନଖରା,୨୦।୫/ଏନ୍‌ଏନ୍‌ଏସ୍:** ଆଞ୍ଚଳିକ ଶାନ୍ତି କମିଟି ତରଫରୁ ମେଧା ସମ୍ମାନ ପ୍ରଦାନ ସମାରୋହ-୨୦୨୬ ଆସନ୍ତା ୨୪ତାରିଖ ରବିବାର ପ୍ରତାପନଗରୀସ୍ଥିତ ମା'ଧାକୁଲେଇଙ୍କ ପୀଠରେ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ସଭାପତି ନିମାଇଁଚରଣ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟକାରୀ ସଭାପତି ସ୍ୱାଧିନଚେତା ମହାନ୍ତି ଓ ପ୍ରମୋଦକୁମାର ସ୍ୱାଇଁ, ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ଯୁଗ୍ମ ସମ୍ପାଦକ ନଳୀନ ସେନାପତି, ଆଇନ ପରାମର୍ଶଦାତା କବିନାରାୟଣ ଜେନା, କୋଷାଧ୍ୟକ୍ଷ ସୁଶାନ୍ତକୁମାର ମହାନ୍ତି, ସହକୋଷାଧ୍ୟକ୍ଷ ବାଦଲକୁମାର ଜେନା, ଉପସଭାପତି ରାଜେଶ ସ୍ୱାଇଁ ଓ କଳ୍ପତରୁ ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। କଟକ ସଦର ଥାନା ଅଞ୍ଚଳରେ ଥିବା ସମସ୍ତ ହାଇସ୍କୁଲର ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୩୫ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନିଲ ବେଉରା, ତନ୍ମୟ ପରିଜା, ମଦନମୋହନ ଦାସ, ନିରଂଜନ ରାଉତ ଓ ଆଦିତ୍ୟ ଛୋଟରାୟ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ରବିବାର ଅପରାହ୍ଣ ୩ଟାରେ ଆୟୋଜନ ହେବ ଏବଂ ଏଥିରେ ମେଧାବୀଙ୍କ ସମେତ ସେମାନଙ୍କ ଅଭିଭାବକମାନଙ୍କୁ ମଧ୍ୟ ଅନୁରୂପଭାବେ ସମ୍ମାନିତ କରାଯିବବୋଲି ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ନିମାପଡ଼ା-ଗୋପର ବିକାଶ ପାଇଁ ସିଭିଲ୍ ସୋସାଇଟି ସଂକଳ୍ପବଦ୍ଧ



**ଚାରିଛକ,୨୦।୫/ଏନ୍‌ଏନ୍‌ଏସ୍:** ଚାରିଛକ ନିକଟସ୍ଥ ଦିଗାଲୋ ମନସାକାନନ ପରିସରରେ ଆଜି ନିମାପଡା-ଗୋପ ସଭିଲ ସୋସାଇଟର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଆଇନ୍‌ଜୀବୀ ସୁଧିର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଆଇନ୍‌ଜୀବୀ, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି ଓ ବ୍ୟବସାୟୀମାନେ ଯୋଗଦେଇ ନିମାପଡା-ଗୋପର ବିକାଶ ପାଇଁ ସ୍ୱର ଉଠାଇବା ସହ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହଯୋଗ କାମନା କରିଥିଲେ। ନିମାପଡା ଗୋପ ସିଭିଲ ସୋସାଟର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ବରିଷ୍ଠ ଆଇନଜୀବୀ ସୁଧିର କୁମାର ମହାନ୍ତି, ଉପ-ସଭାପତି ଭାବେ ଅକ୍ଷୟ କୁମାର ନାୟକ, ସାଧାରଣ ସଂପାଦକ ଭାବେ ଶିକ୍ଷାବିତ ନିରଦ ବରଣ ଖୁଂଟିଆ, ସହ-ସଂପାଦକ ଭାବେ ସୁଧିର କୁମାର ନାୟକ, କୋଷାଧ୍ୟକ୍ଷ ଭାବେ ବିଜୟ କୁମାର ମହାନ୍ତି, ମହିଳା ଶାଖା ସଭାପତି ଭାବେ ମିନାକ୍ଷୀ ପୃଷ୍ଟି,ସଂଗଠନ ସଂପାଦକ ଡଃ କେଦାରନାଥ ସାହୁ, ସାଂସ୍କୃତିକ ସଂପାଦକ ସଂଗ୍ରାମ କେଶରୀ ଭୋଳ, କାର୍ଯ୍ୟକାରୀ କମିଟିର ସଦସ୍ୟଭାବେ ଲୋକନାଥ ସାହୁ, ଦିଗମ୍ବର ନାୟକ, ବିଦ୍ୟାଧର ପାତ୍ର, ଜଟାଧାରୀ ବେହେରା, ବିବେକାନନ୍ଦ ପାତ୍ର, ରାଜ କିଶୋର ମହାନ୍ତି, ଉପଦେଷ୍ଟା ଭାବେ ଶିକ୍ଷାବିତ୍ ପ୍ରଫେସର ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, ପ୍ରଫେସର ଗୋପୀନାଥ କର, ଶିକ୍ଷାବିତ ଲକ୍ଷ୍ମୀଧର ପଣ୍ଡା, ଅବସରପ୍ରାପ୍ତ ଏସପି ମାଧବ ଚନ୍ଦ୍ର ସାହୁ, ଲେପ୍ଟନାଟ କର୍ଣ୍ଣେଲ ରାଖଲ ଚନ୍ଦ୍ର ରାଉତ, ଶିକ୍ଷାବିତ୍ ଅମରେଶ ନନ୍ଦନ ସାହୁ, ଡଃ ବଂଶୀଧର ଷଡଙ୍ଗୀ, ଡଃ ପ୍ରଭାତ କୁମାର ମିଶ୍ର ପ୍ରମୁଖ ମନୋନୀତ ହୋଇଥିଲେ। ନିମାପଡା-ଗୋପର ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଶତାଧିକ ଦସ୍ତଖତ ସମ୍ବଳିତ ଦାବୀପତ୍ର ଆସନ୍ତା ଉତ୍କର୍ଷ ନିମାପଡା ୩ରୁ ୫ ତାରିଖରେ ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି।

# ପ୍ରବଳ ଗ୍ରୀଷ୍ମପ୍ରବାହ ବେଳେ ଶିକ୍ଷକ ପ୍ରଶିକ୍ଷଣ କାହା ସ୍ୱାର୍ଥରେ

**କୁଆଁପାଳ,୨୦।୫/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶନାମା ଅନୁଯାୟୀ ୫ଦିନିଆ ଓସିଏଫ-ଏସ୍‌ଇ ୨୦୨୫ ପ୍ରଶିକ୍ଷଣ ଶିବିର ୨୧.୦୫.୨୦୨୬ଠାରୁ ୨୬.୦୫.୨୦୨୬ ପର୍ଯ୍ୟନ୍ତ ଆର୍‌ଏନ୍ ସରକାରୀ ଉଚ୍ଚ ବିଦ୍ୟାଳୟ କୋଠପଦା ଓ ପିଏମ୍‌ଶ୍ରୀ ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କରାଯିବା ପାଇଁ ନିର୍ଦ୍ଦେଶ ରହିଛି। ଏହି ପ୍ରଶିକ୍ଷଣ ଶିବିରରେ ୧୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ସକାଳ ୭ଟା ଠାରୁ ଦିନ ୧୧ଟା ପର୍ଯ୍ୟନ୍ତ ପ୍ରଶିକ୍ଷଣ ଗ୍ରହଣ କରିବେ। ଯାହାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେଉଥିବାରୁ ଦିନ ୧୦ଟା ପରେ ତାପମାତ୍ର ୪୨ଡିଗ୍ରୀରୁ ଅଧିକ ହେଉଥିଲା ବେଳେ ପ୍ରଶିକ୍ଷଣ ଶେଷକରି ୧୧ପରେ ମଧ୍ୟାହ୍ନ ଭୋଜନ ଖାଇ କିଭଳି ଭାବରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ୧୫ରୁ ୨୦କିଲୋମିଟର ଦୂର ନିଜ ନିଜ ଘରକୁ ଫେରିବେ। ଅପରପକ୍ଷରେ ବାରମ୍ବାର ବିଦ୍ୟୁତ କାଟ ଯୋଗୁ ପ୍ରଶିକ୍ଷଣ ଶିବିରରେ କିଭଳି ୧୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେବେ। ଲୋ-ଭୋଲଟେଜ୍ ଯୋଗୁ ବିଦ୍ୟୁତ ଫ୍ୟାନ୍ ଠିକ୍ ଭାବରେ ଘୁରୁ ନଥିବା ଅଭିଯୋଗ ହେଉଛି। ଛୁଟି ସମୟରେ ମାହାଙ୍ଗା ବ୍ଲକ ଶିକ୍ଷାଧିକାରିଣୀ ମୋନାଲିସା ସରକାର କାହା ସ୍ୱାର୍ଥରେ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଉଛନ୍ତି ସେ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଅପରପକ୍ଷରେ ପ୍ରଶିକ୍ଷଣ ନାମରେ ଅସୁଥିବା ଲକ୍ଷାଧିକ ଟଙ୍କାକୁ ମିଥ୍ୟା ଭାଉଚର କରାଯାଇ ହଡପ କରାଯିବାର ଚକ୍ରାନ୍ତ ଚାଲିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଯଦି କୌଣସି ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶୁଘାତରେ ଆକ୍ରାନ୍ତ ହୁଏନ୍ତି ତେବେ ଏଥିପାଇଁ ଦାୟୀ ରହିବ କିଏ ବୋଲି ପ୍ରଶ୍ନ ଉଠିଛି। ଏଣୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତୁରନ୍ତ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ତାରିଖକୁ ଘୁଞ୍ଚାଇବା ପାଇଁ ସାଧାରଣରେ ଦୃଷ୍ଟି ଆକର୍ଷଣ କରାଯାଉଥିଲା ବେଳେ ଏ ନେଇ ସ୍ଥାନୀୟ ବିଧାୟକଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି।

# ଜନ ସମସ୍ୟା ସମାଧାନ ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର



**ଖୋର୍ଦ୍ଧା,୨୦।୫/ଏନ୍‌ଏନ୍‌ଏସ୍:** ବିଗତ ୩ବର୍ଷ ଧରି ନୀରବଚ୍ଛିନ୍ନ ଭାବରେ ପ୍ରାଣଘାତୀ ଶବ୍ଦ ସୃଷ୍ଟିକାରୀ ଡ଼ିଜେ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବରିଷ୍ଠ ନାଗରିକ ମଞ୍ଚ, ଖୋର୍ଦ୍ଧା ତରଫରୁ ପୋଲିସ୍ ପ୍ରଶାସନକୁ ଲିଖିତ ଆକାରରେ ପ୍ରଦାନ କରାଯାଇଛି। ଏହା ସତ୍ତ୍ୱେ ଶବ୍ଦ ପ୍ରଦୂଷଣ ଆଇନ ଭଙ୍ଗକାରୀ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଉଲଙ୍ଘନକାରୀ ଡ଼ିଜେ ଗାଡ଼ି ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସଙ୍ଗୀତ ଓ ନୃତ୍ୟ ଆମ ସାମାଜିକ ଜୀବନର ଅଂଶ ବିଶେଷ। ବିବାହ, ବ୍ରତଘର, ଦେବାଦେବୀଙ୍କ ବିସର୍ଜନ ଶୋଭାଯାତ୍ରାରେ ସଙ୍ଗୀତ ଉପଭୋଗ କରିବାର ଆବଶ୍ୟକତା ଅଛି। ମାତ୍ର ଡ଼ିଜେର ମାତ୍ରାଧିକ ଶବ୍ଦ ଆନନ୍ଦ ଦେବା ପରିବର୍ତ୍ତେ ଯନ୍ତ୍ରଣା ଦେଉଛି। ଡ଼ିଜେ ଗାଡ଼ି ଯାଉଥିବା ରାସ୍ତାର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ବୟସ୍କ ବ୍ୟକ୍ତି, ଗର୍ଭବତୀ ମହିଳା, ରୋଗୀ ଓ ଶିଶୁମାନେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ଭୁବନେଶ୍ୱରରୁ ଖୋର୍ଦ୍ଧା ବାଟ ଦେଇ ଦକ୍ଷିଣାଞ୍ଚଳକୁ ଯାଉଥିବା ଏକ୍ସପ୍ରେସ୍ ବସ୍‌ଗୁଡ଼ିକ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡକୁ ନ ଆସି ଜାତୀୟ ରାଜପଥରେ ଚଳାଚଳ କରୁଛି। ବ୍ରହ୍ମପୁର ପଟୁ ଭୁବନେଶ୍ୱରକୁ ଆସୁଥିବା ବସ୍‌ଗୁଡ଼ିକ ନୂଆ ବସ୍‌ଷ୍ଟାଣ୍ଡ ଠାରୁ ପ୍ରାୟ ୩ କି.ମି. ଦୂର ତୋଟାପଡ଼ା ଛକଠାରେ ଯାତ୍ରୀମାନଙ୍କୁ ଓହ୍ଲାଇ ଦେଉଛି। ଫଳରେ ଯାତ୍ରୀମାନେ ସହର ଭିତରକୁ ଆସିବା ପାଇ ହଇରାଣ ହେଉଛନ୍ତି। ତେଣୁ ସମସ୍ତ ବସ୍ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡକୁ ଆସି ଯାତ୍ରୀ ନେବା ଆଣିବା କରିବା ପାଇଁ ମଞ୍ଚ ଦାବି କରିଛି। ଭୁବନେଶ୍ୱର-ଖୋର୍ଦ୍ଧା ଚଳାଚଳ କରୁଥିବା 'ଆମ ବସ' ବାଟମଙ୍ଗଳା ଛକଠାରେ ଷ୍ଟପେଜ୍ କରୁନାହିଁ। ଫଳରେ ବାଟମଙ୍ଗଳା ଛକଠାରୁ ଗୋଟିଏ ପଟେ ପୁରୀକୁ ରାସ୍ତା ଓ ଅନ୍ୟପଟେ ସହର ଭିତରକୁ ରାସ୍ତାରେ ଗନ୍ତବ୍ୟ ସ୍ଥଳକୁ ଯିବା ପାଇ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏହି ଦୃଷ୍ଟିରୁ 'ଆମ ବସ୍' ପରିଚାଳନା କର୍ତ୍ତୃପକ୍ଷ 'କ୍ରୁଟ୍' ଭୁବନେଶ୍ୱରକୁ ଲିଖିତ ଆକାରରେ ମଞ୍ଚ ତରଫରୁ ଅନୁରୋଧ କଲାପରେ ମଧ୍ୟ ନିଷ୍ଫଳ ହୋଇଛି। ଏହି ସମସ୍ତ ଜନସମସ୍ୟାକୁ ନେଇ ବରିଷ୍ଠ ନାଗରିକ ମଞ୍ଚ, ଖୋର୍ଦ୍ଧା ତରଫରୁ ସଦସ୍ୟମାନେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି। ଏହି ଜନସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବାରୁ ମଞ୍ଚ ତରଫରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି।

# ବଟେଶ୍ୱର ରାମଚରିତ ମାନସ ଉଦ୍‌ଯାପିତ

**ଫୁଲନଖରା,୨୦।୫/ଏନ୍‌ଏନ୍‌ଏସ୍:** ଜୟରଶାସନସ୍ଥିତ ବଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ନବଦିନାତ୍ମକ ଶ୍ରୀରାମ ଚରିତ ମାନସ ଓ ନବାହ୍ନ ପାରାୟଣ ଉଦଯାପିତ ହୋଇଛି। ଏହି ଉପଲକ୍ଷେ କର୍ତ୍ତା ବାଳକୃଷ୍ଣ ବେହେରା ଓ ନୀଳିମା ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଆଧ୍ୟାତ୍ମିକ ଉତ୍ସବରେ ସନ୍ଥ ହରିଚରଣ ଦାସ ଓ ସାଥି ରାମଚରିତ ମାନସ ପଠନ କରିଥିଲେ। ଏହି ଅବସରରେ ପ୍ରତ୍ୟେହ ଜଗନ୍ନାଥପୁର, ଗୋହଳ ଓ ମହାରିଆପାଟଣା ଗ୍ରାମବାସୀଙ୍କଦ୍ୱାରା ହରିନାମ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ପୂର୍ଣ୍ଣାହୁତି ସଂଧ୍ୟାରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ସରପଞ୍ଚ ବିଶ୍ୱଜିତ ଭୋଇ, ଜିଲାପରିଷଦ ସଭ୍ୟ ମହେଶ୍ୱର ଦାସ, ପ୍ରବୀର ମହାନ୍ତି, ଡାକ୍ତର ଭିକାରୀଚରଣ ସାହୁ, ଚେସ ତାରକା ଦେବାଶିଷ ଦାସ, ଡାକ୍ତର ଦିଲୀପକୁମାର ଦାସ ଓ ମୁରବି ଲକ୍ଷ୍ମୀଧର ପାତ୍ର ଯୋଗଦେଇଥିଲେ। ପ୍ରଦୀପ ବେହେରା ପରିଚାଳନା କରିଥିଲେ।

# କାଳବୈଶାଖୀରେ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

**କଣ୍ଟିଲୋ,୨୦।୫/ଏନ୍‌ଏନ୍‌ଏସ୍:** ଗତକାଲି ଅପରାହ୍ନରେ କଣ୍ଟିଲୋ ଓ ଆଖ ପାଖ ଅଞ୍ଚଳରେ କାଳ ବୈଶାଖୀର ପ୍ରଭାବ ଖୁବ୍ ଜୋରରେ ଅନୁଭୂତ ହୋଇଥିଲା। ପବନରେ କଣ୍ଟିଲୋ ହାଟମୁଣ୍ଡ ପାଟଣା ଚାପ ପୋଖରୀ ଉତ୍ତର ପାର୍ଶ୍ୱ ଜନବସତି ମଧ୍ୟରେ ଥିବା ଅଶ୍ୱସ୍ତ ଗଛରୁ ବୃହତ୍‌କାୟ ଡାଳ ଘର ଉପରେ ମାଡ଼ିବସିଥିଲା। ଏଥିରେ କପିଳେଶ୍ୱର ସାହୁ, ଓ ସନ୍ତୋଷ ସାହୁଙ୍କ ଗୃହ ବହୁ କ୍ଷତିଗ୍ରସ୍ତ ହୋଇଥିବା ନଜରକୁ ଆସିଛି। ଉଭୟଙ୍କ ପରିବାର ଲୋକେ ଗୃହରେ ବିଶ୍ରାମ ନେଉଥିବା ସମୟରେ ହଠାତ ଡାଳଟି ଖସିପଡ଼ିଥିଲା। ଏପଟେ ନଡିଆପୋଖରୀ ଓ ନୃସିଂହପୁର ପାଟଣାରେ ବିଦ୍ୟୁତ୍‌ଖୁଣ୍ଟ ଉପୁଡ଼ି ପଡ଼ିବାରୁ କାର୍ଯ୍ୟରତ କର୍ମଚାରୀମାନେ ନିଜସ୍ୱ ହକ୍ ଦାବି ପୂରଣ ପାଇଁ ଆନ୍ଦୋଳନ କରୁଥିବାରୁ ବିଦ୍ୟୁତ୍ ସରବରାହ ଦୀର୍ଘ ୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବନ୍ଦ ରହିଥିଲା। ଅତ୍ୟଧିକ ଅସହ୍ୟ ଗରମ ଓ ଗୁଳଗୁଳି ଯୋଗୁ ଛୋଟ ଛୋଟ ଛୁଆମାନଙ୍କ ଠାରୁ ଆରମ୍ଭକରି ସମସ୍ତ ଜନସାଧାରଣ, ରୋଗୀ ଓ ବୃଦ୍ଧ ବୃଦ୍ଧାମାନେ ଗରମରେ ସନ୍ତୁଳିତ ହୋଇଥିବା ନଜରକୁ ଆସିଛି। ଜନବସତି ସ୍ଥାନରୁ ଉକ୍ତ ଅଶ୍ୱସ୍ତ ଗଛ କଟାଯିବା ପାଇଁ ସ୍ଥାନୀୟ ଗ୍ରାମବାସୀ ବନବିଭାଗ କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନ ନେଇ ଅଚିନ୍ତା ନିଦରେ ଶୋଇଥିବା ଯୋଗୁଁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଘଟଣ ହେଲେ ପ୍ରଶାସନ ଦାୟୀ ରହିବ ବୋଲି ଗ୍ରାମବାସୀ କହିଛନ୍ତି। ତୁରନ୍ତ ଗ୍ରାମ ମଧ୍ୟରୁ ଉକ୍ତ ଅଶ୍ୱସ୍ତ ଗଛ କଟାଯିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

**ନିତି ଭାରତୀ**

ମହାନ ବ୍ୟକ୍ତିମାନଙ୍କ ପାଇଁ ଧର୍ମ ବନ୍ଧୁତ୍ୱ ସୃଷ୍ଟି କରିବାର ଏକ ମାଧ୍ୟମ; ନୀଚ ଲୋକମାନେ ଧର୍ମକୁ ଏକ ଲଢ଼େଇ କରିବାର ଉପକରଣରେ ପରିଣତ କରିଥାନ୍ତି।
- ଡକ୍ଟର ଏପିଜେ ଅବ୍ଦୁଲ୍ କଲାମ୍

# ଭାରତୀୟ କୃଷି ଉପରେ ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ



ବିଦ୍ୟାଧର ମହାରଣା

ମଧ୍ୟପ୍ରାଚ୍ୟରେ କ୍ରମାଗତ ଲାଗି ରହିଥିବା ଯୁଦ୍ଧ ବିରତି ହେବା ଏଯାଏଁ ସମ୍ଭବପର ହୋଇନାହିଁ। ଉଭୟ ପକ୍ଷରୁ ବିଭିନ୍ନ ସର୍ତ୍ତ ରଖାଯାଉଛି, ଯାହାକି ଗ୍ରହଣୀୟ ହେଉନାହିଁ। ଏହି ଯୁଦ୍ଧରେ ମୁଖ୍ୟତଃ ଆମେରିକା, ଇସ୍ରାଏଲ ଓ ଇରାନ ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ କରୁଛନ୍ତି। ତଥାପି ଏହି ଯୁଦ୍ଧର ପ୍ରଭାବ ବିଶ୍ୱର ବିଭିନ୍ନ ଦେଶ ଉପରେ ପଡୁଛି। ଯୁଦ୍ଧର ପ୍ରଭାବ ପ୍ରତ୍ୟକ୍ଷ ବା ପରୋକ୍ଷ ହୋଇପାରେ। ପରୋକ୍ଷ ଭାବରେ ଭାରତ ଯୁଦ୍ଧ ପ୍ରଭାବରେ ତୈଳ ସମ୍ପଦ, ପ୍ରାକୃତିକ ଗ୍ୟାସ୍ ଓ କୃଷି କ୍ଷେତ୍ରରେ ବହୁ ସମସ୍ୟା ଦେଇ ଗତି କରୁଛି। କୃଷି ଉତ୍ପାଦ ରପ୍ତାନୀ କ୍ଷେତ୍ରରେ ଓ ସାର ଆମଦାନୀ କ୍ଷେତ୍ରରେ ବହୁ ପ୍ରତିବନ୍ଧକ ସୃଷ୍ଟି ହେଲାଣି। ବାଣିଜ୍ୟ ରାସ୍ତା ନ ମିଳିବାରୁ ଆମ ଦେଶରୁ ବିଦେଶକୁ ଯିବାକୁ ଥିବା କୃଷି ଦ୍ରବ୍ୟ ଅଟକି ରହିଛି, ଯାହାର ମୂଲ୍ୟ ପ୍ରାୟ ୧୧.୮ ବିଲିୟନ୍ ଡଲାର ହୋଇପାରେ। ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ପରିବହନରେ ଅସୁବିଧା ଦେଖା ଯିବାରୁ ରାସାୟନିକ ସାର ମୂଲ୍ୟ ପ୍ରାୟ ୪୦% ବୃଦ୍ଧି ପାଇପାରେ। ଦେଶର ଖରିଫ୍ ଫସଲ ଚାଷ ପୂର୍ବରୁ ଏହି ସମସ୍ୟା ସମାଧାନ ନହେଲେ ୟୁରିଆ ଓ ଡାଇଆମୋନିୟମ ଫସ୍‌ଫେଟ୍ ସାରର ଉତ୍କଟ ଅଭାବ ଦେଖାଯିବା ଦ୍ୱାରା ଧାନ ଓ ମକା ଇତ୍ୟାଦି ଫସଲର ଅମଳ ହ୍ରାସ ପାଇବ।

ଗଲ୍ଫ ଦେଶଗୁଡ଼ିକ ଭାରତ ଉପରେ ଖାଦ୍ୟପଦାର୍ଥ ପାଇଁ ନିର୍ଭର କରନ୍ତି, ଯାହାକି ଜାହାଜରେ ହର୍ମୁଜ୍ ପ୍ରଣାଳୀ ଦେଇ ଯାଇଥାଏ। ଭାରତର ପ୍ରାୟ ୪୦% ବାସୁମତୀ ଚାଉଳ ଏହି ଦେଶଗୁଡ଼ିକ ନିଅନ୍ତି। କିନ୍ତୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ଫଳରେ ପ୍ରାୟ ଚାରି ଲକ୍ଷ ଟନ୍ ବାସୁମତୀ ଚାଉଳ ବିଦେଶକୁ ନଯାଇ ପଡ଼ି ରହିଛି। ଏହା ଯୋଗୁଁ ପଞ୍ଜାବ ଓ ହରିୟାଣାର ଚାଷୀ ଚିନ୍ତାରେ ଅଛନ୍ତି। ଫଳ, ପନିପରିବା ଏବଂ ମସଲା ଜାତୀୟ ଦ୍ରବ୍ୟ ଅଧିକ ବୀମା ମୂଲ୍ୟ ଓ କଣ୍ଟେନର ଅଭାବରୁ ବିଦେଶକୁ ରପ୍ତାନୀ ହୋଇପାରୁ ନାହିଁ। ସେହିପରି ମାଂସ ଓ ଦୁଗ୍ଧଜାତ ପଦାର୍ଥ ବିଦେଶକୁ ରପ୍ତାନୀ ହୋଇ ପାରୁନାହିଁ। ଏହାଦ୍ୱାରା ଚାଷୀମାନେ ନିଶ୍ଚିତ ଭାବରେ କ୍ଷତିଗ୍ରସ୍ତ ହେବେ। ବାଣିଜ୍ୟରେ ହ୍ରାସ ଯୋଗୁଁ ଦେଶର ଅର୍ଥନୀତି ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିବ। ଏହା ବ୍ୟତୀତ ଭାରତ ବିଦେଶରୁ ପ୍ରାୟ ୧୬ ନିୟୁତ ଟନ୍ ଖାଇବା ତେଲ- ରୁଷିଆ, ୟୁକ୍ରେନ୍ ଓ ଆର୍ଜେଣ୍ଟିନାଠାରୁ ଆମଦାନୀ କରେ। ଜାହାଜ ଚଳାଚଳରେ ଅସୁବିଧା ଯୋଗୁଁ ଏଥିରେ ଅସୁବିଧା ସୃଷ୍ଟି ହେଲାଣି। ଏହା ଫଳରେ ଦେଶରେ ଖାଇବା ତେଲର ମୂଲ୍ୟ ବଢ଼ିଲାଣି।

ଆମ ଦେଶ ଏଯାଏଁ ରାସାୟନିକ ସାର କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରି ନାହିଁ। ଭାରତ ମୋଟ ସାର ଚାହିଦାର ୨୦-୨୫% ଆରବ ଗଲ୍ଫ ଦେଶଗୁଡ଼ିକରୁ ଆମଦାନୀ କରିଥାଏ, ଯାହାକି ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜରେ ଆସେ। ମୋଟ ଆମଦାନୀ ହେଉଥିବା ସାରର ୪୫% ୟୁରିଆ, ଡିଏପି ଓ ଏନ୍‌ପିକେ ସାର ହିସାବରେ ଏକ-ତୃତୀୟାଂଶ ଓ ଅବଶିଷ୍ଟ ସୁପର୍ ଫସଫେଟ୍ ଓ ମ୍ୟୁରେଟ୍ ଅଫ୍ ପଟାସ୍ ସାର। ଏହା ଛଡ଼ା ଦେଶରେ ରାସାୟନିକ ସାର ପ୍ରସ୍ତୁତି ପାଇଁ ତରଳୀକୃତ ପ୍ରାକୃତିକ ଗ୍ୟାସ୍ ବା ଏଲ୍‌ଏନ୍‌ଜି ଗ୍ୟାସ୍, ଆମୋନିଆ ଓ ଫସ୍‌ଫରିକ୍ ଅମ୍ଳ ଆମଦାନୀ କରେ। ବିଦେଶରୁ ଭାରତ ୟୁରିଆ, ପଟାସ୍ ଓ ଡିଏପି ସାର ଆମଦାନୀ କରୁଥିବାରୁ ଓ ବାହାରୁ ସିଏନ୍‌ଜି ଗ୍ୟାସ୍ ଆମଦାନୀ କରି ଘରୋଇ ୟୁରିଆ ଉତ୍ପାଦନ କରୁଥିବାରୁ ଯୁଦ୍ଧ ଯୋଗୁଁ ଦେଶରେ ସାର ସଙ୍କଟ ଦେଖା




ଦେଇପାରେ। ପରିଣାମ ସ୍ୱରୂପ, ଦେଶର ରାସାୟନିକ ସାର ସମସ୍ୟା ଜଟିଳ ହେବ, ମୂଲ୍ୟ ବୃଦ୍ଧି ହେବ ଓ ସରକାରଙ୍କୁ ଅଧିକ ରିହାତିର ବ୍ୟବସ୍ଥା କରିବାକୁ ହେବ। ସରକାରଙ୍କୁ ଅଧିକ ରିହାତି ବାବଦରେ ପ୍ରାୟ ୨୦,୦୦୦-୨୫,୦୦୦ କୋଟି ଟଙ୍କାର ଅଧିକ ଅର୍ଥ ବ୍ୟୟ କରିବାକୁ ହେବ।

କୃଷି ଉତ୍ପାଦନ ବୃଦ୍ଧି ପାଇଁ ରାସାୟନିକ ସାରର ଏକ ମୁଖ୍ୟ ଭୂମିକା ରହିଛି। ଆମ ଦେଶରେ ବର୍ଷରେ ପ୍ରାୟ ୭୦ ନିୟୁତ ଟନ୍‌ରୁ ଅଧିକ ରାସାୟନିକ ସାର ବ୍ୟବହାର କରାଯାଏ। ବାର୍ଷିକ ପ୍ରାୟ ୩୮ ନିୟୁତ ଟନ୍ ୟୁରିଆ ଓ ୧.୬୪ ନିୟୁତ ଟନ୍ ମ୍ୟୁରେଟ୍ ଅଫ୍ ପଟାସ୍ ଓ ଅବଶିଷ୍ଟ ଅନ୍ୟାନ୍ୟ ସାର ବ୍ୟବହାର ହୋଇଥାଏ। ଆମ ଦେଶରେ ଘରୋଇ କମ୍ପାନୀଗୁଡ଼ିକ ୮୭% ୟୁରିଆ ସାର ଉତ୍ପାଦନ କରନ୍ତି ଓ ଅବଶିଷ୍ଟ ବିଦେଶରୁ ଆମଦାନୀ ହୋଇଥାଏ। ଅନ୍ୟାନ୍ୟ ଏନ୍‌ପିକେ ସାରର ୯୦% ଭାରତ ଉତ୍ପାଦନ କରେ। ୟୁରିଆ ସାର ବାହାରୁ ଆସୁ ନ ଥିବାରୁ ଏହାର ମୂଲ୍ୟବୃଦ୍ଧି ଦେଖା ଗଲାଣି। ଦେଶର ୩୯% ସିଏନ୍‌ଜି ଗ୍ୟାସ୍ ୟୁରିଆ ଉତ୍ପାଦନ ପାଇଁ ବ୍ୟବହାର ହୋଇଥାଏ। ଭାରତ କେବଳ ୟୁରିଆ ଉତ୍ପାଦନ ପାଇଁ ୬୦-୬୫% ଏଲ୍‌ଏନ୍‌ଜି ଗ୍ୟାସ୍ ଓ ୭୫-୮୦% ଅମୋନିଆ ପାଇଁ ମଧ୍ୟପ୍ରାଚ୍ୟ ଦେଶ ଉପରେ ନିର୍ଭରଶୀଳ। ବିଳମ୍ବରେ ସାର ଆମଦାନୀ ଯୋଗୁଁ ଅମୋନିଆ ସାରର ମୂଲ୍ୟ ପ୍ରାୟ ୨୪% ବୃଦ୍ଧି ପାଇଲାଣି। ସିଏନ୍‌ଜି ଗ୍ୟାସ୍ ଅଭାବରୁ ଇଫ୍‌କୋ ପରି ସାର ଉତ୍ପାଦନକାରୀ ସଂସ୍ଥା ଉତ୍ପାଦନ କମାଇ ଦେଲେଣି। ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ବିଳମ୍ବ ହେଉଥିବାରୁ ସାର ପରିବହନ ଖର୍ଚ୍ଚ ବଢ଼ି ଯାଉଛି। ଏହି ଅବସ୍ଥା ଦୀର୍ଘ ଦିନ ଧରି ଲାଗି ରହିଲେ ଆମ ଦେଶରେ ସାର ରିହାତି ୨.୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇପାରେ। ଏହି ସମସ୍ୟାର ସମାଧାନ ପାଇଁ ସରକାର ବିକଳ୍ପ ସନ୍ଧାନରେ ଅଛନ୍ତି ଓ ନାନୋ ୟୁରିଆ ଓ ନାନୋ ଡିଏପି ପ୍ରୟୋଗ ପାଇଁ ଉଦ୍ୟମ କରୁଛନ୍ତି।

କୃଷି କ୍ଷେତ୍ରରେ ସମୟ ମୁତାବକ କୃଷିକର୍ମ ଓ ଶ୍ରମ ଲାଘବ ସହିତ ଚାଷ ଖର୍ଚ୍ଚ ହ୍ରାସ ପାଇଁ ଟ୍ରାକ୍ଟର ଓ ବିଭିନ୍ନ ଯନ୍ତ୍ର ବ୍ୟବହାର କରାଯାଏ। ଭାରତ ଖଣିଜ ଇନ୍ଧନ ହିସାବରେ ଡିଜେଲ ଓ ପେଟ୍ରୋଲ ବାହାରୁ ଆଣୁଥିବାରୁ ଏଗୁଡ଼ିକର ମୂଲ୍ୟ ବୃଦ୍ଧି ଘଟିଲେ କୃଷିରେ ବ୍ୟବହୃତ ଯନ୍ତ୍ରପାତି, ଟ୍ରାକ୍ଟର, ପାଣି ପମ୍ପ ଓ ପରିବହନ କ୍ଷେତ୍ରରେ ଅସୁବିଧା ଦେଖା ଦେବ। ପରିଣାମ ସ୍ୱରୂପ, କୃଷିକାର୍ଯ୍ୟ ବ୍ୟାହତ ହେବା ନିଶ୍ଚିତ। ଦେଶରେ ବହୁଳ ଭାବରେ ଟ୍ରାକ୍ଟର, ପାୱାରଟିଲର, ହାର୍ଭେଷ୍ଟର, ପାଣି ପମ୍ପ ଇତ୍ୟାଦି ବ୍ୟବହାର ହୋଇଥାଏ। ଦେଶରେ ବର୍ଷକୁ ପ୍ରାୟ ୧୦ ଲକ୍ଷ ଟ୍ରାକ୍ଟର ବିକ୍ରୟ ହୋଇଥାଏ। ଏହି ଯନ୍ତ୍ରଗୁଡ଼ିକର ବ୍ୟବହାର ପାଇଁ ଆବଶ୍ୟକ ଡିଜେଲ ଅଭାବ ପରିଲକ୍ଷିତ ହେଲାଣି। ଏହା ଫଳରେ ଚାଷ କର୍ମ ବାଧାପ୍ରାପ୍ତ ହେବା ସହିତ ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇବ। ଆସନ୍ତା ଖରିଫ ଚାଷ ପୂର୍ବରୁ ଏହି ସମସ୍ୟାର ସମାଧାନ ନହେଲେ ରାସାୟନିକ ସାର ଓ କୃଷି ଯନ୍ତ୍ରପାତି ବ୍ୟବହାର ବାଧାପ୍ରାପ୍ତ ହେବା ଯୋଗୁଁ କୃଷି ଉତ୍ପାଦନ ହ୍ରାସ ପାଇବ, ଯାହାକି ଦେଶର ୧୪୦ କୋଟି ଲୋକଙ୍କ ଖାଦ୍ୟ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିବ। ଏହା ଫଳରେ ଦେଶରେ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇବ। କୃଷି ଉତ୍ପାଦନ ୨୦-୨୫% ହ୍ରାସ ପାଇଲେ ଚାଷୀ ଅନ୍ୟ ଫସଲ ନିର୍ବାଚନ କରିବେ, ଯେଉଁଥିରେ ସାର ଆବଶ୍ୟକ ହେଉ ନଥିବ। ଏହା ଫଳରେ ଧାନ, ଗହମ, ମକା, ସୂର୍ଯ୍ୟମୁଖୀ, ପନିପରିବା ଇତ୍ୟାଦି ଫସଲ ଅମଳ ବହୁତ କମିଯିବ। ଦେଶ ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇପାରେ।

ଏପରି ସଙ୍କଟର ସମାଧାନ ପାଇଁ ସରକାରଙ୍କ ପାଖରେ ଦୁଇଟି ବିକଳ୍ପ ରହିଛି। ସରକାର ରୁଷିଆ ଓ ମରକ୍କୋ ଉପରେ ରାସାୟନିକ ସାର ଓ ଇନ୍ଧନ ପାଇଁ ନିର୍ଭର କରିବେ କିମ୍ବା ଜୈବିକ କୃଷି ପାଇଁ ଚାଷୀଙ୍କୁ ପ୍ରୋତ୍ସାହନ ଦେବେ। ଧାନ , ଗହମ ଓ ଅର୍ଥକାରୀ ଫସଲ ପରିବର୍ତ୍ତେ ମାଣ୍ଡିଆ, ତୈଳବୀଜ ଓ ଡାଲି ଜାତୀୟ ଫସଲ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ବିକଳ୍ପ ସାର ହିସାବରେ ନାନୋ ୟୁରିଆ ଓ ନାନୋ ଡିଏପି ବ୍ୟବହାର ପାଇଁ ଚାଷୀଙ୍କୁ ଉତ୍ସାହିତ କରିବେ। ନାନୋ ୟୁରିଆ ଓ ନାନୋ ଡିଏପି କମ୍ ପରିମାଣରେ ଆବଶ୍ୟକ ହେଉଥିବାରୁ ଓ ଡ୍ରୋନ୍ ସାହାଯ୍ୟରେ ଏଗୁଡ଼ିକ ବହୁ ଜମିରେ କମ୍ ସମୟ ମଧ୍ୟରେ ସିଞ୍ଚନ କରାଯାଉ ଥିବାରୁ ଏହା ଉପରେ ସରକାର ନିର୍ଭର କରି ପାରନ୍ତି। ଏଗୁଡ଼ିକ ପ୍ରଧାନମନ୍ତ୍ରୀ କୃଷି ସମ୍ପଦ କେନ୍ଦ୍ରଗୁଡ଼ିକରେ ମିଳି ପାରିବ। ଏପରି ଯୁଦ୍ଧ ପ୍ରଭାବରେ ଆମ ଦେଶର ୮୫% କ୍ଷୁଦ୍ର ଓ ନାମମାତ୍ର ଚାଷୀ ଅଧିକ ସମସ୍ୟାର ସମ୍ମୁଖୀନ ହୋଇ ପାରନ୍ତି। ଆମ ଦେଶରେ କୃଷି ପ୍ରାୟ ୪୫% ଲୋକଙ୍କର ପ୍ରଧାନ ଜୀବିକା ହୋଇଥିବାରୁ ଓ କୃଷିର ଭାରତୀୟ ଜିଡିପିକୁ ୧୮% ଅବଦାନ ଥିବାରୁ ଏହି ଯୁଦ୍ଧ ଦେଶର ଅର୍ଥନୀତି ଓ ଖାଦ୍ୟ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରିପାରେ। ଏଣୁ ଦେଶର ସରକାର ଓ ସମସ୍ତ ନାଗରିକ ଯେପରି ଏକଜୁଟ ହୋଇ କୋଭିଡ୍ ମହାମାରୀର ମୁକାବିଲା କରିଥିଲେ, ସେହିପରି ଏହି ପରିସ୍ଥିତିରୁ ମୁକୁଳିବା ପାଇଁ ଉଦ୍ୟମ କରିବା ଆବଶ୍ୟକ। ସେ ଯାହା ହେଉ ନା କାହିଁକି, ଯୁଦ୍ଧ ଲାଗି ରହିଲେ ଭାରତର କୃଷି ଓ ଅର୍ଥନୀତି ପ୍ରଭାବିତ ହେବା ନିଶ୍ଚିତ।

କଳିଙ୍ଗନଗର, ୭/ ୪୫୨
ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦
bidyadhar.m@gmail.com

# ଗାଁ ଦାଣ୍ଡରେ ବିଚାର



କିଶୋର ଚନ୍ଦ୍ର ବେହେରା

ଅବାଧ, ମୁକ୍ତ ଓ ନିରପେକ୍ଷ ନ୍ୟାୟିକ ବିଚାର ହେଉଛି ଏକ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳଦୁଆ, ଯାହା ନ୍ୟାୟପାଳିକା, କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକାର ହସ୍ତକ୍ଷେପରୁ ମୁକ୍ତ ରହି ସମ୍ବିଧାନ ଓ ନାଗରିକଙ୍କ ଅଧିକାର ରକ୍ଷା କରେ। ଏହାଦ୍ୱାରା ଦୁର୍ବଳ ଶ୍ରେଣୀଙ୍କୁ ସୁରକ୍ଷା ମିଳିବା ସହ ସମାନତା ଓ ନ୍ୟାୟିକ ସ୍ୱାଧୀନତା ନିଶ୍ଚିତ ହୁଏ। ଭାରତୀୟ ସମାଜ ବିବିଧ ଉପାଦାନରେ ଗଢ଼ା ଏକ ମିଶ୍ର ସମାଜ। ସେହି ବିବିଧ ଉପାଦାନମାନଙ୍କୁ ଏକତାର ସୂତ୍ରରେ ଆବଦ୍ଧ କରିବା ନିମନ୍ତେ ଯେଉଁସବୁ ଉପାଦାନ ଆବଶ୍ୟକ, ସେଥି ମଧ୍ୟରୁ ସାମାଜିକ ନ୍ୟାୟ ଅନ୍ୟତମ। ଏହା ଆମ ଭାରତୀୟ ସଂସ୍କୃତିର ଏକ ଅନନ୍ୟ ପରମ୍ପରା। ସ୍ୱାଧୀନତା ସହ ନ୍ୟାୟିକ ଅଧିକାର ଜଡ଼ିତ। ସାଧାରଣ ଲୋକଟିଏ ଯଦି ନ୍ୟାୟ ପାଇବାରୁ ବଞ୍ଚିତ ହୁଏ, ତେବେ ତାହାର ବ୍ୟକ୍ତିଗତ ସ୍ୱାଧୀନତା ଏବଂ ଧନ ଓ ଜୀବନ ଉପରେ ଥିବା ଅଧିକାର ସଙ୍କୁଚିତ ହୁଏ। ତେଣୁ ଆମ ଗଣତନ୍ତ୍ରରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ଭଳି ବିଚାର ବ୍ୟବସ୍ଥାକୁ ପ୍ରମୁଖ ସ୍ତମ୍ଭ ଭାବେ ଗ୍ରହଣ କରାଯାଇଛି। ତେବେ ବିଗୁଡୁଥିବା ବ୍ୟବସ୍ଥାରେ ନୀତି ଓ ନୈତିକତା ହ୍ରାସ ପାଉଥିବାରୁ ସାମାଜିକ, ରାଜନୈତିକ, ସାଂସ୍କୃତିକ, ଆର୍ଥିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଅଧଃପତନ ଘଟୁଛି। ଫଳରେ ସମ୍ବିଧାନ ପ୍ରଦତ୍ତ ସମାନତାର ଅଧିକାର ଓ ବଞ୍ଚିବାର ଅଧିକାର ସହିତ ମୌଳିକ ଅଧିକାରରୁ ବହୁ ଲୋକ ବଞ୍ଚିତ ହେଉଥିବା ବେଳେ ଧନୀକ ଶ୍ରେଣୀ ଓ ପ୍ରଭାବଶାଳୀ ଗୋଷ୍ଠୀ ଏଥିରୁ ବିଶେଷ ଫାଇଦା ଉଠାଇ ଚାଲିଛନ୍ତି। ସାମାଜିକ ନ୍ୟାୟର ଅର୍ଥ, ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ କିମ୍ବା ଶ୍ରେଣୀ ଆଧାରରେ ଭେଦଭାବର ଅନୁପସ୍ଥିତି ଓ ସମସ୍ତଙ୍କୁ ସମାନ ସାମାଜିକ ସୁଯୋଗ ପ୍ରଦାନ। ଏହା ମଧ୍ୟ ରାଷ୍ଟ୍ରଦ୍ୱାରା ସ୍ୱତନ୍ତ୍ର ସୁବିଧାର ଉଚ୍ଛେଦ ଓ ଅସମାନତା ଦୂରୀକରଣ ବା ହ୍ରାସକୁ ବୁଝାଏ। ବ୍ୟକ୍ତିର ସ୍ୱାର୍ଥ ଅପେକ୍ଷା ସମାଜର ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ପ୍ରଦାନ କରିବା ଏବଂ ବଞ୍ଚିତ ଓ ଅବହେଳିତ ଶ୍ରେଣୀର ଲୋକଙ୍କ ପାଇଁ କଲ୍ୟାଣମୂଳକ କାର୍ଯ୍ୟ କରିବା ରାଷ୍ଟ୍ରର କର୍ତ୍ତବ୍ୟ।

ଭାରତ ହେଉଛି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଗଣତନ୍ତ୍ରରେ ସରକାରର ୩ଟି ଅଙ୍ଗ ବା ଶାଖା ଥାଏ- ବ୍ୟବସ୍ଥାପକ ସଭା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା। ବ୍ୟବସ୍ଥାପକ ସଭା ଆଇନ ପ୍ରଣୟନ କରୁଥିବା ବେଳେ କାର୍ଯ୍ୟପାଳିକା ଏହାକୁ କାର୍ଯ୍ୟକାରୀ କରେ। ସେହିପରି ବିଚାର ବିଭାଗ ଏହି ଆଇନଗୁଡ଼ିକର ତର୍ଜମା, ବ୍ୟାଖ୍ୟା ଓ ସମୀକ୍ଷା କରେ ତଥା ଆଇନର ଉଲ୍ଲଙ୍ଘନ କରୁଥିବା ଦୋଷୀ ପ୍ରତି ଦଣ୍ଡ ବିଧାନ କରେ। ଓଡ଼ିଶାର ପାରମ୍ପରିକ ଗ୍ରାମୀଣ ସମାଜରେ 'ଗାଁ ଦାଣ୍ଡରେ ବିଚାର' ହେଉଛି ଏକ ମୁଖ୍ୟ ନ୍ୟାୟିକ ବ୍ୟବସ୍ଥା। ଗାଁର ମୁରବି ବା ପଞ୍ଚାୟତ ଦ୍ୱାରା ଦାଣ୍ଡରେ ବସି ସାମାଜିକ ବିବାଦ, ପାରିବାରିକ ମାମଲା ଏବଂ ଗ୍ରାମ୍ୟ ସମସ୍ୟାର ସମାଧାନ କରାଯାଏ, ଯାହା ଶୀଘ୍ର ନ୍ୟାୟ ଏବଂ



ସାମାଜିକ ସଂହତି ବଜାୟ ରଖିବାରେ ସାହାଯ୍ୟ କରେ। ସମାଜସ୍ତରୀୟ ସମସ୍ୟାଗୁଡ଼ିକ ଥାନା ବା କୋର୍ଟକୁ ନଯାଇ ଗାଁ ମଧ୍ୟରେ ସେଗୁଡ଼ିକର ସମାଧାନ କରାଯାଏ। ଏହି ସମାଧାନରେ ଗାଁର ମାନ୍ୟଗଣ୍ୟ ବ୍ୟକ୍ତି ବା ମୁରବିମାନେ ମଧ୍ୟସ୍ଥତା କରନ୍ତି। ତତ୍କାଳିକ ନ୍ୟାୟ ଫଳରେ ଛୋଟ ଛୋଟ ବିବାଦର ଶୀଘ୍ର ଫଇସଲା ହୁଏ। ଏହା ଗାଁରେ ଶୃଙ୍ଖଳା ଓ ଭାଇଚାରା ବଜାୟ ରଖିବାରେ ସହାୟକ ହୁଏ। ତେବେ, ବର୍ତ୍ତମାନ ସମୟରେ ଏହି ପ୍ରଥା ସହ ଆଇନଗତ ବ୍ୟବସ୍ଥାର ମଧ୍ୟ ପ୍ରୟୋଗ ହେଉଥିବା ଦେଖିବାକୁ ମିଳୁଛି। 'ଗାଁ ଦାଣ୍ଡରେ ବିଚାର' ଓଡ଼ିଆ ସଂସ୍କୃତିରେ ଗ୍ରାମୀଣ ବିବାଦର ସମାଧାନ ପାଇଁ ଏକ ପାରମ୍ପରିକ ଓ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ଏହା ସାଧାରଣତଃ ଗାଁର ମୁଖ୍ୟ, ପଞ୍ଚାୟତ, ଭଦ୍ରବ୍ୟକ୍ତି ଏବଂ ବୟସ୍କମାନଙ୍କ ଉପସ୍ଥିତିରେ ଗ୍ରାମ ଦେବତୀଙ୍କ ନିକଟରେ କିମ୍ବା ମୁଖ୍ୟ ରାସ୍ତାରେ ଆୟୋଜିତ ହୋଇଥାଏ। ଗାଁର ମଙ୍ଗଳ ପାଇଁ ଧାର୍ମିକ ବିଧିବିଧାନ, ସାମାଜିକ ବିବାଦ କିମ୍ବା ଗୁରୁତର ଘଟଣାଗୁଡ଼ିକର ଏଠାରେ ସମାଧାନ କରାଯାଏ। ଆଇନ ଶୃଙ୍ଖଳା ଉଗ୍ର ରୂପ ନେଲେ ପୁଲିସ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ବିଚାର ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ। ସାଂସ୍କୃତିକ ଦିଗ କ୍ଷେତ୍ରରେ ଅନେକ ସମୟରେ ଦଣ୍ଡନାଚ ପରି ପରମ୍ପରା ଗାଁ ଦାଣ୍ଡରେ ଦେଖିବାକୁ ମିଳେ। ଏହି ପ୍ରକ୍ରିୟା ଗାଁରେ ଏକତା ଓ ଶାନ୍ତି ବଜାୟ ରଖିବାରେ ସହାୟକ ହୋଇଥାଏ।

ଗ୍ରାମ୍ୟ ବିଚାର ନୀତି ହେଉଛି ଗ୍ରାମାଞ୍ଚଳର ସ୍ୱାୟତ୍ତ ଶାସନ ବ୍ୟବସ୍ଥା, ଯେଉଁଠାରେ ସ୍ଥାନୀୟ ଲୋକମାନେ ନିଜ ଅଞ୍ଚଳର ଉନ୍ନତି ଓ ସମସ୍ୟାର ସମାଧାନ ପାଇଁ ନିଜେ ନୀତି ନିର୍ମାଣ କରନ୍ତି। ଏହା ପଞ୍ଚାୟତିରାଜ ବ୍ୟବସ୍ଥା ଅଧୀନରେ ଗ୍ରାମସଭା ମାଧ୍ୟମରେ କାର୍ଯ୍ୟକାରୀ ହୁଏ, ଯେଉଁଥିରେ ଗ୍ରାମର ସାମୂହିକ ବିକାଶ ଓ ନିଷ୍ପତ୍ତି ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଏ। ସାଧାରଣ ଭାବରେ ଆମେ ନ୍ୟାୟିକ ବ୍ୟବସ୍ଥାକୁ ଯଦି ତର୍ଜମା କରିବା, ତେବେ ଗୋଟିଏ ହେଉଛି ସାମ୍ବିଧାନିକ ନ୍ୟାୟ ବ୍ୟବସ୍ଥା ଓ ଦ୍ୱିତୀୟଟି ହେଉଛି- ସର୍ବପୁରାତନ ସାମାଜିକ ନ୍ୟାୟିକ ବ୍ୟବସ୍ଥା, ଯାହା ବିଶେଷକରି ଗ୍ରାମାଞ୍ଚଳରେ ପରିଲକ୍ଷିତ ହୋଇଥାଏ। ଗ୍ରାମୀଣ ପାରମ୍ପରିକ ବିଚାର ବ୍ୟବସ୍ଥାର ତିନୋଟି ପ୍ରମୁଖ ବିଷୟ ଉପରେ ଆଲୋଚନା କରାଯାଇପାରେ, ଯଥା ପାରିବାରିକ ବିଶୃଙ୍ଖଳା, ଜାତିଆଣ ଭେଦଭାବ ଓ ଗୋଷ୍ଠୀଗତ କନ୍ଦଳ, ଯାହାକୁ ନେଇ ସାଧାରଣତଃ ଏଠାରେ ବିଚାର ବିମର୍ଶ କରାଯାଇଥାଏ। ପରିବାର ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲେ ପରିବାରର ମୁରବି ଏବଂ ଆତ୍ମୀୟ ସ୍ୱଜନ ଓ ବୟୋଜ୍ୟେଷ୍ଠଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ ହୋଇଥାଏ। ଜାତିଆଣ ଭେଦଭାବ, ବିଶେଷକରି ଅନ୍ୟ ଜାତିରେ ବିବାହ କରିବା ଏକ ସାମାଜିକ ପ୍ରତିବନ୍ଧକ, ଯାହାକୁ ନେଇ ସେହି ପରିବାରର ସମସ୍ତ ସଦସ୍ୟଙ୍କୁ ନିଆଁ ପାଣି ବାସନ୍ଦ କରିବା ସହ କୌଣସି ସାମାଜିକ କାର୍ଯ୍ୟରେ ଯୋଗଦାନ କରିବାକୁ ବାରଣ କରାଯାଇଥାଏ, ସେ କ୍ଷେତ୍ରରେ କନ୍ଦଳର ସମାଧାନ କରାଯିବା ପାଇଁ ଉଦ୍ୟମ କରାଯାଏ। ଏପରିକି ସେହି ପରିବାରର ସଦସ୍ୟ ମୃତ୍ୟୁବରଣ କଲେ ଜାତି କିମ୍ବା କୁଟୁମ୍ବର ଲୋକମାନେ ଶବ ସତ୍କାର ସମୟରେ ଅନୁପସ୍ଥିତ ରହିଥାନ୍ତି। ଗୋଷ୍ଠୀଗତ ବିଶୃଙ୍ଖଳା ଗାଁ ପାଇଁ ବିପଦ ସୃଷ୍ଟି କରିଥାଏ। ଉଭୟ ଗୋଷ୍ଠୀର ସଦସ୍ୟଙ୍କ ଉପସ୍ଥିତିରେ ଅଞ୍ଚଳର ବରିଷ୍ଠ ନାଗରିକ, ମୁଖିଆ, ନିର୍ବାଚିତ ଜନପ୍ରତିନିଧି ଓ ଜ୍ଞାନୀ ଗୁଣୀ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଏଭଳି ସମସ୍ୟାର ସମାଧାନ କରାଯାଇଥାଏ। ଭଦ୍ର ମଣ୍ଡଳୀଙ୍କର ସେହି ନିଷ୍ପତ୍ତିକୁ ଉଭୟ ପକ୍ଷର ସଦସ୍ୟମାନେ ଗ୍ରହଣ କରିଥାନ୍ତି ଓ ନିର୍ଦ୍ଧାରିତ ସମୟରେ ଜୋରିମାନା ଅର୍ଥ ରାଶି କିମ୍ବା ଅନ୍ୟାନ୍ୟ ଦ୍ରବ୍ୟ ପୈଠ କରିବାକୁ ବାଧ ହୋଇଥାନ୍ତି। ଗାଁର ମୌଖିକ ସାମାଜିକ ନ୍ୟାୟ ସମ୍ବିଧାନର ଲିଖିତ ନ୍ୟାୟିକ ବ୍ୟବସ୍ଥାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ, ଯେଉଁଠି ନଥାଏ କୋର୍ଟ କଚେରୀକୁ ଦୌଡ଼ିବାର ଭୟ କିମ୍ବା ଅଯଥା ଖର୍ଚ୍ଚାନ୍ତ ହେବା ଓ ସମୟ ନଷ୍ଟ କରିବା। ଗ୍ରାମର ବିକାଶମୂଳକ କାର୍ଯ୍ୟ ପାଇଁ ଗ୍ରାମବାସୀମାନେ ନିଜେ ନିଷ୍ପତ୍ତି ନେଇଥାନ୍ତି। ବିଶିଷ୍ଟ ପ୍ରାଚୀନ ଗ୍ରୀକ୍ (ଆଥେନ୍ସ) ଦାର୍ଶନିକ ସକ୍ରେଟିସ ଗ୍ରାମ୍ୟ ନ୍ୟାୟ ସଂପର୍କରେ ବ୍ୟାଖ୍ୟା କରି କହିଛନ୍ତି, ନ୍ୟାୟ କେବଳ ଆମର ବନ୍ଧୁମାନଙ୍କୁ ଭଲ କରିବା ଏବଂ ଶତ୍ରୁମାନଙ୍କୁ କ୍ଷତି କରିବା କିମ୍ବା ନିଜ ସ୍ୱାର୍ଥ ଅନୁସରଣ କରିବାର ମାଧ୍ୟମ ନୁହେଁ। ନ୍ୟାୟ ସମସ୍ତ ଲୋକଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮
kishorsddm@gmail.com

## ସମ୍ପାଦକଙ୍କୁ ପତ୍ର

### ଗୁଣି କମ୍, ଫୁଙ୍କା ବେଶୀ

ଆମ ସମାଜରେ କାହିଁ କେତେ ଦିନରୁ ଏ ପର୍ଯ୍ୟନ୍ତ କାହାକୁ ସାପ କିମ୍ବା ଅନ୍ୟ ଜୀବଜନ୍ତୁ କାମୁଡ଼ିଲେ କିମ୍ବା କାହା ଶରୀରରେ ଅଶରୀରି ପ୍ରବେଶ କଲେ ଲୋକମାନେ ସାଧାରଣତଃ ଡାକ୍ତରୀ ଚିକିତ୍ସା ସୁବିଧା ସୁଯୋଗ ଛାଡ଼ି କିମ୍ବା ଉପଲବ୍ଧ କରିବା ପୂର୍ବରୁ ଗୁଣିଗାରେଡ଼ି, ମନ୍ତ୍ର ଆଦି ଉପରେ ଭରସା କରି ଗୁଣିଆ ପାଖକୁ ଧାଇଁ ଥାଆନ୍ତି। ଅନେକ ସମୟରେ ଏହି ଦୁର୍ବଳମନା ଲୋକଙ୍କ ମନସ୍ତତ୍ତ୍ୱକୁ ଗୁଣିଆମାନେ ବୁଝି ସେମାନଙ୍କୁ ବିଭିନ୍ନ ଭାବେ ବିଭ୍ରାନ୍ତ କରିବାକୁ ଚେଷ୍ଟା କରି ଥାଆନ୍ତି। କିଛି ଜାଣି ଥାଆନ୍ତୁ ବା ନ ଜାଣିଥାନ୍ତୁ ଲୋକମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ସେମାନେ ବାରମ୍ବାର ରୋଗୀମାନଙ୍କୁ ଫୁଙ୍କୁଥାନ୍ତି, ଯାହାକୁ କଟାକ୍ଷ କରି ଲୋକେ କୁହନ୍ତି 'ଗୁଣି କମ୍, ଫୁଙ୍କା ଅଧିକ।' ଠିକ୍ ସେହିଭଳି ଅନେକ ଲୋକ କିଛି ନଜାଣି ନଶୁଣି ବା ଜ୍ଞାନ ଗରିମା ନଥାଇ ବିଭିନ୍ନ ପ୍ରସଙ୍ଗ ଉପରେ ଭାଷଣ ମାରିବା, ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ କ'ଣ ଟିକେ ଟିକେ କାମ କରିଦେଇ ନିଜକୁ ସମାଜସେବୀ ବୋଲାଇବା, ସର୍ବୋପରି ବିଭିନ୍ନ ରାଜନୈତିକ ଦଳମାନେ ସମାଜରୁ ଦାରିଦ୍ର୍ୟ ହଟାଇବୁ, ସମସ୍ତଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବୁ, ଦୁର୍ନୀତିର ମୂଳୋତ୍ପାଟନ କରିବୁ, ଦରଦାମ୍ ନିୟନ୍ତ୍ରଣ କରିବୁ ଆଦି ବିଭିନ୍ନ ବୈପ୍ଳବିକ ପରିବର୍ତ୍ତନ ଆଣିବାର ସ୍ୱପ୍ନ ଦେଖାଇ କ୍ଷମତାକୁ ଆସିବା ପରେ ସେଗୁଡ଼ିକୁ ଭୁଲିଯିବା କେବଳ ଲୋକମାନଙ୍କୁ ଭୁଆଁ ବୁଲାଇବା ସହିତ ସମାନ ନୁହେଁ କି! ତେଣୁ ଏହି ଗୁଣି କମ୍, ଫୁଙ୍କା ବେଶୀ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନମାନଙ୍କୁ ଚିହ୍ନି ପାରିଲେ ଆମେ ଅନ୍ତତଃ ଠକାମିରୁ ବର୍ତ୍ତିଯାଇ ପାରିବା।

**ଡକ୍ଟର ସୀତାକାନ୍ତ ତ୍ରିପାଠୀ, ଅର୍ଣ୍ଣପାଳ, ଭଦ୍ରକ**

NITIDIN
ନିତିଦିନ
ଗୁରୁବାର , ୨୧ ମେ' ୨୦୨୬

# ଜାମିନ ପାଇବାର ମୌଳିକ ଅଧିକାର

ସୋମବାର ଦିନ ସୁପ୍ରିମ୍‌କୋର୍ଟଙ୍କ ନିଜ ଦ୍ୱାରା ପୂର୍ବରୁ ପ୍ରଦତ୍ତ ଏକ ଆଦେଶକୁ ବଳବତ୍ତର ରଖିବା, ଯାହା ବିଶେଷ ଆଇନଗୁଡ଼ିକ କ୍ଷେତ୍ରରେ କଠୋର ଜାମିନ ସର୍ତ୍ତାବଳୀଗୁଡ଼ିକର ଜାମିନ ପ୍ରଦାନ ନ କରିବା ନିମନ୍ତେ ବ୍ୟବହାର କରାଯାଉଥିଲା, ତାକୁ ଖାରଜ କରିଦେବା ସେଗୁଡ଼ିକର ଅପବ୍ୟବହାରର ଶିକାର ହୋଇଥିବା ବ୍ୟକ୍ତିମାନଙ୍କ ପାଇଁ ଏକ ବଡ଼ ଆଶ୍ୱାସନା ସାବ୍ୟସ୍ତ ହୋଇଛି। ଏହା ମଧ୍ୟ ମନରେ ଆଶାଟିଏ ଜାଗ୍ରତ କରାଇଛି ଯେ ସମ୍ବିଧାନର ଧାରା ୨୧ ଏବଂ ୨୨ ଅଧୀନରେ ପ୍ରଦତ୍ତ ସ୍ୱାଧୀନତାକୁ କ୍ଷୁଣ୍ଣ କରିବା ପାଇଁ ସଂସଦ କୌଣସି ଆଇନ ପ୍ରଣୟନ କରିବା ବନ୍ଦ କରିଦେବ, ଯଦ୍ୱାରା କାର୍ଯ୍ୟପାଳିକା ନୀତିଗୁଡ଼ିକର ଉଲ୍ଲଙ୍ଘନ ପାଇଁ ଲୋକମାନଙ୍କୁ ଜେଲ୍‌ରେ ଭର୍ତ୍ତି କରିବା ବନ୍ଦ କରିବ, ଏଇଥିପାଇଁ ଯେ ଦୋଷୀ ସାବ୍ୟସ୍ତ ନହେବା ପର୍ଯ୍ୟନ୍ତ ଜଣକୁ ନିର୍ଦ୍ଦୋଷ ବୋଲି ବିବେଚନା କରାଯିବ ଏବଂ ଜାମିନ ହେଉଛି ନିୟମ ଏବଂ ଜେଲ୍ ହେଉଛି ବ୍ୟତିକ୍ରମ। ଏହା ମଧ୍ୟ ସୁପ୍ରିମ୍‌କୋର୍ଟର ଆଦେଶ ଓ ସମ୍ବିଧାନର ଉଲ୍ଲଙ୍ଘନ କରି ଜାମିନ ଆବେଦନଗୁଡ଼ିକୁ ଖାରଜ କରିବା ବିରୁଦ୍ଧରେ ଦେଶର ସବୁ କୋର୍ଟଙ୍କୁ ଉପରୋକ୍ତ କଥାକୁ ସ୍ମରଣ କରାଇ ଦେଇଛି। ସମ୍ବିଧାନର ଧାରା ୨୧ ଏବଂ ୨୨ ହେଉଛି ଏକ ପ୍ରତିଶୋଧ ପରାୟଣ ରାଷ୍ଟ୍ର ଏବଂ ଏହାର ପରିଚାଳନାକାରୀମାନଙ୍କ ଶକ୍ତି ବିରୁଦ୍ଧରେ ନାଗରିକଙ୍କ ସୁରକ୍ଷା ପ୍ରଦାନ କରିବା ପାଇଁ ନିଶ୍ଚିତତା। ଧାରା ୨୧ ଉଲ୍ଲେଖ କରେ ଯେ 'କେବଳ ଆଇନ ଦ୍ୱାରା ପ୍ରତିଷ୍ଠିତ ବିଧି ବ୍ୟବସ୍ଥା ବ୍ୟତିରେକେ କୌଣସି ବ୍ୟକ୍ତିଙ୍କୁ ତାଙ୍କର ଜୀବନ ବା ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରାଯାଇ ପାରିବ ନାହିଁ', ଯାହା ଗୁରୁତ୍ୱାରୋପ କରେ ଯେ କୌଣସି ବ୍ୟକ୍ତିଙ୍କୁ ଅଟକ ରଖିବା ବେଳେ ନ୍ୟାୟିକ ପ୍ରକ୍ରିୟାର ଅନୁସରଣ କରାଯାଉଛି; ଧାରା ୨୨ ମନମୁଖୀ ଗିରଫ କରିବା ଓ ଅଟକ ରଖିବାକୁ ନିଷେଧ କରିଛି। ଏକାଠି ମିଶାଇଲେ, ଏହା ସାମ୍ବିଧାନିକ କୋର୍ଟ ସମେତ ନ୍ୟାୟପାଳିକାକୁ ଜଣେ ବ୍ୟକ୍ତିଙ୍କୁ ତାଙ୍କର ଅଧିକାରରୁ ବଞ୍ଚିତ କରାଯିବା ଉଚିତ କି ନା, ସେ ସମ୍ବନ୍ଧରେ ସିଦ୍ଧାନ୍ତ ନେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର ପ୍ରଦାନ କରିଛି। ଏହା ଦର୍ଶାଇ ଥାଏ ଯେ ଦେଶ ନ୍ୟାୟର ପଥରେ ଅନେକ ବାଟ ଅତିକ୍ରମ କରି ଆସିଲାଣି ଏବଂ ଅତ୍ୟାଚାରୀ ଶାସନର ସମୟଗୁଡ଼ିକଠାରୁ ତଥା ନ୍ୟାୟ ପ୍ରଦାନ କରିବାର ଏକଚାଟିଆ ଉପାୟଗୁଡ଼ିକଠାରୁ ମଧ୍ୟ।

ତେବେ ସରକାରର କାର୍ଯ୍ୟପାଳିକା ବାହୁ ଲୋକମାନଙ୍କ ଦ୍ୱାରା ଉପଭୋଗ କରାଯାଉଥିବା ଏହି ସ୍ୱାଧୀନତାକୁ ନେଇ ଖୁବ୍ ବେଶୀ ଖୁସି ହେବାର ଦେଖାଯାଇ ନାହିଁ ଏବଂ ସେଥିପାଇଁ ୟୁଏପିଏ ଓ ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ ଆଇନ (ପିଏମ୍‌ଏଲ୍‌ଏ),୨୦୦୨ ଭଳି କେତେକ ବିଶେଷ ଆଇନ ଦେଶରେ ପ୍ରଚଳନ କରାଯାଇଛି। ଏହି ଆଇନଗୁଡ଼ିକରେ ଏଭଳି ସର୍ତ୍ତସବୁ ରଖାଯାଇଛି, ଯାହା ଏକ କୋର୍ଟଙ୍କ ଦ୍ୱାରା ଏହି ଆଇନ ବଳରେ ଗିରଫ ହୋଇଥିବା ଜଣେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବାର କାର୍ଯ୍ୟକୁ ଅସମ୍ଭବ ପ୍ରାୟ କରି ଦେଉଛି। ୟୁଏପିଏର ଧାରା ୪୩(ଘ)(୫) ଗୁରୁତ୍ୱାରୋପ କରିଥାଏ ଯେ କୋର୍ଟ ଜଣକୁ ଜାମିନ ବଳରେ ମୁକ୍ତ କରି ପାରିବେ ନାହିଁ ଯଦି 'ଏଭଳି ବ୍ୟକ୍ତିଙ୍କ ବିରୁଦ୍ଧରେ ଆଗତ ଅଭିଯୋଗଗୁଡ଼ିକ ପ୍ରାରମ୍ଭିକ ପର୍ଯ୍ୟାୟର ଆଧାରରେ ସତ୍ୟ ବୋଲି ହୃଦୟଙ୍ଗମ କରିବା ପାଇଁ ଯୁକ୍ତିଯୁକ୍ତ କାରଣ ରହିଥାଏ।' ପିଏମ୍‌ଏଲ୍‌ଏର ଧାରା ୪୫ ଉଲ୍ଲେଖ କରେ ଯେ ଏକ କୋର୍ଟ ଜାମିନ ମଞ୍ଜୁର କରି ପାରିବେ 'ଯଦି ସେହି ବ୍ୟକ୍ତି ସେଭଳି ଅପରାଧରେ ଦୋଷୀ ହୋଇ ନଥିବା ବିଶ୍ୱାସ କରିବା ନିମନ୍ତେ ଯୁକ୍ତିଯୁକ୍ତ ଆଧାରମାନ ରହିଛି ଏବଂ ଜାମିନରେ ମୁକୁଳିବା ପରେ ସେ ସେଭଳି କୌଣସି ଅପରାଧ କରିବାର ସମ୍ଭାବନା ନାହିଁ।'

ଏହିସବୁ ଆଇନ ଏକ ଗଣତନ୍ତ୍ରରେ ଅପରାଧିକ ନ୍ୟାୟର କାର୍ଯ୍ୟକାରିତାକୁ ତା'ର ସୀମାନ୍ତ ଅବସ୍ଥାରେ ଉପନୀତ କରାଇ ଦେଇଥାଏ। ବସ୍ତୁତଃ ୨୦୧୭ରେ ସୁପ୍ରିମ୍‌କୋର୍ଟ ପିଏମ୍‌ଏଲ୍‌ଏର ଧାରା ୪୫କୁ ସମ୍ବିଧାନର ଅଧିକାର ବାହାରେ ହୋଇଥିବା ଅନୁଭବ କରି ରଦ୍ଦ କରି ଦେଇଥିଲେ, କିନ୍ତୁ ସରକାର ଏଥିରେ କେତେକ ଅଦଳବଦଳ କରି ଏହାକୁ ପୁଣିଥରେ କାର୍ଯ୍ୟକାରୀ କରାଯିବା ଅବସ୍ଥାକୁ ନେଇ ଆସିଲେ। ୨୦୨୧ରେ କୋର୍ଟ ଉଲ୍ଲେଖ କରିଥିଲେ ଯେ ୟୁଏପିଏ ଅଧୀନରେ ଜାମିନ ପାଇବା ପାଇଁ ରହିଥିବା କଠୋର ସର୍ତ୍ତଗୁଡ଼ିକ ମୌଳିକ ଅଧିକାରଗୁଡ଼ିକର ସୁରକ୍ଷା ନିମନ୍ତେ ସାମ୍ବିଧାନିକ କୋର୍ଟମାନଙ୍କର ଜାମିନ ପ୍ରଦାନ କରିବାର କ୍ଷମତାକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରି ପାରିବ ନାହିଁ। ଏହା ଆହୁରି ମଧ୍ୟ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ପୂର୍ବରୁ ପ୍ରାକ୍-ବିଚାର ପ୍ରକ୍ରିୟା ଅଟକକୁ ଏକ ଦଣ୍ଡରେ ପରିଣତ ନ କରିବାକୁ ଚେତାବନୀ ପ୍ରଦାନ କରିଥିଲେ। ଏ ସବୁଥିରୁ ଏକ ସ୍ପଷ୍ଟ ବାର୍ତ୍ତା ମିଳିଥାଏ: ସମ୍ବିଧାନ ଦ୍ୱାରା ନାଗରିକମାନଙ୍କୁ ପ୍ରଦତ୍ତ ମୌଳିକ ଅଧିକାରଗୁଡ଼ିକ ସର୍ବୋଚ୍ଚ ଏବଂ ଅଲଙ୍ଘନୀୟ ଏବଂ ଆଇନର ପ୍ରକ୍ରିୟାଗୁଡ଼ିକର ଅତିକ୍ରମଣ କରିବା ନିମନ୍ତେ କୌଣସି ସର୍ଟକଟ୍ ବାଟ ନାହିଁ। ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା- ପ୍ରତ୍ୟେକଙ୍କ ପାଇଁ ଏହି ଆଦେଶରେ ଏକ ବାର୍ତ୍ତା ରହିଛି। ଏମାନେ ସମସ୍ତେ ଏହି ବାର୍ତ୍ତାରୁ ଠିକ୍ ଶିକ୍ଷା ଗ୍ରହଣ କରନ୍ତୁ। ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦେଶର ସର୍ବୋଚ୍ଚ ଅଦାଲତ ଅତି ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ୟୁଏପିଏ ଅଧୀନରେ ମଧ୍ୟ ଜାମିନ ହେଉଛି ନିୟମ ଏବଂ ଜେଲ୍ ହେଉଛି ବ୍ୟତିକ୍ରମ।

# ପରିସ୍ଥିତି ଓ ମନଃସ୍ଥିତି

ବେଳେବେଳେ ପରିସ୍ଥିତି ଆମର ମନଃସ୍ଥିତିକୁ ବଦଳାଇ ଦେଇଥାଏ। ଆଉ କେତେବେଳେ ମନଃସ୍ଥିତି ଦୃଢ଼ ଥିଲେ ପରିସ୍ଥିତି ମଧ୍ୟ ବଦଳି ଯାଇଥାଏ। ଜୀବନକୁ ସୁଗମ ଓ ସରଳ କରିବା ପାଇଁ ପରିସ୍ଥିତି ଅନୁସାରେ ମନଃସ୍ଥିତିକୁ ବଦଳାଇ ଚଳିବାକୁ ପଡ଼ିବ। ବେଳେବେଳେ ଘଟଣାଟିଏ ଆମକୁ ବ୍ୟତିବ୍ୟସ୍ତ କରି ପକାଏ। ତା' ପଛରେ ଥିବା ଘଟଣା ଆମ ପାଇଁ ଅଦେଖା ଓ ଅଜଣା ଥାଏ। ତେଣୁ ଆମେ ପରିସ୍ଥିତିକୁ ବିପଦ ବୋଲି ଭାବିଥାଉ। କିନ୍ତୁ ପ୍ରତ୍ୟେକ ପରିସ୍ଥିତି ପଛରେ କିଛି ନା କିଛି ମହତ ଉଦ୍ଦେଶ୍ୟ ଲୁଚିଥାଏ। ଏହି ଭାବନା ଆସିଲେ ମନଃସ୍ଥିତି ବଦଳି ଯାଏ; ଆଉ ପରିସ୍ଥିତି ମଧ୍ୟ ସ୍ୱାଭାବିକ ଜଣାଯାଏ।

ତପୋଧନ ନଗର। ସେହି ନଗରରେ ଗୁରୁକୁଳଟି ଥିଲା ଲୋକାରଣ୍ୟଠାରୁ ଦୂରରେ। ରାଜକୁମାର ଶାଶ୍ୱତ ଓ ମନ୍ତ୍ରୀଙ୍କ ପୁତ୍ର ଶୈଳେନ୍ଦ୍ର ଏକାଠି ଅଧ୍ୟୟନ କରୁଥିଲେ ସେହି ଗୁରୁକୁଳରେ। ଭଲ ପଢୁଥିଲେ ମଧ୍ୟ। ଗୁରୁଜୀ ଉଭୟଙ୍କୁ ଖୁବ୍ ଆଦର ଓ ସ୍ନେହ କରୁଥିଲେ। ରାଜକୁମାର ଶାଶ୍ୱତ ଗୁରୁଙ୍କ ସେବାରେ ବ୍ରତୀ ଥିଲେ। ନିଜକୁ ରାଜାଙ୍କର ପୁତ୍ର ନ ଭାବି ଅତି ସାଧାରଣ ପିଲାଟିଏ ପରି ସେବା କରୁଥିଲେ। ପ୍ରତିଟି ଆଦେଶ ଉପଦେଶକୁ ସହଜରେ ମାନି ନେଉଥିଲେ। ମନ୍ତ୍ରୀଙ୍କ ପୁତ୍ର ଶୈଳେନ୍ଦ୍ର କିନ୍ତୁ ଥିଲା ଟିକିଏ ଦୁଷ୍ଟ ପ୍ରକୃତିର। ଗୁରୁଙ୍କୁ ସମ୍ମୁଖରେ ଭଲ କଥା, ବ୍ୟବହାର କରୁଥିଲେ ମଧ୍ୟ ପଛରେ ଗୁରୁଙ୍କ ନିନ୍ଦା କରୁଥିଲା। ଦିନେ ପଡ଼ୋଶୀ ରାଜ୍ୟର ରାଜକୁମାରୀ କାଦମ୍ବିନୀ ସଖୀଙ୍କ ଗହଣରେ ବୁଲୁଥିବା ଅବସ୍ଥାରେ ଚିରସ୍ରୋତା ନଦୀରେ ଭାସିଗଲେ। ଚେତାଶୂନ୍ୟ ଅବସ୍ଥାରେ ନଦୀ କୂଳରେ ଲାଗିଥିବା ବେଳେ ଶାଶ୍ୱତ ଓ ଶୈଳେନ୍ଦ୍ର ତାଙ୍କୁ ଉଦ୍ଧାର କରିଥିଲେ। ଚେତା ଫେରିବା ପରେ ଗୁରୁକୁଳକୁ ଆଣିଥିଲେ। କାଦମ୍ବିନୀ ସୁସ୍ଥ ହେବା ପରେ ଗୁରୁଜୀ ତାଙ୍କୁ ନିଜ ରାଜ୍ୟକୁ ପଠାଇବାର ବ୍ୟବସ୍ଥା କରିଥିଲେ।

ଏହା ଭିତରେ ଉଭୟେ ଶୈଳେନ୍ଦ୍ର ଓ ଶାଶ୍ୱତଙ୍କର ଦୁର୍ବଳତା ଆସିଥିଲା କାଦମ୍ବିନୀଙ୍କ ପ୍ରତି। ସମୟକ୍ରମେ ଗୁରୁ ଏ ବିଷୟରେ ଜାଣିଲେ। ଉଭୟ ଶୈଳେନ୍ଦ୍ର ଓ ଶାଶ୍ୱତ ଜାଣିଥିଲେ କାଦମ୍ବିନୀକୁ ପାଇହେବ, ଯଦି କେବଳ ଗୁରୁ ଚାହିଁବେ। ତେଣୁ ଶାଶ୍ୱତ ତ ପୂର୍ବରୁ ନିଷ୍ଠାର ସହିତ ଗୁରୁଙ୍କ ସେବା କରୁଥିଲେ। କିନ୍ତୁ ମନ୍ତ୍ରୀଙ୍କ ପୁତ୍ର ଶୈଳେନ୍ଦ୍ର ଭକ୍ତିର ବାହାନା କରି ଗୁରୁଙ୍କ ସେବା କଲା। କିଛି ଦିନ ପରେ ମନ୍ତ୍ରୀଙ୍କ ପୁତ୍ର ଶୈଳେନ୍ଦ୍ରଙ୍କ ସହ ପଡ଼ୋଶୀ ରାଜ୍ୟର ରାଜକୁମାରୀ କାଦମ୍ବିନୀଙ୍କର ବିବାହ ହୋଇଗଲା। ଏହା ଦେଖି ରାଜକୁମାର ଶାଶ୍ୱତ ଦୁଃଖିତ ହେଲେ। ଅନ୍ୟ ସମସ୍ତେ ଭାବିଥିଲେ ଶାଶ୍ୱତଙ୍କୁ ଗୁରୁ ରାଜକୁମାରୀ କାଦମ୍ବିନୀଙ୍କ ସହିତ ବିବାହ କରାଇ ଦେବେ ବୋଲି।

ମନ୍ତ୍ରୀଙ୍କ ପୁତ୍ର ଶୈଳେନ୍ଦ୍ର ଖୁବ୍ ଆନନ୍ଦରେ ଥିଲେ କାଦମ୍ବିନୀଙ୍କୁ ନେଇ। ବିତିଗଲା କିଛି ଦିନ। କାଦମ୍ବିନୀଙ୍କ ସହ ଶୈଳେନ୍ଦ୍ରଙ୍କର ବିଚ୍ଛେଦ ହେଲା। ଫଳରେ ବିବାହର ସୁଖ ଅପେକ୍ଷା ବିଚ୍ଛେଦ ଯନ୍ତ୍ରଣା ବଳି ପଡ଼ିଲା। ଏହି ପରିସ୍ଥିତିକୁ ଦେଖି ଶାଶ୍ୱତ ଗୁରୁଙ୍କ ଦୂରଦୃଷ୍ଟିକୁ ବୁଝି ପାରିଥିଲେ ଏବଂ ଗୁରୁଙ୍କ ପ୍ରତି ମନରେ ଆଣିଥିବା କ୍ଷୋଭରୁ ବିରତ ହୋଇଥିଲେ।

ନିତିଦିନ NITIDIN



# ସିଜିମାଳିରେ ହିଂସା ଦୂର ନେଇ ଦାବିପତ୍ର



**ରାୟଗଡ଼ା,୨୦।୫/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲାର କାଶିପୁର ସିଜିମାଳି ଅଞ୍ଚଳରେ କିଛିଦିନ ଧରି ଲାଗିରହିଥିବା ଅଶାନ୍ତ ପରିବେଶ ଧୀରେ ଧୀରେ ଶାନ୍ତ ହେଉଥିବାବେଳେ ପୁଣି ଅଶାନ୍ତ କରିବା ପାଇଁ ବାହାର ଜିଲ୍ଲା ଓ ରାଜ୍ୟର ସାମାଜିକ ଅନୁଷ୍ଠାନ ବା ଅନ୍ୟାନ୍ୟ ସଂଗଠନ ଦ୍ୱାରା ପଦଯାତ୍ରା ବାହାନାରେ ସ୍ଥାନୀୟ ଲୋକଙ୍କୁ ଉସୁକାଇ ହିଂସା ସୃଷ୍ଟି କରିବାକୁ ପ୍ରୟାସ କରାଯାଉଛି। ଏହାକୁ ବନ୍ଦ କରିବା ପାଇଁ କାଶିପୁର ଅଞ୍ଚଳବାସୀ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କାଶୀପୁର ଏକ ସମ୍ବେଦନଶୀଳ ଅଞ୍ଚଳ। ଦୀର୍ଘ ଦିନ ଧରି କଣ୍ଠାମାଳ ଏବଂ ସାଗବାରି ଗ୍ରାମବାସୀଙ୍କୁ ନେଇ ପରିବେଶ ସୁରକ୍ଷା ନାମରେ ସଂସ୍ଥା ଗୁଡ଼ିକ ସେଠାରେ ଡେରା ପକାଇ ଆନ୍ଦୋଳନ କରୁଥିବାବେଳେ ଆସନ୍ତା ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ସିଜିମାଳିରୁ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା ଆରମ୍ଭ କରିବା ନେଇ କିଛି ସଂଗଠନ ଯୋଜନା ପ୍ରସ୍ତୁତ କରିଛି। ଏନେଇ ପୁଣି ଅଞ୍ଚଳରେ ଅଶାନ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ କାଶୀପୁର ବ୍ଲକ୍‌ର ଲୋକମାନେ ଅତ୍ୟନ୍ତ ସରଳ ବିଶ୍ୱାସୀ। ତେଣୁ ଏହାର ସୁଯୋଗ ନେଇ ବାହାର ରାଜ୍ୟ ସଂଗଠନ ଆମ ଅଞ୍ଚଳରେ ପ୍ରବେଶ କରି ନିଜର ମନ୍ଦ ଉଦ୍ଦେଶ୍ୟ ରଖି ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି। ଜିଲ୍ଲା ପ୍ରଶାସନ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଏହି ଅଶାନ୍ତିକୁ ବନ୍ଦ କରନ୍ତୁ। ଶାନ୍ତ ପଡ଼ିଥିବା ଅଞ୍ଚଳରେ ପୁନର୍ବାର ହିଂସାର ବାତାବରଣ ସୃଷ୍ଟି କରିବା ଏବଂ ଲୋକଙ୍କୁ ଭୟଭୀତ କରିବା ଉଦ୍ଦେଶ୍ୟରେ ପଦଯାତ୍ରାର ଆୟୋଜନ କରୁଛନ୍ତି। ତେଣୁ ଏହି ପଦଯାତ୍ରା ପାଇଁ କୌଣସି ଅନୁମତି ପ୍ରଦାନ କରାନଯାଉ। ପ୍ରଶାସନିକସ୍ତରରେ ଅଞ୍ଚଳରେ ଦେଖାଦେଇଥିବା ଅଶାନ୍ତିକୁ ଦୂର କରିବା ପାଇଁ ସିଜିମାଳି ଅଞ୍ଚଳବାସୀଙ୍କ ସହିତ ସିଧାସଳଖ ଆଲୋଚନା କରାଯାଇ ଶାନ୍ତି ଫେରାଇ ଅଣାଯାଉ। ବାହାର ସଂଗଠନ ଗୁଡ଼ିକୁ ଏହି ଅଞ୍ଚଳରୁ ଦୂରେଇ ରଖିଲେ ଅଞ୍ଚଳରେ ଶାନ୍ତି ବଜାୟ ରହିବ ଏବଂ ପରିସ୍ଥିତିରେ ସ୍ଥାୟୀ ସୁଧାର ଆସିବ। ତେଣୁ ବ୍ଲକ୍‌ବାସୀ ଓ ପ୍ରଭାବିତ ଅଞ୍ଚଳର ଗ୍ରାମବାସୀଙ୍କ ଅନୁରୋଧକୁ ରକ୍ଷା କରି ଏହି ସମ୍ବେଦନଶୀଳ ବିଷୟରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଏବଂ ଏସ୍‌ପି ସ୍ୱାତୀ ଏସ୍ କୁମାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଘସିଏନ୍‌ଦେବୀ ଏଫ୍‌ପିସିଏଲ୍‌ର ପରିବା ଆଉଟ୍‌ଲେଟ୍ ଉଦ୍‌ଘାଟିତ



**ବଲାଙ୍ଗୀର,୨୦।୫/ଏନ୍ଏନ୍ଏସ୍:** ଚାଷୀଙ୍କୁ ସିଧାସଳଖ ଖାଉଟିଙ୍କ ସହ ଯୋଡ଼ିବା ଓ ସହରବାସୀଙ୍କୁ ତାଜା ପରିବା ଯୋଗାଇବା ଲକ୍ଷ୍ୟରେ ଘସିଏନ୍‌ଦେବୀ କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ବଲାଙ୍ଗୀର ସହର ସ୍ୱରାଜ ହସ୍ପିଟାଲ୍ ପାଖରେ ଦ୍ୱିତୀୟ ପରିବା ଆଉଟଲେଟ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା ଏହି ଆଉଟଲେଟ୍‌କୁ ଉଦ୍‌ଘାଟନ କରିଥିଲେ। ନାବାର୍ଡର ଡିଡିଏମ୍ ଡା. ବିବେକ କୁମାର ନାୟକ, ଏଲ୍‌ଡିଏମ୍ ପ୍ରଶାନ୍ତ ବେହେରା ଓ ମହାଶକ୍ତି ଫାଉଣ୍ଡେସନ୍‌ର ପ୍ରତିନିଧି ପ୍ରଣବ ମୋହନ କୁମାର ପ୍ରମୁଖ ବିଶିଷ୍ଟ ଅତିଥିଭାବେ ଯୋଗ ଦେଇଥିଲେ। ଏଫ୍‌ପିଓ ମାଧ୍ୟମରେ ଚାଷୀଙ୍କ ଆର୍ଥିକ ସଶକ୍ତିକରଣ ଓ ସ୍ଥାନୀୟ ଉତ୍ପାଦନର ବଜାରୀକରଣକୁ ଅତିଥିମାନେ ପ୍ରଶଂସା କରିଥିଲେ। ଘସିଏନ୍‌ଦେବୀ ଏଫ୍‌ପିସିଏଲ୍‌ର ଏହି ପଦକ୍ଷେପ ଚାଷୀଙ୍କ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିବା ସହିତ ସହରବାସୀଙ୍କୁ ସତେଜ ପରିବା ଯୋଗାଇବାରେ ସହାୟକ ହେବ ବୋଲି ସିଡିଏଓ ଶ୍ରୀ ବରିହା କହିଥିଲେ। ଡା. ବିବେକ କୁମାର ନାୟକ ଏଫ୍‌ପିଓ ମାଧ୍ୟମରେ କୃଷି ଆଧାରିତ ବ୍ୟବସାୟକୁ ଆହୁରି ବିସ୍ତାର କରିବା ପାଇଁ ପ୍ରୋତ୍ସାହନ ଦେଇଥିଲେ। ସୂଚନାଯୋଗ୍ୟଯେ ଭାରତ ସରକାରଙ୍କ ସହଯୋଗରେ ନାବାର୍ଡ ଏବଂ ମହାଶକ୍ତି ଫାଉଣ୍ଡେସନ୍ ଦ୍ୱାରା ଗଠିତ ଏହି କୃଷକ ଉତ୍ପାଦକ କମ୍ପାନୀ ଏ ଅଞ୍ଚଳର ଚାଷୀଙ୍କୁ ବିଭିନ୍ନ ସେବା ଯୋଗାଇ ଆସୁଛି। ଉତ୍ତମ ମାନର ବିହନ ଓ ସାର ଆଦି ଯୋଗାଇବା ସହିତ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ମଧ୍ୟ କ୍ରୟ କରୁଛି। ଏହି ଅବସରରେ ଏଫ୍‌ପିସିଏଲ୍‌ର ନିର୍ଦ୍ଦେଶକମଣ୍ଡଳୀ, ସିଇଓ ଓ ଚାଷୀଙ୍କ ସହ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# କେସିଙ୍ଗା ବେଦାନ୍ତ ପମ୍ପ ହାଉସ୍‌ରୁ ଚୋରି, ୫ ଗିରଫ



**ଭବାନୀପାଟଣା,୨୦।୫/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ପୁଲିସ୍‌କୁ ବଡ଼ ସଫଳତା ମିଳିଛି। କେସିଙ୍ଗା ବେଦାନ୍ତ ପମ୍ପ୍ ହାଉସ୍‌ରୁ ଚୋରି ହୋଇଥିବା ୪୮୦ କିଗ୍ରା ତମ୍ବା ତାର ଓ ନଗଦ ୨ ଲକ୍ଷ ୫୦ ହଜାର ଜବତ ହେବାସହ ୫ ଅନ୍ତରାଜ୍ୟ ଚୋର ଗିରଫ ହୋଇଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ନାଗରାଜ ଦେବାରକୋଣ୍ଡା ପ୍ରକାଶ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଜିଦ୍ଦି (୨୭), ପଖଲୁ ଦେଓ୍ୱାର (୨୩), ଯୋହନ (୪୦) ଓ ଦେବ ମାଝୀ ଓରଫ ରିଷି (୨୫)। ଏହାସହ ତମ୍ବା ତାର କିଣିବା ପାଇଁ ଚୋରଙ୍କୁ ଅଗ୍ରିମ ଦେଇଥିବା କବାଡ଼ିବାଲା ମହମ୍ମଦ ଜିଲାନିକୁ ଗିରଫ କରାଯାଇଛି। ସୂଚନାନୁସାରେ କେସିଙ୍ଗା ବେଦାନ୍ତ ଆଲୁମିନା ଲିମିଟେଡ୍ ପମ୍ପ୍ ହାଉସ୍‌ରେ ଲାଗିଥିବା ଟ୍ରାନ୍ସଫର୍ମର୍‌ରୁ ତମ୍ବା ତାର ଚୋରି ହେବା ନେଇ ଗତ ମେ’ ୧୫ରେ ବେଦାନ୍ତ ସାଇଟ୍ ଇନଚାର୍ଜ ଯଶୋବନ୍ତ ନନ୍ଦ କେସିଙ୍ଗା ଥାନାରେ ଏତଲା ଦାୟର କରିଥିଲେ। ଉକ୍ତ ଏତଲା ଆଧାରରେ କଳାହାଣ୍ଡି ଏସ୍‌ପିଙ୍କ ନିର୍ଦ୍ଦେଶ ଓ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀଙ୍କ ତତ୍ତ୍ୱାବଧାନରେ କେସିଙ୍ଗା ପୁଲିସ୍ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ପରେ ବେଦାନ୍ତ ଟ୍ରାନ୍ସଫର୍ମର୍‌ରୁ ଚୋରି ହୋଇଥିବା ତମ୍ବା ତାରକୁ ଅଭିଯୁକ୍ତମାନେ ବଲାଙ୍ଗୀର ନେଉଥିବାବେଳେ ପୁଲିସ୍ ଚେକିଂରେ ଧରାପଡ଼ିଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ସନ୍ଦୀପ ମାଝୀ ଓ ଆଇଆଇସି ଜିତେନ୍ଦ୍ର କୁମାର ବିଶ୍ୱାଳଙ୍କ ସମେତ ଅନ୍ୟ ପୁଲିସ୍ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜେସିବି ମାଲିକ ସଂଘର ଜରୁରୀ ବୈଠକ

# ଘଣ୍ଟା ପ୍ରତି ଦରବୃଦ୍ଧି, ବାହାର ରାଜ୍ୟର ମେସିନ୍‌କୁ ବିରୋଧ



**ମ.ରାମପୁର,୨୦।୫/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ସହରସ୍ଥିତ ଚୈତନ୍ୟ ଫିଲିଙ୍ଗ ଷ୍ଟେସନ୍‌ରେ ମଦନପୁର ରାମପୁର ଜେସିବି ମାଲିକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ରୋହିତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବ୍ଲକ୍‌ର ବିଭିନ୍ନ ଅଞ୍ଚଳର ଜେସିବି ମାଲିକମାନେ ଉପସ୍ଥିତ ଥିଲେ। ଏଥିରେ ବର୍ତ୍ତମାନର ଅସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକର ପ୍ରମୁଖ ଭାବେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ଯୋଗୁ ପେଟ୍ରୋଲ୍ ଓ ଡିଜେଲ୍ ଦର ଲଗାତାର ବୃଦ୍ଧି ପାଉଥିବା ନେଇ ଚିନ୍ତା ପ୍ରକାଶ ପାଇଥିଲା। ସଦସ୍ୟଙ୍କ କହିବାନୁସାରେ, ବର୍ତ୍ତମାନ ଅନେକ ପେଟ୍ରୋଲ୍ ପମ୍ପରେ ଡିଜେଲ୍ ମିଳିବା କଷ୍ଟକର ହୋଇପଡ଼ିଥିବାବେଳେ ଡିଜେଲ୍ ଦର ବୃଦ୍ଧି ଯୋଗୁ ଜେସିବି ଚଲାଇବା ଖର୍ଚ୍ଚ ଖୁବ୍ ବଢ଼ିଯାଇଛି। ଗୋଟିଏ ଘଣ୍ଟା ଜେସିବି କାମ ପାଇଁ ବର୍ତ୍ତମାନ ୧୦୦୦ରୁ ୧୨୦୦ ଟଙ୍କା ପର୍ଯ୍ୟନ୍ତ ନିଆଯାଉଥିବାବେଳେ ସେଥିରୁ ପ୍ରାୟ ୬୦୦ ଟଙ୍କା ଡିଜେଲ୍ ଖର୍ଚ୍ଚରେ ଯାଉଛି। ଏଥିସହ ଆନୁସାଙ୍ଗିକ ଖର୍ଚ୍ଚ ମଧ୍ୟ ରହୁଛି । ଅନ୍ୟ ରାଜ୍ୟ ରାଜସ୍ଥାନରୁ ଆସି କିଛି ଜେସିବି ମାଲିକ କମ୍ ଦରରେ କାମ କରୁଥିବାରୁ ସ୍ଥାନୀୟ ଜେସିବି ମାଲିକମାନେ ବଡ଼ ଧରଣର କ୍ଷତି ସହୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ଥାନୀୟ ମାଲିକଙ୍କ ବକେୟା ଶୀଘ୍ର ଆଦାୟ କରାଯିବାକୁ ଗୁରୁତ୍ୱ ଦିଆଯାଇଥିଲା। ଆଲୋଚନା ପରେ ସଂଘ ପକ୍ଷରୁ ଜେସିବି କାମର ଘଣ୍ଟା ପିଛା ଭଡ଼ା ୧୫୦୦ ଟଙ୍କା କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସଂଘର ନିଷ୍ପତ୍ତିକୁ ଅବମାନନା କରି କମ୍ ଦରରେ କାମ କରୁଥିବା ଜେସିବି ମାଲିକଙ୍କ ବିରୋଧରେ ସଂଘ ପକ୍ଷରୁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତପ୍ରକାଶ ପାଇଥିଲା। ଶେଷରେ ସମସ୍ତ ସଦସ୍ୟ ଏକତାବଦ୍ଧ ହୋଇ ସଂଘର ନିୟମ ମାନି ଚାଲିବାକୁ ସଙ୍କଳ୍ପ ନେଇଥିଲେ।

# ଲୁଟ୍ ଘଟଣାର ପର୍ଦ୍ଦାଫାସ୍, ୪ କୋର୍ଟ ଚାଲାଣ



**ଟିଟିଲାଗଡ଼,୨୦।୫/ଏନ୍ଏନ୍ଏସ୍:** ଟିଟିଲାଗଡ଼ ସହରର ଦେଓବନ୍ଧରେ ଗାଧୋଇବାକୁ ଯାଇଥିବା ୪ ଜଣ ଯୁବକଙ୍କୁ ଆକ୍ରମଣ ଓ ଲୁଟ୍ ଘଟଣାରେ ନିଜେ ବଲାଙ୍ଗୀର ଏସ୍‌ପି ଟିଟିଲାଗଡ଼ ପହଞ୍ଚି ସମସ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିଛନ୍ତି। ଏନେଇ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗୀର ଏସ୍‌ପି ଅବିନାଶ ଜୀ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ ମଙ୍ଗଳବାର ଅପରାହ୍ନ ୪ଟା ୩୦ରେ ରାଜସ୍ଥାନର ୪ ଜଣ ଟାଇଲସ୍ ମିସ୍ତ୍ରୀ ପଓ୍ୱନ କୁମାର (୨୦), ଛବିଳ (୨୬), ଅରବିନ୍ଦ (୧୯) ଓ ଫତେ ସିଂ (୨୬) ଦେଓବନ୍ଧ ପୋଖରୀର ଯୋଗୀ ଆଦିତ୍ୟନାଥ ଷ୍ଟେଚ୍ୟୁ ନିକଟକୁ ଗାଧୋଇବାକୁ ଯାଇଥିଲେ । ସେହି ସମୟରେ ୬ ଜଣ ଦୁର୍ବୃତ୍ତ ସେମାନଙ୍କୁ ଘେରି ଛୁରୀରେ ଆକ୍ରମଣ କରିବା ସହ ଟଙ୍କା ଲୁଟି ନେଇ ଫେରାର୍ ମାରିଥିଲେ। ଏନେଇ ପୀଡ଼ିତ ଯୁବକଙ୍କ ମଧ୍ୟରୁ ଜଣେ ୧୧୨ ନମ୍ବରରେ ପୁଲିସ୍‌କୁ ଖବର ଦେଇଥିଲେ। ବଲାଙ୍ଗୀର ଏସ୍‌ପି ତତ୍ପରତା ସହ ଟିଟିଲାଗଡ଼ ପହଞ୍ଚି ତଦନ୍ତକୁ ବ୍ୟାପକ କରିଥିଲେ। ଏସ୍‌ପି ଅବିନାଶଜୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଏସ୍‌ଡିପିଓ ଯଶୋବନ୍ତ ନାରାୟଣ ପ୍ରଧାନୀ, ଥାନାଧିକାରୀ ମନୋଜ ମୁଣ୍ଡା, ଏସ୍ଆଇ କିରଣ ଜାନି ଓ ଏଏସ୍ଆଇ କାର୍ତ୍ତିକ ପ୍ରଧାନ ସିସିଟିଭି ଯାଞ୍ଚ ସହ ଚଢ଼ଉ କରି ଏକ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଠାବ କରିଥିଲେ। ପୀଡ଼ିତଙ୍କ ମଧ୍ୟରୁ ୩ ଜଣଙ୍କ ଶରୀରରେ କ୍ଷତ ଚିହ୍ନ ରହିଛି। ପୀଡ଼ିତଙ୍କ ଡାକ୍ତରୀ ମାଇନା କରାଯିବା ସହ ସିନ୍ ରିକ୍ରିଏସନ୍ ଓ ଆକ୍ରମଣରେ ବ୍ୟବହୃତ ଛୁରୀ ଜବତ କରାଯାଇଛି। ୪ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଦୀପକ ବଗର୍ତ୍ତୀ (୨୨), ମହେଶ ରତେଇ (୨୦) ଓ ସଙ୍କୀର୍ତ୍ତନ ପୋଢ଼ ଓ ବିବେକ ପାତ୍ର (୧୮)ଙ୍କ ସମେତ ଦୁଇ ଜଣ ନାବାଳକ ରହିଛନ୍ତି। ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ୨ ଜଣ ନାବାଳକଙ୍କ ଆଧାର କାର୍ଡ, ସ୍କୁଲ୍ ସାର୍ଟିଫିକେଟ୍ ଆଦିରେ ଜନ୍ମ ତାରିଖ ଯାଞ୍ଚ କରାଯିବା ଓ ଡାକ୍ତରୀ ରିପୋର୍ଟ୍ ଆସିବା ପର୍ଯ୍ୟନ୍ତ ଅଟକ ରଖାଯାଇଛି। ଉଭୟ ନାବାଳକ ନା ସାବାଳକ ସ୍ପଷ୍ଟ ହେବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କହିଛନ୍ତି।

## ଅନଲାଇନ୍ ଔଷଧ ବିକ୍ରିକୁ ବିରୋଧ

# ବୌଦ୍ଧରେ ୧୭୨ ଔଷଧ ଦୋକାନ ବନ୍ଦ

**ବୌଦ୍ଧ,୨୦।୫/ଏନ୍ଏନ୍ଏସ୍:** ସର୍ବଭାରତୀୟ କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏସନ୍‌ର ଆହ୍ୱାନକ୍ରମେ ସାରା ଦେଶରେ ଔଷଧ ଦୋକାନ ବନ୍ଦ ଆନ୍ଦୋଳନ ପାଳନ କରାଯାଇଛି। ଏହିକ୍ରମେ ବୌଦ୍ଧ ଜିଲ୍ଲାର ଔଷଧ ବ୍ୟବସାୟୀମାନେ ମଧ୍ୟ ସାମିଲ୍ ହୋଇଥିବାବେଳେ ସମସ୍ତ ୧୭୨ଟି ଔଷଧ ଦୋକାନ ବନ୍ଦ ରହିଥିଲା। ଅନଲାଇନ୍ ମାଧ୍ୟମରେ ଔଷଧ ବିକ୍ରି, କର୍ପୋରେଟ୍ କମ୍ପାନୀଙ୍କ ଦ୍ୱାରା ଔଷଧ ଉପରେ ଅତ୍ୟଧିକ ରିହାତି ଓ ବଜାରରେ ନକଲି ଔଷଧର ବୃଦ୍ଧିକୁ ବିରୋଧ କରି ଏହି ଆନ୍ଦୋଳନ କରାଯାଇଥିବା ବ୍ୟବସାୟୀମାନେ କହିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁସାରେ, ସରକାର ହୋଲସେଲର୍‌ଙ୍କ ପାଇଁ ୧୦ ପ୍ରତିଶତ ଏବଂ ରିଟେଲର୍‌ଙ୍କ ପାଇଁ ୨୦ ପ୍ରତିଶତ ଲାଭ ନିର୍ଦ୍ଧାରଣ କରିଥିବାବେଳେ ଅନଲାଇନ୍ କମ୍ପାନୀମାନେ ୫୦ ପ୍ରତିଶତରୁ ଅଧିକ ରିହାତି ଦେଇ ଔଷଧ ବିକ୍ରି କରୁଛନ୍ତି। ଏହା ଔଷଧର ଗୁଣବତ୍ତା ଓ ସୁରକ୍ଷାକୁ ନେଇ ସନ୍ଦେହ ସୃଷ୍ଟି କରୁଥିବା ସେମାନେ କହିଛନ୍ତି। ଅନଲାଇନ୍‌ରେ ବିକ୍ରି ହେଉଥିବା ଔଷଧ କେଉଁଠି ପ୍ରସ୍ତୁତ ହେଉଛି, କିଏ ଏହାକୁ ଅନୁମୋଦନ ଦେଉଛି ଓ କେମିତି ଏତେ ଅଧିକ ରିହାତି ଦିଆଯାଉଛି ସେନେଇ ସରକାର ସ୍ପଷ୍ଟ କରିବା ଆବଶ୍ୟକ ବୋଲି ଔଷଧ ବ୍ୟବସାୟୀମାନେ ପ୍ରଶ୍ନ ଉଠାଇଛନ୍ତି । ସେହିପରି ବଜାରରେ ବିକ୍ରି ହେଉଥିବା ନକଲି ଔଷଧକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ମଧ୍ୟ ସେମାନେ ଦାବି କରିଛନ୍ତି। ଏପରିକି ଔଷଧ ଦୋକାନ ସାଧାରଣତଃ ଅତ୍ୟାବଶ୍ୟକ ସେବା ଭିତରେ ଆସୁଥିବାରୁ ଲୋକଙ୍କ ସହଯୋଗ ଆଶା କରାଯାଇଛି। ଅତ୍ୟାବଶ୍ୟକ ସମୟରେ ରୋଗୀମାନେ ଦୋକାନୀଙ୍କ ସହ ଯୋଗାଯୋଗ କରି ଆବଶ୍ୟକ ଔଷଧ ପାଇପାରିବେ ବୋଲି ଔଷଧ ବ୍ୟବସାୟୀମାନେ ସୂଚନା ଦେଇଛନ୍ତି।

# ହାତୀବନ୍ଧା ସ୍କୁଲ୍‌ର ୩ ବିଦ୍ୟାର୍ଥୀ ଏନ୍ଏମ୍ଏମ୍ଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ



**ସିନାପାଲି,୨୦।୫/ଏନ୍ଏନ୍ଏସ୍:** ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା (ଏନ୍ଏମ୍ଏମ୍ଏସ୍) ପରୀକ୍ଷାରେ ସିନାପାଲି ଗୋଷ୍ଠୀ ଶିକ୍ଷା ଅନ୍ତର୍ଗତ ହାତୀବନ୍ଧା ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ ଶୈଳେଶ କାଣ୍ଡ, ଚୂଡ଼ାଙ୍କ ରଣା ଓ ଦିପ୍ତୀରେଖା କଟା। ଏହି ପରିପ୍ରେକ୍ଷୀରେ ପ୍ରଧାନଶିକ୍ଷୟିତ୍ରୀ ମାଧୁରୀ ମାଝୀଙ୍କ ତତ୍ତ୍ୱାବଧାନରେ ଏକ ସଭା କରାଯାଇ ଉକ୍ତ ମେଧାବୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜଣାଇବା ସହ ଫୁଲତୋଡ଼ା ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସିଆର୍‌ସିସି ଉପେନ୍ଦ୍ର ସୁନାନୀ, ଶିକ୍ଷକ ଅରବିନ୍ଦ ମେହେର, କିଶୋର ଚନ୍ଦ୍ର ମେହେର, ଶିକ୍ଷୟିତ୍ରୀ ବିନ୍ଦୁ ବେହେରା, ରଞ୍ଜିତା ମେହେର, ରଜନୀ ମେହେର, ବିନିଷା ମେହେରଙ୍କ ସହ ସ୍କୁଲ୍ ପରିଚାଳନା ସମିତିର ସଦସ୍ୟାମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ।

# ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରସ୍ତୁତି



**ମାଲକାନଗିରି,୨୦।୫/ଏନ୍ଏନ୍ଏସ୍:** ଆସନ୍ତା ମୌସୁମୀ ଋତୁରେ ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର୍ କରାଯାଇଛି। ଏଥିଲାଗି ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବନ୍ୟା ପୂର୍ବ ପ୍ରସ୍ତୁତି, ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟ ଓ ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର ଯୋଜନା ଉପରେ ବିସ୍ତୃତ ଆଲୋଚନା କରାଯାଇ ୨୬ ଦଫା ବିଶିଷ୍ଟ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଜିଲ୍ଲାର ପ୍ରକୃତିକ ବିପର୍ଯ୍ୟୟ ପରିଚାଳନା ରୂପରେଖ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଥିରେ ମାଲକାନଗିରି ଜିଲ୍ଲାପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମର ତୃଣମୂଳସ୍ତରରେ ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକଙ୍କ ପ୍ରତିନିଧି ଗୋବିନ୍ଦ ପାତ୍ର ଓ ସାଂସଦଙ୍କ ପ୍ରତିନିଧି ସଞ୍ଜୟ ସରକାର ପ୍ରମୁଖ ଯୋଗଦେଇ କ୍ଷେତ୍ରସ୍ତରୀୟ ସମସ୍ୟା ଓ ଜନସାଧାରଣଙ୍କ ସୁରକ୍ଷା ସମ୍ପର୍କରେ ମତାମତ ରଖିଥିଲେ। ପ୍ରଶାସନ ପକ୍ଷରୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ଉପଜିଲ୍ଲାପାଳ ଦୂର୍ଯ୍ୟୋଧନ ଭୋଇ ଉପସ୍ଥିତ ରହି ବିପର୍ଯ୍ୟୟ ପରିଚାଳନା ପାଇଁ ବ୍ଲୁ-ପ୍ରିଣ୍ଟ ଉପସ୍ଥାପନ କରିଥିଲେ। ଜିଲ୍ଲା ଜରୁରକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀ ବୈଠକ ଆୟୋଜନ କରିବାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର୍‌ମାନେ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଗଣବିକ୍ଷୋଭ



**ଭବାନୀପାଟଣା,୨୦।୫/ଏନ୍ଏନ୍ଏସ୍:** ନିଜ ଉପାର୍ଜିତ ଶସ୍ୟକୁ ବିକ୍ରି କରିନପାରି ୧୧ ଦିନ ଧରି କୋକସରା ରାଜରାସ୍ତାରେ ଲଢ଼େଇ କଲାପରେ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଗଣବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହିକ୍ରମେ ମେଗାଲିଫ୍ଟ ପଏଣ୍ଟ କୃଷକ ସଂଘ ସଭାପତି ପୁରୁଷୋତ୍ତମ ଗୁପ୍ତାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତ ରବି ଧାନ ଚାଷ ପାଇଁ ଇନ୍ଦ୍ରାବତୀ ଉଠାଜଳସେଚନ ମେଗାଲିଫ୍ଟ ପଏଣ୍ଟ ଜଳଯୋଗାଣରୁ କୋକସରା, ଜୟପାଟଣା ଓ ଧର୍ମଗଡ଼ ୩ଟି ବ୍ଲକ୍‌ରୁ ପାଖାପାଖି ୧୫ ହଜାର ଚାଷୀ ୧୮,୮୫୫ ହେକ୍ଟର୍ ଜମିରେ ଧାନ ଚାଷ କରିଥିଲେ। ତେବେ ଧାନ ଅମଳ ହେବାପରେ ରାଜ୍ୟ ସରକାର ଉକ୍ତ ଚାଷୀଙ୍କ ଧାନ ବିକ୍ରି ପାଇଁ ଉଦ୍ଦିଷ୍ଟ ପଞ୍ଜିକରଣରୁ ବାଦ୍ ଦେଇଛନ୍ତି। ଫଳରେ ୧୫ ହଜାର ଚାଷୀ ଖରା ବର୍ଷାରେ କଠୋର ପରିଶ୍ରମ କରି ଉପାର୍ଜିତ ଧାନକୁ ବିକିବାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟ ସରକାର ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପ୍ରତିଶ୍ରୁତି ଦେଇ ଶାସନକୁ ଆସିବା ପରେ ସେମାନଙ୍କୁ ହଇରାଣ ଓ ପ୍ରତାରଣା କରୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ରବି ଋତୁ ଶେଷ ହୋଇ ଖରିଫ ଋତୁ ଚାଷ ସମୟ ଆସିଯାଇଛି। ସେଥିପାଇଁ କେବେ ଧାନ ବିକିବେ ଓ କେବେ ଖରିଫ ଚାଷ ଲାଗି କ୍ଷେତ୍ର ପ୍ରସ୍ତୁତ କରିବେ ବୋଲି ଚାଷୀମାନେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ତେବେ ଚାଷୀଙ୍କ ସମର୍ଥନରେ ବିଜେଡି ନେତାମାନେ ରାଜ୍ୟ ସରକାରଙ୍କ ଉପରେ ଖୁବ୍ ବର୍ଷିଛନ୍ତି। ଆଜି ଜିଲ୍ଲାପାଳ ଅଫିସ୍ ଘେରିଛୁ ଏବଂ ଆଗାମୀ ଦିନରେ ଚାଷୀଙ୍କ ପାଇଁ ଭୁବନେଶ୍ୱର ଓ ଦିଲ୍ଲୀରେ ଘେରାଉ କରିବୁ ବୋଲି ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଏ ସରକାର ସମ୍ବେଦନହୀନ ବୋଲି ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ଗର୍ଜିଥିଲେ। ମୁଁ ରାଜ୍ୟ ସରକାରଙ୍କୁ ଧାନ ଉଠେଇବା ପାଇଁ ଚିଠି ଲେଖିଥିଲି ହେଲେ ରାଜ୍ୟ ସରକାର ଭିତ୍ତିହୀନ ଉତ୍ତର ରଖୁଛନ୍ତି। ଏ ସରକାର ନିଜର ନୈତିକତା ହରାଇଛନ୍ତି ବୋଲି ବିଜେଡି ଜିଲ୍ଲା ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ସମାଲୋଚନା କରିଛନ୍ତି। ତେବେ ରାଜ୍ୟ ସରକାର ଟାଳଟୁଳ ନୀତି ଛାଡ଼ି ଚାଷୀଙ୍କ ପଞ୍ଜିକରଣ କରି ଟୋକନ୍ ଦେବା ବ୍ୟବସ୍ଥା କରନ୍ତୁ ବୋଲି ଜିଲ୍ଲାପାଳଙ୍କ ମାଧ୍ୟମରେ ଚାଷୀମାନେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଗଣବିକ୍ଷୋଭରେ ନର୍ଲା ବିଧାୟକ ମନୋରମା ମହାନ୍ତି, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ଦୁଷ୍ମନ୍ତ ନାଏକ, ଧର୍ମେନ୍ଦ୍ର ନାଏକ, ରାଜକିଶୋର ଗୁପ୍ତା, ମାନସ ବାଗ, ବଦ୍ରି ପଟ୍ଟନାୟକ, ସାମନ୍ତ ଖମାରି, ସୁରେଶ ରାଓ, ରାଜେନ୍ଦ୍ର ନାଏକ, ଦୁଷ୍ମନ୍ତ ପାଟଯୋଶୀ, ତ୍ରିଭୁବନ ନାୟକ, ଦୁର୍ଗା ନାଏକ, ଅରୁଣ ମାଝୀ ଓ ପ୍ରଶାନ୍ତ ତିଓ୍ୱାରୀ ପ୍ରମୁଖଙ୍କ ସହ ସହ ଶତାଧିକ ଚାଷୀ ସାମିଲ୍ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଦିଗାମ୍ବର ଦୁରିଆ ମଞ୍ଚ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାରୁ

### 'ସୂର୍ଯ୍ୟାସ୍ତ୍ର'ର ସଫଳ...

ସିଷ୍ଟମ୍ । ଶତ୍ରୁ ପକ୍ଷର ସୀମା ଭିତରକୁ ପଶି ସେମାନଙ୍କର ପ୍ରମୁଖ ସେନା ଘାଟି, କମାଣ୍ଡ ସେଣ୍ଟର, ରାଡାର୍ ଷ୍ଟେସନ ଏବଂ ଯୋଗାଣ କେନ୍ଦ୍ର ଉପରେ ସଠିକ୍ ଆକ୍ରମଣ କରିବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି। ସାଧାରଣ ବା ପାରମ୍ପରିକ ଆର୍ଟିଲାରୀ ସେଲ୍ ତୁଳନାରେ ଏହି ଗାଇଡେଡ୍ ରକେଟ୍ ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ ଅତ୍ୟାଧୁନିକ ନେଭିଗେସନ ଏବଂ କଣ୍ଟ୍ରୋଲ ସିଷ୍ଟମ ବ୍ୟବହାର କରାଯାଇଛି, ଯାହାଫଳରେ ରକେଟଟି ଅତି ଦୂର ଅତିକ୍ରମ କରିବା ପରେ ମଧ୍ୟ ନିଜ ଲକ୍ଷ୍ୟରୁ ସାମାନ୍ୟ ମଧ୍ୟ ବିଚ୍ୟୁତ ହୁଏନାହିଁ । ଭାରତୀୟ ସେନାକୁ ଏକ ଦ୍ରୁତ ଏବଂ ଶକ୍ତିଶାଳୀ ଆକ୍ରମଣ କ୍ଷମତା ଯୋଗାଇବା ସହ ବିଦେଶୀ ମିସାଇଲ୍ ଉପରେ ନିର୍ଭରଶୀଳତା କମାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ସଫଳ ଟ୍ରାଏଲ୍ ପରେ, ଖୁବ୍ ଶୀଘ୍ର 'ସୂର୍ଯ୍ୟାସ୍ତ୍ର' ଭାରତୀୟ ସେନାର ଅସ୍ତ୍ରଶସ୍ତ୍ର ଭଣ୍ଡାରରେ ସାମିଲ ହେବାକୁ ଯାଉଛି, ଯାହା ଦେଶର ସୁରକ୍ଷା ପାଚେରୀକୁ ଆହୁରି ମଜବୁତ କରିବ।

### ଅଗ୍ନିବର୍ଷା: ୪୬ ଡିଗ୍ରୀରେ...

ସେହିବର୍ଷ ମେ' ୨୪ ତାରିଖରେ ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା ୪୭.୬ ଡିଗ୍ରୀ ରହିଥିଲା। ତା' ପୂର୍ବରୁ ୧୯୭୮ ମସିହା ମେ' ୨୦ ତାରିଖରେ ଝାରସୁଗୁଡ଼ାର ତାପମାତ୍ରା ୪୭.୫ ଡିଗ୍ରୀ ରହିଥିଲା। ୪୬ ଡିଗ୍ରୀ ସହିତ ଝାରସୁଗୁଡ଼ା ଆଜି ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୫.୩ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ହୀରାକୁଦର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସୋନପୁରର ୪୩.୯, ବରଗଡ଼ର ୪୩.୮, ଟିଟିଲାଗଡ଼ର ୪୩.୫, ତାଳଚେରର ୪୩.୮, ବଲାଙ୍ଗିରର ୪୩.୩, ସୁନ୍ଦରଗଡ଼ର ୪୨.୮, ଅନୁଗୋଳର ୪୨.୧, ନୟାଗଡ଼ର ୪୨, ନୂଆପଡ଼ାର ୪୧.୫, ରାଉରକେଲାର ୪୧.୩, କେନ୍ଦୁଝରର ୪୦.୭, ବାରିପଦାର ୪୦.୭, କେନ୍ଦ୍ରାପଡ଼ାର ୪୦.୨ ଓ ଭଦ୍ରକର ୪୦ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ଆଗାମୀ ୫ଦିନ ଯାଏ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ରହିବ। ଆସନ୍ତା ୨୪ ଘଣ୍ଟାରେ ନୟାଗଡ଼, ଅନୁଗୋଳ, ସମ୍ବଲପୁର ଓ ଝାରସୁଗୁଡା ଏହି ୪ ଜିଲ୍ଲାରେ ପ୍ରବଳ ଖରା ଓ ଗରମକୁ ନେଇ ହିଟୱେଭ୍ ଜାରି କରିଛି ପାଣିପାଗ ବିଭାଗ। ଏହାସହ ବଲାଙ୍ଗୀର ଓ ସମ୍ବଲପୁର ଦୁଇ ଜିଲ୍ଲାରେ ଉଷ୍ମ ରାତ୍ରି ସହ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ, ବରଗଡ଼, ସୁନ୍ଦରଗଡ, ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଏହି ୧୬ଟି ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଆସନ୍ତାକାଲି ଭଦ୍ରକ, ଯାଜପୁର, ନୟାଗଡ, ଅନୁଗୋଳ, ସୋନପୁର, ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀର ଓ ଝାରସୁଗୁଡା ଏହି ୯ଟି ଜିଲ୍ଲାକୁ ହିଟୱେଭ୍ ୱାର୍ଣ୍ଣିଂ ଥିବା ବେଳେ ସମ୍ବଲପୁର, ବଲାଙ୍ଗୀରରେ ଉଷ୍ମ ରାତ୍ରି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି କଳାହାଣ୍ଡି, ନୂଆପଡା, ସୁନ୍ଦରଗଡ,ଗଞ୍ଜାମ ଗଜପତି, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡା ଓ ବାଲେଶ୍ୱର ଏହି ୧୧ଟି ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

### ୮୫.୮୫% ପାସ୍...

୯୦%ରୁ ଅଧିକ ମାର୍କ ରଖିଥିବା ପରୀକ୍ଷାର୍ଥୀଙ୍କ ସଂଖ୍ୟା୬୧୪ ରହିଛି। କମ୍ପାର୍ଟମେଣ୍ଟାଲରେ ୪୯୨ଜଣ ପାସ୍ କରିଛନ୍ତି। ସେହିପରି ପ୍ରଥମ ଶ୍ରେଣୀରେ ୫୩୧୪୧ଜଣ, ୨ୟ ଶ୍ରେଣୀରେ ୪୯୭୯୭ ଜଣ ଏବଂ ତୃତୀୟ ଶ୍ରେଣୀରେ ୧୧୧୩୦୮ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ବାଣିଜ୍ୟରେ ମୋଟ୍ ୨୪୨୮୯ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୧୩୯୩ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ରେଗୁଲାର ବର୍ଗରେ ୨୦୩୫୩ ଏବଂ ଏକ୍ସ ରେଗୁଲାର ବର୍ଗରେ ୧୦୩୧ ପିଲା ପାସ୍ କରିଛନ୍ତି। ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ମଧ୍ୟ ଅଧିକ ରହିଛି। ୮୬.୬୭% ଛାତ୍ର ପାସ୍ କରିଥିବା ବେଳେ ଛାତ୍ରୀଙ୍କ ପାସ୍ ହାର ୯୦.୪୩% ରହିଛି। ସେହିଭଳି ୯୦%ରୁ ଅଧିକ ମାର୍କ ରଖିଥିବା ପରୀକ୍ଷାର୍ଥୀଙ୍କ ସଂଖ୍ୟା୫୬୮ରହିଛି। କମ୍ପାର୍ଟମେଣ୍ଟାଲରେ ୧୪୩ ଜଣ ପାସ୍ କରିଛନ୍ତି। ସେହିପରି ପ୍ରଥମ ଶ୍ରେଣୀରେ ୭୬୦୨ ଜଣ, ୨ୟ ଶ୍ରେଣୀରେ ୪୫୦୭ ଜଣ ଏବଂ ତୃତୀୟ ଶ୍ରେଣୀରେ ୯୧୪୧ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ସେହିପରି ଧନ୍ଦାମୂଳକଶିକ୍ଷାରେ ମୋଟ୍ ୫୮୫୬ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୪୫୪୬ ଛାତ୍ରଛାତ୍ରୀ ପାସ କରିଛନ୍ତି। ରେଗୁଲାର ବର୍ଗରେ ୪୦୫୬ ଏବଂ ଏକ୍ସ ରେଗୁଲାର ବର୍ଗରେ ୪୯୦ ପିଲା ପାସ କରିଛନ୍ତି। ୭୧.୪୯ % ଛାତ୍ର ପାସ୍ କରିଥିବା ବେଳେ ଛାତ୍ରୀଙ୍କ ପାସ୍ ହାର ୮୩.୪୩ % ରହିଛି। ସେହିଭଳି ୯୦%ରୁ ଅଧିକ ମାର୍କ କେବଳ ଜଣେ ପରୀକ୍ଷାର୍ଥୀ ରଖିଛନ୍ତି। କମ୍ପାର୍ଟମେଣ୍ଟାଲ ବର୍ଗରେ ୧୧୫ ଜଣ ପାସ୍ କରିଛନ୍ତି। ସେହିପରି ପ୍ରଥମ ଶ୍ରେଣୀରେ ୯୩୧ ଜଣ, ୨ୟ ଶ୍ରେଣୀରେ ୨୨୪୬ ଜଣ ଏବଂ ତୃତୀୟ ଶ୍ରେଣୀରେ ୧୨୫୪ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ତେବେ ଛାତ୍ରଛାତ୍ରୀ ଆଜି ଅପରାହ୍ଣ ୩ଟାରୁ ଡିଜିଲକରରେ ମାର୍କ ଦେଖିଥିବାବେଳେ ଆସନ୍ତାକାଲି ଠାରୁ ଡିଜି ଲକର୍‌ରୁ ମାର୍କସିଟ୍ ଡାଉନଲୋଡ୍ କରିପାରିବେ। ଏଥିସହ ଜୁନ୍ ୧୫ ତାରିଖରୁ ମାର୍କସିଟ୍‌ର ହାର୍ଡ କପି ନିଜ ନିଜ ଶିକ୍ଷାନୁଷ୍ଠାନରୁ ପାଇପାରିବେ। ଜୁଲାଇ ପ୍ରଥମ ସପ୍ତାହରେ ଇନଷ୍ଟାଣ୍ଟ ପରୀକ୍ଷା ଓ ଉନ୍ନତି ପରୀକ୍ଷା ପାଇଁ ଆବେଦନ କରିପାରିବେ, ଏଥିନିମନ୍ତେ ଆସନ୍ତା ୨୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ୱେବସାଇଟ୍ ମାଧ୍ୟମରେ ରୋଲ୍ ନମ୍ବର ଓ ପଞ୍ଜୀକରଣ ନମ୍ବର ଦେଇ ମାର୍କସିଟ୍ ଡାଉନଲୋଡ୍ କରିପାରିବେ। ଅପରପକ୍ଷେ ଯେଉଁ ଛାତ୍ରଛାତ୍ରୀ ଏଗ୍ରିଗେଟ ମାର୍କ ରଖି ପାସ କରିଥିବା ବେଳେ ଯଦି କୌଣସି ଗୋଟିଏ ବିଷୟରେ ଫେଲ ହୋଇଥିବେ ସମ୍ପୃକ୍ତ ପରୀକ୍ଷାର୍ଥୀ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ। ସେହିପରି ଚଳିତବର୍ଷ ଠାରୁ ଆରମ୍ଭ ହୋଇଥିବା ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଲାଗି ଯେଉଁ ଛାତ୍ରଛାତ୍ରୀ ସମସ୍ତ ବିଷୟରେ ପାସ କରିଥିବେ ସେମାନେ ଚାହିଁଲେ ଗୋଟିଏ ବିଷୟରେ ପୁନଃ ପରୀକ୍ଷା ଦେଇ ମାର୍କ ବୃଦ୍ଧି କରିପାରିବେ। +୨ ପରିଷଦ ପରିସରରେ ଆୟୋଜିତ ଫଳ ପ୍ରକାଶନ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଡ଼ା ଏନ୍.ତିରୁମାଲା ନାୟକ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ, ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଲୋପାମୁଦ୍ରା ମହାନ୍ତି, ମାଧ୍ୟମିକ ଶିକ୍ଷା ପରିଷଦର ସଚିବ ଶୁଭ୍ରାବାଳା ବେହେରା, ପରୀକ୍ଷା ନିୟନ୍ତ୍ରକ ଡ଼ ପ୍ରଶାନ୍ତ କୁମାର ପରିଡ଼ା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ହାଇସ୍ପିଡ୍ ଡିଜେଲ୍ ହେଲା...

ସହଜତା ଓ ସରଳୀକରଣ ଉପଲବ୍ଧି ହେବ। ଶ୍ରୀମତୀ ଗର୍ଗ ଆହୁରି କହିଛନ୍ତି ଯେ, ରିଟେଲ ଆଉଟଲେଟ୍ ସ୍ଥାପନ କରିବା ନିମନ୍ତେ ଜିଲ୍ଲାପାଳ ତଥା ଜିଲ୍ଲା ମ୍ୟାଜିଷ୍ଟ୍ରେଟଙ୍କ ଠାରୁ ଆବଶ୍ୟକୀୟ ଅପତ୍ତିବିହୀନ ପ୍ରମାଣପତ୍ର ବା ଏନ୍‌ଓସି ଗ୍ରହଣ କରିଥାନ୍ତି। ଜିଲ୍ଲାପାଳମାନେ ଅଗ୍ନିଶମ, ପୂର୍ତ୍ତ, ରାଜସ୍ୱବିଭାଗ ଓ ପେଟ୍ରୋଲିୟମ ଏବଂ ବିସ୍ଫୋରକ ସୁରକ୍ଷା ସଂଗଠନ(ପେସୋ)ର ଅନୁମୋଦନ ଆଧାରରେ ଏହି ଏନ୍‌ଓସି ପ୍ରଦାନ କରିଥାନ୍ତି। ଉପରୋକ୍ତ ସିଦ୍ଧାନ୍ତ ଅନୁଯାୟୀ, ରିଟେଲ ଆଉଟଲେଟ୍‌ଗୁଡ଼ିକୁ ପୁନର୍ବାର ଏହି ସମସ୍ତ ଅନୁମୋଦନ ଗ୍ରହଣ କରିବାର ଆବଶ୍ୟକତା ରହିବନାହିଁ। ଅତଏବ, ହାଇସ୍ପିଡ୍ ଡିଜେଲର ବିକ୍ରୟ, ଅତ୍ୟାବଶ୍ୟକୀୟ ସାମଗ୍ରୀ ଅଧିନିୟମର ନିୟମାବଳୀ ଦ୍ୱାରା ପୂର୍ବଭଳି ପରିଚାଳିତ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ୨ଙ୍କୁ ଦଳି ମାରିଲା...

ପଞ୍ଚାୟତ ମଧୁପୁର ଗାଁ ବାଘୁଆପାଟରେ। ସେ ମଧ୍ୟ ଆମ୍ବ ଗୋଟାଉଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଏହା ସହିତ ଚଳିତ ମାସରେ ଏଯାବତ୍ ଅନୁଗୋଳ ଜିଲ୍ଲାରେ ହାତୀ ଆକ୍ରମଣରେ ୭ ଜଣଙ୍କ ମୃତ୍ୟୁ ହୋଇସାରିଲାଣି।

### ବନ୍ଦ ହେବ ଇରାନ୍...

ବି ଟ୍ରମ୍ପ ଏହା ବିରୋଧରେ ଭିଟୋ ପ୍ରୟୋଗ କରିପାରିବେ। ପରବର୍ତ୍ତୀ ସମୟରେ ସେହି ଭିଟୋକୁ ରଦ୍ଦ କରିବା ପାଇଁ ସିନେଟ୍ ଏବଂ ହାଉସ୍ ଉଭୟ ସଦନରେ ଦୁଇ-ତୃତୀୟାଂଶ ବହୁମତ ଆବଶ୍ୟକ ହେବ, ଯାହାକି ବର୍ତ୍ତମାନ ପରିସ୍ଥିତିରେ କଷ୍ଟକର ମନେହେଉଛି। ଏହାସତ୍ତ୍ୱେ ଏହି ଭୋଟ୍ ବିରୋଧୀଙ୍କ ପାଇଁ ଏକ ପ୍ରମୁଖ ବିଜୟ ବୋଲି ବିବେଚନା କରାଯାଉଛି, ଯେଉଁମାନେ ଯୁକ୍ତି ଦେଇଛନ୍ତି ଯେ, ଆମେରିକାରେ ଯୁଦ୍ଧ ଆରମ୍ଭ କରିବା କିମ୍ବା ସୈନ୍ୟ ପଠାଇବାର ଅଧିକାର ରାଷ୍ଟ୍ରପତିଙ୍କ ପାଖରେ ନୁହେଁ, କଂଗ୍ରେସ ପାଖରେ ରହିବା ଉଚିତ୍। ଆମେରିକା ସମ୍ବିଧାନ ମଧ୍ୟ ଏହି ବ୍ୟବସ୍ଥା ପ୍ରଦାନ କରେ। ଏହି ପ୍ରସ୍ତାବଟି ଭର୍ଜିନିଆର ଡେମୋକ୍ରାଟ୍ ସେନେଟର ଟିମ୍ କାଇନଙ୍କ ଦ୍ୱାରା ଆଗତ କରାଯାଇଥିଲା।

ବିତର୍କ ସମୟରେ ସେ କହିଥିଲେ ଯେ ଯୁଦ୍ଧବିରତି ନେଇ ଆଲୋଚନା ଚାଲିଥିବା ବେଳେ, ଟ୍ରମ୍ପ କଂଗ୍ରେସ ସମ୍ମୁଖରେ ଉପସ୍ଥିତ ହୋଇ ତାଙ୍କର ରଣନୀତି ବ୍ୟାଖ୍ୟା କରିବା ଉଚିତ୍। ସେହିପରି ଡେମୋକ୍ରାଟିକ୍ ସେନେଟର୍ ଟିମ୍ କଏନ୍ କହିଥିଲେ ଯେ କେବଳ ରାଷ୍ଟ୍ରପତି ନୁହେଁ, କଂଗ୍ରେସକୁ ଯୁଦ୍ଧ ଆରମ୍ଭ କରିବାର ଅଧିକାର ଅଛି। ହ୍ୱାଇଟ୍ ହାଉସ୍ କିନ୍ତୁ ଦର୍ଶାଇ ଆସୁଛି ଯେ, ଟ୍ରମ୍ପ ଆମେରିକୀୟ ସୁରକ୍ଷାକୁ ସୁରକ୍ଷା ଦେବା ପାଇଁ ତାଙ୍କ କ୍ଷମତା ମଧ୍ୟରେ କାର୍ଯ୍ୟ କରିଥିଲେ। ସୂଚନାଯୋଗ୍ୟ, ଆମେରିକାର ଆଇନ ଅନୁଯାୟୀ, ଜଣେ ରାଷ୍ଟ୍ରପତି କଂଗ୍ରେସ ଅନୁମୋଦନ ବିନା କେବଳ ୬୦ ଦିନ ପାଇଁ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିପାରିବେ। ଏହାପରେ, ତାଙ୍କୁ ଯୁଦ୍ଧ ସମାପ୍ତ କରିବାକୁ ପଡ଼ିବ, କଂଗ୍ରେସ ଅନୁମୋଦନ ନେବାକୁ ପଡ଼ିବ, କିମ୍ବା ସୈନ୍ୟମାନଙ୍କୁ ସୁରକ୍ଷିତ ପ୍ରତ୍ୟାହାର ପାଇଁ ଅତିରିକ୍ତ ୩୦ ଦିନ ମାଗିବାକୁ ପଡ଼ିବ।

# କୁମାରୀ ଆରଡ଼ି ରାସ୍ତାର ନବୀକରଣ ଓ ଶିଳାନ୍ୟାଶ

**ଧର୍ମଶାଳା,୨୦।୫/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ୍ ଜାରକା ନିକଟସ୍ଥ ୧୬ ନଂ ଜାତୀୟ ରାଜପଥ ଦେଉଳି ପାହାଡ ଭାୟା କୁମାରୀ ଗାଁ ରାସ୍ତାର ପ୍ରସସ୍ତିକରଣ ଓ ନବୀକରଣର ଶିଳାନ୍ୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଶିଳାନ୍ୟାଶ କରିଥିଲେ। ଏହି ଶିଳାନ୍ୟାଶ ଉତ୍ସବରେ ବିଧାୟକଙ୍କ ସହିତ ୧୪ ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ଜଳଧର ମହାନ୍ତି, ୧୩ ନଂ ଜିଲ୍ଲାପରିଷଦ ସଦସ୍ୟା ସ୍ମୃତିରେଖା ବେହେରା, ବ୍ଲକ୍ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପାଖାପାଖି ୫କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁଥିବା ଏହି ରାସ୍ତାର ପ୍ରସସ୍ତିକରଣ କାର୍ଯ୍ୟର ଶିଳାନ୍ୟାସରେ ବିଭଗୀୟ ଅଧିକ୍ଷଣ ଯନ୍ତ୍ରୀ ରାଜଶ୍ରୀ ଭୋଳ, କାର୍ଯ୍ୟ ନିର୍ବାହୀ ଅଧିକ୍ଷଣ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ



ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୁମାରୀ ଗ୍ରାମରେ ଜନସଂଖ୍ୟା ବୃଦ୍ଧି ସହିତ ଘରବାଡ଼ି ମଧ୍ୟ ସେହି ତୁଳନାରେ ବଢ଼ି ଚାଲିଛି। ହେଲେ ଏହି ଗ୍ରାମକୁ ସଂଯୋଗ କରୁଥିବା ବହୁ ପୁରାତନ ରାସ୍ତାଟି ସଂକୋଚିତ ହେବା ସହ ଅନେକ ସ୍ଥାନରେ ଭାଙ୍ଗିରୁଜି ପଡିଛି । ଯାହା ଫଳରେ କୁମାରୀ ଅଞ୍ଚଳବାସୀ ଯାତାୟତ କରିବାରେ ବହୁ ଅସୁବିଧାର ସମ୍ମୁଖିନ ହେଉଥିଲେ। ବିଧାୟକ ଶ୍ରୀ ସାହୁଙ୍କ ଉଦ୍ୟମକ୍ରମେ ଏହି ରାସ୍ତାର ପ୍ରସସ୍ତିକରଣ ଓ ନବୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିବାଗ ପକ୍ଷରୁ ବ୍ୟୟ ଅଟକଳ କରାଇଥିଲେ। ଆଜିର ଏହି ଶିଳାନ୍ୟାଶ ଉତ୍ସବ ପାଇଁ ବିଧାୟକ ଶ୍ରୀ ସାହୁ ଜାରକା ଠାରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇ ଏକ ବିରାଟ ଶୋଭାଯାତ୍ରାରେ ଶିଳାନ୍ୟାଶ ସ୍ଥଳକୁ ପାଛୋଟି ନିଆଯାଇଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ସଙ୍ଗଠକ ରାଜେଶ ପାଳ, ଦେବରାଜ ମିଶ୍ର, ଜିତେନ୍ଦ୍ର ରାଉତ, ପ୍ରଦୀପ ପରିଡ଼ା, ଶିବୁଲି ଧିର, ଦେବଦତ ପଣ୍ଡା, ଆଲୋକ ଲେଙ୍କା, ଚନ୍ଦ୍ରମଣି ପଣ୍ଡିତ, ତପନ ମାହୁନ୍ତ, ଅଭିଶେକ ରାଉତ, ସୁଦାମ ବେହେରା, ସବ୍ୟସାଚୀ ସୁନ୍ଦରରାୟ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ବରିଷ୍ଠ ଆଇନ୍‌ଜୀବୀ ପ୍ରମୋଦ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଯାଜପୁର,୨୦।୫/ଏନ୍‌ଏନ୍‌ଏସ୍:** ଯାଜପୁର ସହରର ବରିଷ୍ଠ ଆଇନଜୀବୀ ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କର ଏକାଦଶାହ ଉପଲକ୍ଷେ ଗରିଆପୁରସ୍ଥିତ ଶାନ୍ତି ମଣ୍ଡପଠାରେ ଶ୍ରଦ୍ଧାଞ୍ଜଳି ସଭା ସମାଜସେବୀ ହୃଷିକେଶ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଦିବଂଗତ ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭା ପ୍ରାରମ୍ଭରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପଣ୍ଡିତ ହୃଷିକେଶ ପତି ଗୀତାପାଠ କରିଥିଲେ। ମୁଖ୍ୟଅତିଥିଭାବେ ବରିଷ୍ଠ ରାଜନେତା ତଥା ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ ଯୋଗଦେଇ ସ୍ୱର୍ଗତଃ ମହାନ୍ତି ପେଶାରେ ଆଇନଜୀବୀ ଥିଲେ ମଧ୍ୟ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସହିତ ସଂପୃକ୍ତ ଥିଲେ। ବିରଜା ସେବା ସମିତି, ଶ୍ରୀ ଜଗନ୍ନାଥ ସେବା ସମିତି, ଶ୍ରୀ ବରାହଜୀଉ ଉନ୍ନୟନ କମିଟି, ବରିଷ୍ଠ ନାଗରିକ ସଂଘ ଏବଂ ବହୁ ଆଇନଜୀବୀ ପରିଷଦ ସହିତ ସଂପୃକ୍ତ ଥିଲେ। ସମ୍ମାନିତ ଅତିଥିଭାବେ ସରକାରୀ ଓକିଲ ଚନ୍ଦ୍ରଶେଖର ପଣ୍ଡା ଏବଂ ପବ୍ଲିକ ପ୍ରୋସିକ୍ୟୁଟର ପ୍ରତାପ କୁମାର ରାୟ ଏବଂ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ ମହାନ୍ତି ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କ ଓକିଲାତି ଜୀବନର ଅତୀତ ଘଟଣାବଳୀ ବିଷୟରେ ସ୍ମୃତିଚାରଣ କରିଥିଲେ। ସେ ଜଣେ ମୁରବୀ ଭଳି ଆମ ମାନଙ୍କର ମାର୍ଗଦର୍ଶକ ଥିଲେ ବୋଲି ଉପସ୍ଥିତ ବକ୍ତାମାନେ ଆଲୋଚନା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ କଟକ ହାଇକୋର୍ଟର ଆଡ୍‌ଭୋକେଟ୍ ଭକ୍ତହରି ମହାନ୍ତି, ରମାକାନ୍ତ ଘଡ଼େଇ, ସତ୍ୟପ୍ରକାଶ ବେହୁରିଆ, ଡଃ ଗିରିଶ ବିହାରୀ ମିଶ୍ର, ସୁବାସ ଚନ୍ଦ୍ର ମହାପାତ୍ର, ଅଧିକାରୀ ନବକିଶୋର ଦାସ, କ୍ଷୀରୋଦ ଚନ୍ଦ୍ର ପାଠୀ, ଅମୀୟ କୁମାର ମହାନ୍ତି, ରାଧାକୃଷ୍ଣ ମହାପାତ୍ର, ଯଯାତିକେଶରୀ ପଣ୍ଡା, ନିଶୀଥ ଦାସ, ନିତାଇ ଚନ୍ଦ୍ର ମହାନ୍ତି, ବିରଜା ପ୍ରସାଦ କର, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ଶୈଳେନ୍ଦ୍ର କୁମାର ଦାସ, ରାକେଶ ମିଶ୍ର, ଅମ୍ବିକା ପ୍ରସାଦ ମହାନ୍ତି, ଶିବ ପ୍ରସାଦ ମହାନ୍ତି, ଅଶୋକ ପାଇଲ, ଦିପ୍ତୀରଞ୍ଜନ ମହାନ୍ତି, ଅମୃତାଙ୍କ ଦାସ, ପୁତ୍ର ପ୍ରବୀର ମହାନ୍ତି, ସନ୍ତୋଷ ସାମଲ, ଗୋଲକ ଚନ୍ଦ୍ର ପଣ୍ଡା, ଅମୀୟ ନାୟକ, ସଂଘମିତ୍ରା ପଟ୍ଟନାୟକ, ପ୍ରଜ୍ଞା ସୁମନ ସାହୁ, ବାସୁଦେବ ପଣ୍ଡା, ଶ୍ରୀନିବାସ ସାମଲ, ସୁରେନ୍ଦ୍ର ଦାସ, ଦେବେନ୍ଦ୍ର ଜେନା, ପଦ୍ମନାଭ ବେହୁରିଆ ପ୍ରମୁଖ ଯୋଗଦେଇଥିଲେ। ଯାଜପୁରର ମାନ୍ୟବର ଜିଲ୍ଲାଜଜ୍ ଏବଂ ଅନ୍ୟାନ୍ୟ ମାନ୍ୟବର ଜଜ୍ ଏବଂ କୋର୍ଟ କର୍ମଚାରୀ ଏବଂ ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ୍, ସିଭିଲ୍ ବାର ଆସୋସିଏସନ୍ ଏବଂ କ୍ରିମିନାଲ ବାର ଆସୋସିଏସନ୍‌ର ବହୁ ଆଡ୍‌ଭୋକେଟ୍ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଯୁବକଙ୍କ ମୃତଦେହ ଠାବ



**କାମାକ୍ଷାନଗର,୨୦।୫/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ସୋଗରପାଟଣା ଗ୍ରାମରେ ଯୁବକଙ୍କ ମୃତଦେହ ଠାବ। ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ। ମୃତକଙ୍କ ନାମ ହେଲା ନରୋତ୍ତମ ମହାରଣା। ସୂଚନା ଅନୁସାରେ, ନରୋତ୍ତମ ପେଶାରେ ଜଣେ ଲାଇଟ୍,ସାଉଣ୍ଡ

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

ଅପରେଟର୍ ଭାବେ ଏକ ଟେଣ୍ଟ ହାଉସ୍‌ରେ କାମ କରନ୍ତି। ଗତକାଲି ରାତିରେ ଖାଇପିଇ ସାଙ୍ଗସାଥୀଙ୍କ ସହିତ ଗାଁ ମଣ୍ଡପରେ ବସିଥିଲା ବେଳେ କୌଣସି ଏକ ନମ୍ବରରୁ ତାଙ୍କ ନିକଟକୁ ଏକ କଲ୍ ଆସିଥିଲା। ସେ ସେହି ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ହେଉଥିବା ବେଳେ କୌଣସି କାରଣକୁ ନେଇ ଝଗଡା ହୋଇଥିଲା। ପରେ ନରୋତ୍ତମ ସେଠାରୁ ଫୋନ୍‌ରେ କଥାହୋଇ ଅଲଗା ସ୍ଥାନକୁ ଯାଇଥିଲେ। ମାତ୍ର ଆଜି ସକାଳୁ ତାଙ୍କ ମୃତଦେହ ଘର ନିକଟରେ ପଡ଼ିଥିବା ତାଙ୍କ ଭାଇ ଦେଖିବାକୁ ପାଇଥିଲେ। ନରୋତ୍ତମଙ୍କ ଗାଁରେ କାହା ସହିତ କୌଣସି ଝଗଡା ନଥିବା ପରିବାର ଲୋକ କହିଥିବା ବେଳେ କୌଣସି ପୂର୍ବଶତ୍ରୁତା ନଥିବା କହିଛନ୍ତି। ମାତ୍ର କୌଣସି କାରଣରୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ପରିବାର ଲୋକ ତୁମୁସିଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ତୁମୁସିଙ୍ଗା ପୁଲିସ, ଢେଙ୍କାନାଳ ଜିଲ୍ଲା ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀକୁକୁର ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ନରୋତ୍ତମଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ତରଫରୁ ଅଭିଯୋଗ କରାଯାଇଥିଲା ବେଳେ କେଉଁ ନିର୍ଦ୍ଦିଷ୍ଟ କାରଣରୁ ଏପରି ଘଟଣା ଘଟିଛି ତାହା ଜଣା ପଡ଼ିନାହିଁ।

## ବିଶ୍ୱକବି ରବୀନ୍ଦ୍ର ନାଥଙ୍କ ସାରସ୍ୱତ କୃତୀ ଆଲୋଚନା




**ଧର୍ମଶାଳା,୨୦।୫/ଏନ୍‌ଏନ୍‌ଏସ୍:** ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଜାରକାସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ସାରସ୍ୱତ କୃତୀ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସାହିତ୍ୟ ସମାଜ ସଭାପତି ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି ସଭାପତିତ୍ୱ କରି ଲେଖକଟିଏ ସଂକୀର୍ଣ୍ଣତା ଠାରୁ ଉର୍ଦ୍ଧ୍ୱରେ ରହିବା ଉଚିତ୍ ବୋଲି ଗୁରୁତ୍ୱାରୋପ କରିଥିଲେ। କବି ଡ. ତୁହିନାଂଶୁ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ବିବେକ ଏକ ସ୍ୱଚ୍ଛ ଝରଣା ବୋଲି କହିଥିଲେ। ସାହିତ୍ୟିକ ବେଣୁଧର ନାୟକ, ଗୋବିନ୍ଦ ଚନ୍ଦ୍ର ସାହୁ ଓ ଗାଳ୍ପିକ ଅର୍ଜୁନ ପୃଷ୍ଟି ଆଲୋଚକ ଭାବେ ଯୋଗଦେଇ ରବୀନ୍ଦ୍ରନାଥଙ୍କ ସାହିତ୍ୟକୃତୀ ସମ୍ପର୍କରେ ଆଲୋଚନା କରିଥିଲେ। କବି ପ୍ରଫୁଲ୍ଲ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସଂପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସଂପାଦକୀୟ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ସଭାପତି କାହ୍ନୁ ଚରଣ ଦାଶ ରବୀନ୍ଦ୍ରନାଥଙ୍କ କବିତା ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟଙ୍ଗ ଗାଳ୍ପିକ ସୁନାକର ସାହୁ, ପଣ୍ଡିତ ବ୍ରଜକିଶୋର ଦାଶ, ସାହିତ୍ୟିକ ବିଜୟ କୁମାର ଦେବତା, ଶଶୀଭୂଷଣ ଦ୍ୱାରୀ, ଭିକାରୀ ଚରଣ ମଲିକ, ପିତବାସ ପାତ୍ର, ଗୋଲକ ଚନ୍ଦ୍ର ପଲେଇ, ସତ୍ୟାନନ୍ଦ ପ୍ରଧାନ ଓ ସରୋଜିନୀ ପଣ୍ଡା ପ୍ରମୁଖ ବହୁ କବି ଓ ସାହିତ୍ୟିକ ଅଂଶଗ୍ରହଣ କରିଥିଲେ। କବି ଗଣେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।

## ବିଷାକ୍ତ ଶାଗ ଖାଇ ପରିବାରର ୫ ଅସୁସ୍ଥ



**କାମାକ୍ଷାନଗର,୨୦।୫/ଏନ୍‌ଏନ୍‌ଏସ୍:** ବିଷାକ୍ତଶାଗ ଖାଇ ଗୋଟିଏ ପରିବାରର ୫ଜଣ ଅସୁସ୍ଥ। ଗୁରୁତର ଅବସ୍ଥାରେ କାମାକ୍ଷାନଗର ମେଡିକାଲ୍‌ରେ ଭର୍ତ୍ତି। ସମସ୍ତ ଗୁରୁତରମାନେ କଙ୍କଡାହାଡ଼ ଗ୍ରାମର ହୋଇଥିବା ବେଳେ କାମାକ୍ଷାନଗର ମେଡିକାଲ୍‌ରେ ଚିକିତ୍ସା ଜାରି ରହିଛି। ସୂଚନା ଅନୁସାରେ କଙ୍କଡାହାଡ଼ ଗ୍ରାମର ଲକ୍ଷ୍ମୀସାହୁ, ଶ୍ରୀମତୀ ସାହୁ, ପୂର୍ଣ୍ଣିମା ସାହୁ, କୌଶାଲ୍ୟ ସାହୁ ଓ ବର୍ଷାରାଣୀ ସାହୁ ଗୋଟିଏ ପରିବାରର। ଆଜି ଦ୍ୱିପ୍ରହର ସମୟରେ ଘରେ ସମସ୍ତେ ସାଙ୍ଗହୋଇ ମଧ୍ୟାହ୍ନଭୋଜନ କରୁଥିବା ବେଳେ ଶାଗ ଖାଇଥିଲେ। ଖାଇବା ପରେ ସମସ୍ତଙ୍କ ମୁଣ୍ଡବୁଲାଇବା ସହ ଶରୀର ନିସ୍ତେଜ ହୋଇଯାଇଥିଲେ। ଏହା ଦେଖି ପରିବାରର ଅନ୍ୟ ସଦସ୍ୟମାନେ ସେମାନଙ୍କୁ ତୁରନ୍ତ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ସମସ୍ତଙ୍କୁ ସାଲାଇନ୍ ଓ ଆବଶ୍ୟକୀୟ ଔଷଧ ଦେବାପରେ ସମସ୍ତେ କାମାକ୍ଷାନଗର ମେଡିକାଲ୍‌ରେ ଚିକିତ୍ସାଧୀନ ଅଛନ୍ତି। ତେବେ ଶାଗରେ କିଛି ବିଷାକ୍ତ ପୋକ କିମ୍ବା ଅନ୍ୟକୌଣସି ବିଷାକ୍ତ ଜିନିଷ ମିଶିଯାଇଥିବା ନେଇ ଏପରି ହୋଇଥିବା ଅନୁମାନ କରାଯାଉଛି।

## ୩ ଦଫା ଦାବିନେଇ ଔଷଧ ଦୋକାନ ବନ୍ଦ



**କାମାକ୍ଷାନଗର,୨୦।୫/ଏନ୍‌ଏନ୍‌ଏସ୍:** ସର୍ବଭାରତୀୟ ଔଷଧ ବିକ୍ରେତା ସଂଘର ଡାକରାରେ ୩ ଦଫା ଦାବିନେଇ ବୁଧବାର କାମାକ୍ଷାନଗର ସହରର ସହରର ସମସ୍ତ ଔଷଧ ଦୋକାନ ବନ୍ଦ ରହିଥିଲା। ଅନ୍‌ଲାଇନ୍ ଔଷଧ ବିକ୍ରି ବନ୍ଦ କରିବା, କର୍ପୋରେଟ ସଂସ୍ଥା ଦ୍ୱାରା ଗଭିର ରିହାତି ଔଷଧ ବିକ୍ରି ବନ୍ଦ କରିବା ଓ ବଜାରରୁ ନକଲି ଔଷଧକୁ ହଟାଇବା ଆଦି ଦାବିରେ ସମସ୍ତ ଔଷଧ ଦୋକାନଗୁଡିକ ୨୪ଘଣ୍ଟା ପାଇଁ ବନ୍ଦ ରଖାଯାଇଥିଲା। କାମାକ୍ଷାନଗର କେମେଷ୍ଟି ଓ ଡ୍ରଗିଷ୍ଟ ଆସୋସିଏସନ୍‌ର ସମସ୍ତ ୩୨ଟି ଦୋକାନ ସମେତ ପଣ୍ଟୁଆ, ମଠକରଗୋଳା, କଙ୍କଡ଼ାହାଡ, ଭୁବନ, ପରଜଙ୍ଗ, ମହାବିରୋଡ୍ ଆଦି ଜାଗାରେ ଥିବା ଦୋକାନଗୁଡିକ ବନ୍ଦକୁ ସମର୍ଥନ ଜଣାଇ ଆନ୍ଦୋଳନକୁ ଓହ୍ଲାଇ ଥିଲେ। କାମାକ୍ଷାନଗର ସଂଘର ଉପଦେଷ୍ଟା ଦୁଷ୍ମନ୍ତ କୁମାର ନନ୍ଦଙ୍କ ନେତୃତ୍ୱରେ ଡାକ ବଙ୍ଗଳା ପରିସରରେ ଏକ ସଭା କରାଯାଇ ଉପରୋକ୍ତ କାର୍ଯ୍ୟକୁ ବିରୋଧ କରାଯିବା ସହ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ହଟକିଶୋର ବିଶ୍ୱାଳ, ରାମକୃଷ୍ଣ ବିଶ୍ୱାଳ, ରବିନାରାୟଣ ସାହୁ, ଦେବୀ ପ୍ରଷାଦ ଦାସ, ବିଶ୍ୱଜିତ ପଣ୍ଡା, ରମାକାନ୍ତ ସାମଲ, ଜିବେଶ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

## ଧର୍ମ ପ୍ରାଣାଙ୍କ ସ୍ମୃତିଚାରଣ ସଭା

**ମାର୍ଶାଘାଇ,୨୦।୫/ଏନ୍‌ଏନ୍‌ଏସ୍:** ମାର୍ଶାଘାଇ ବ୍ଲକ୍ ବଟିରା ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ଧର୍ମ ପରାୟଣା ମହିଳା ନୟନା ସୁନ୍ଦରୀ ମହାପାତ୍ରଙ୍କ ଏକାଦଶାହ ଓ ଦ୍ୱାଦଶାହା ଅବସରରେ ଏକ ସ୍ମୃତିଚାରଣ ସଭା ତାଙ୍କ ରାମଚନ୍ଦ୍ରପୁରସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତା ମହାପାତ୍ର ଜଣେ ସ୍ନେହୀ, ମିଷ୍ଟଭାଷୀ ଓ ଧର୍ମ ପରାୟଣା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ପୁତ୍ର ନିର୍ମଳ କୁମାର ମହାପାତ୍ର, ଭୂତତ୍ତ୍ୱବିତ୍ ତଥା ଉଦ୍ୟୋଗପତି ଡ.ଅଶୋକ କୁମାର ମହାପାତ୍ର, ଅନଙ୍ଗ ପ୍ରସାଦ ମହାପାତ୍ର, ପୁତ୍ରବଧୂ ଏବଂ ଝିଅ ମନୋରମା ବଳିଆରସିଂ, ଜ୍ୱାଇଁ ରମେଶ ବଳିୟାରସିଂଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ସମାଜସେବୀ, ଜନ ପ୍ରତିନିଧି ଉପସ୍ଥିତ ଥିଲେ।

## ଗିରିରୋଡ୍ ବର୍ବରତା, ୨ ଗିରଫ

**ବ୍ରହ୍ମପୁର ,୨୦।୫/ଏନ୍‌ଏନ୍‌ଏସ୍:** ଗିରିରୋଡ୍ ବର୍ବରତା ଘଟଣାରେ ୨ ଅଭିଯୁକ୍ତ ଗିରଫ ହୋଇଛନ୍ତି। ବ୍ରହ୍ମପୁର ଗିରିରୋଡ୍ ବର୍ବରତା ଘଟଣାରେ ଅଭିଯୁକ୍ତ ରାଜ୍ ମାଲହୋତ୍ରା ଓ ଲିଙ୍ଗରାଜ ସାମଲଙ୍କୁ ବ୍ରହ୍ମପୁର ଟାଉନ ଥାନା ପୋଲିସ ଗିରଫ କରିଛି। ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପୋଲିସ ୨ଟି ସ୍କୁଟର, ଗୋଟିଏ ଲାଠି ଓ ଗୋଟିଏ ମୋବାଇଲ ଜବତ କରିଛି । ତେବେ ମୁଖ୍ୟ ଅଭିଯୁକ୍ତ ସନ୍ଦୀପ ସାହୁ ଏଯାଏଁ ଫେରାର ଥିବା ପୋଲିସ କହିଛି। ଜଣେ ଯୁବକକୁ ଏହି ଅଭିଯୁକ୍ତମାନେ ନିର୍ଦ୍ଧୁମ ମାଡ଼ ମାରିଥିଲେ। ଅଭିଯୁକ୍ତମାନେ ନୃଶଂସ ଭାବେ ଯୁବକଙ୍କୁ ପିଟି ଚାଲିଥିଲେ। ଏହା ପଛରେ ଗ୍ୟାଙ୍ଗୱାର ଲିଙ୍କ ଥିବାର ପୋଲିସ ସନ୍ଦେହ କରୁଛି।

### ଏହା ଅତି ପ୍ରତାରଣାମୂଳକ...

କେନ୍ଦ୍ରକୁ ନିର୍ଦ୍ଦେଶ ଦିଅନ୍ତୁ। ଆବେଦନରେ ବଟଲିଂ ବା ବୋତଲ ସିଲ୍ କରିବାର ଏକ ମାନକ ସଂଜ୍ଞା ନିର୍ଦ୍ଧାରଣ କରିବାକୁ ନିବେଦନ କରାଯାଇଛି। କୁହାଯାଇଛି ଯେ ଏହାକୁ କାଚ ବୋତଲ କିମ୍ବା ଅନ୍ୟ ସ୍ପଷ୍ଟ ଭାବରେ ଚିହ୍ନିତ ପାତ୍ରରେ ସୀମିତ ରଖାଯାଉଛି। ସଂଗଠନ କହିଛି ଯେ ଟେଟ୍ରା ପ୍ୟାକ୍ ଏବଂ ସାଚେଟ୍ ପ୍ୟାକେଜିଂ ମଦକୁ ଲୁଚାଇବା ଏବଂ ପରିବହନ କରିବା ସହଜ କରିଥାଏ, ଯାହା ଫଳରେ ନାବାଳକମାନେ ମଦ୍ୟପାନ କରିବା, ଚଳନ୍ତା ଯାନରେ ମଦ୍ୟପାନ କରିବା, ରାଜ୍ୟ ସୀମା ଦେଇ ଚୋରା ଚାଲାଣ ଏବଂ ପରିବେଶଗତ କ୍ଷତି ହେବାର ଆଶଙ୍କା ବୃଦ୍ଧି ପାଉଛି। ଏପରି ପ୍ୟାକେଜିଂ, ଫଳ ରସ ସହିତ ପ୍ରତାରଣାମୂଳକ ଭାବରେ ସମାନ, ସହଜରେ ପ୍ରବେଶ ଏବଂ ଲୁଚାଇବା ସୁବିଧା ପ୍ରଦାନ କରେ, ନାବାଳକମାନଙ୍କୁ ସେବନକୁ ଉତ୍ସାହିତ କରେ, ସାର୍ବଜନୀନ ମଦ୍ୟପାନ ଏବଂ ମଦ୍ୟପାନ କରି ଗାଡି ଚାଳନା କରିବାକୁ ପ୍ରୋତ୍ସାହିତ କରୁଛି। ରାଜ୍ୟ ସୀମା ଦେଇ ଚୋରା ଚାଲାଣକୁ ମଧ୍ୟ ଏହା ଉତ୍ସାହିତ କରୁଥିବାର ଦର୍ଶାଯାଇଛି। ଆବେଦନରେ କୁହାଯାଇଛି ଯେ ଏପରି ଉତ୍ପାଦଗୁଡ଼ିକ ଗ୍ରାହକଙ୍କୁ ଭ୍ରମିତ କରିବା ପାଇଁ ମାର୍କେଟିଂ ଏବଂ ଡିଜାଇନ୍ କରାଯାଇଛି। ନଭେମ୍ବର ୨୦୨୫ରେ ସୁପ୍ରିମକୋର୍ଟ ଟେଟ୍ରା ପ୍ୟାକ୍ସରେ ମଦର ବୃଦ୍ଧି ପାଉଥିବା ବିକ୍ରୟକୁ ସମାଲୋଚନା କରି କହିଥିଲେ ଯେ ପ୍ୟାକେଜିଂ ଫଳ ରସ କାର୍ଟନ ସହିତ ପ୍ରାୟତଃ ସମାନ ଥିଲା। ଦୁଇଟି ବ୍ରାଣ୍ଡ ମଧ୍ୟରେ ଏକ ଟ୍ରେଡମାର୍କ ବିବାଦରେ କ୍ରସ୍-ପିଟିସନ୍ ଶୁଣାଣି ସମୟରେ ଏହା କହିଥିଲେ।

# ଯୁକ୍ତ ଦୁଇ ଫଳାଫଳ: କିସ୍ ଛାତ୍ରଛାତ୍ରୀଙ୍କ ବାଜିମାତ୍



**ଭୁବନେଶ୍ୱର,୨୦।୫/ଏନ୍ଏନ୍ଏସ୍:** ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ କିସ୍‌ର ଛାତ୍ରଛାତ୍ରୀମାନେ ସନ୍ତୋଷଜନକ ସଫଳତା ହାସଲ କରିଛନ୍ତି। ରାଜ୍ୟରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ପାସ ହାର ଯଥାକ୍ରମେ ୮୪.୫୦, ୮୮.୮୦ ଓ ୮୮.୦୭ ପ୍ରତିଶତ ଥିବା ବେଳେ କିସ୍‌ର ପାସ୍‌ହାର ଆଶାନୁରୂପ ରହିଛି। ଚଳିତ ବର୍ଷ କିସ୍‌ରେ ୧୮୪୭ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେଇଥିଲେ। ଏଥର ମଧ କିସ୍‌ର ଛାତ୍ରୀମାନେ ଛାତ୍ରଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରିଛନ୍ତି। କିସ୍‌ରେ ମୋଟ ୫୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। କଳା ଓ ବାଣିଜ୍ୟରେ ୫ଜଣ ଲେଖାଏଁ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବିଜ୍ଞାନରେ ୭ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ନେହା କୁଜୁର କଳାରେ ସର୍ବାଧିକ ୯୧ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ବିଜ୍ଞାନରେ ସରିବାଲା ମୁଣ୍ଡା ସର୍ବାଧିକ ୯୬ ପ୍ରତିଶତ ନମ୍ବର ଓ ବାଣିଜ୍ୟରେ ଶଶିମଣୀ ମାଝୀ ସର୍ବାଧିକ ୯୧ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ଦ୍ୱାଦଶ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ସାମନ୍ତ କହିଛନ୍ତି, କିସ୍ କଲେଜର ଅଧ୍ୟାପକ, ଅଧ୍ୟାପିକାଙ୍କ ନିଷ୍ଠା ଓ ସମୟକୁ ସମୟ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ଛାତ୍ରଛାତ୍ରୀମାନଙ୍କ ଅକ୍ଳାନ୍ତ ପରିଶ୍ରମ କିସ୍‌କୁ ଏହି ସଫଳତା ଆଣିଦେଇଛି।

## ପ୍ରଧାନମନ୍ତ୍ରୀଙ୍କ 'ମିଠା ବିପ୍ଲବ' ସଫଳ

# 'ମହୁ ମିଶନ' ବଦଳାଉଛି ଗ୍ରାମୀଣ ଅର୍ଥନୀତିର ଚିତ୍ର

**ଭୁବନେଶ୍ୱର,ନୂଆଦିଲ୍ଲୀ,୨୦।୫/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟ ଅଧୀନସ୍ଥ ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ ପକ୍ଷରୁ ଦେଶବ୍ୟାପୀ ଆଭାସୀ ବା ଭର୍ଚୁଆଲ୍ ମାଧ୍ୟମରେ 'ବିଶ୍ୱ ମହୁମାଛି ଦିବସ ୨୦୨୬' ପାଳିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂଯମିତ ସଂରକ୍ଷଣ ଏବଂ ସମ୍ପଦର ସୁବିଚାରିତ ବ୍ୟବହାର ଦୃଷ୍ଟିକୋଣକୁ ଆଗେଇ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନାବଶ୍ୟକ ଯାତ୍ରା ଓ ଇନ୍ଧନ ବ୍ୟୟ କମିବା ସହ ଦେଶର ବିଭିନ୍ନ ରାଜ୍ୟରୁ ବହୁ ସଂଖ୍ୟକ ଲୋକଙ୍କ ସହଭାଗିତା ସୁନିଶ୍ଚିତ ହୋଇପାରିଛି। ନୂଆଦିଲ୍ଲୀର ଗାନ୍ଧୀ ଦର୍ଶନ କାର୍ଯ୍ୟାଳୟରୁ ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗର ଅଧ୍ୟକ୍ଷ ମନୋଜ କୁମାର ମୁମ୍ବାଇସ୍ଥିତ ମୁଖ୍ୟାଳୟ, ରାଜ୍ୟ ଓ ବିଭାଗୀୟ କାର୍ଯ୍ୟାଳୟ ସମେତ ପୁଣେସ୍ଥିତ କେନ୍ଦ୍ରୀୟ ମହୁମାଛି ଗବେଷଣା ଏବଂ ପ୍ରଶିକ୍ଷଣ ସଂସ୍ଥାନ ସହ ଦେଶବ୍ୟାପୀ ସମସ୍ତ ମହୁଚାଷୀ, ଲାଭାନ୍ୱିତ, ବୈଜ୍ଞାନିକ, ଛାତ୍ରଛାତ୍ରୀ, ଅଧିକାରୀ ଓ କର୍ମଚାରୀମାନଙ୍କୁ ଅନଲାଇନ୍ ମାଧ୍ୟମରେ ସମ୍ବୋଧନ କରିଥିଲେ। ଏହି ଅବସରରେ ପୁଣେର କେନ୍ଦ୍ରୀୟ ମହୁମାଛି ଗବେଷଣା ଏବଂ ପ୍ରଶିକ୍ଷଣ ସଂସ୍ଥାନଠାରେ ଆୟୋଜିତ 'ମହୁ ପ୍ରଦର୍ଶନୀ'କୁ ମଧ୍ୟ ଆୟୋଗର ଅଧ୍ୟକ୍ଷ ଭର୍ଚୁଆଲ୍ ଭାବେ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷର ବିଶ୍ୱ ମହୁମାଛି ଦିବସର ଆଦର୍ଶ ବାକ୍ୟ ବା ଥିମ୍ - 'ଜନସାଧାରଣ ଏବଂ ଗ୍ରହ ପାଇଁ ଏକାଠି ମହୁମାଛି' ଅନୁଯାୟୀ, ପରିବେଶ ସୁରକ୍ଷା, କୃଷି ଉତ୍ପାଦକତା ଏବଂ ଜୀବ ବିବିଧତାକୁ ସୁଦୃଢ଼ କରିବାରେ ମହୁମାଛିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଜାଗର କରାଯାଇଥିଲା। ଆୟୋଗର ଅଧ୍ୟକ୍ଷ ମନୋଜ କୁମାର ନିଜ ସମ୍ବୋଧନରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଶ୍ୱେତ ବିପ୍ଳବକୁ ମିଠା ବିପ୍ଳବରେ ପରିଣତ କରିବା' ଦୃଷ୍ଟିକୋଣ ଗ୍ରାମୀଣ କ୍ଷେତ୍ରରେ ସ୍ୱରୋଜଗାର ଓ ଆତ୍ମନିର୍ଭରତାକୁ ନୂଆ ଗତି ଦେଇଛି। ଆଜି ମହୁଚାଷ କୃଷି, ପରିବେଶ ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାର ଏକ ସଶକ୍ତ ମାଧ୍ୟମ ଭାବେ ଉଭା ହୋଇଛି। ସେ ସୂଚନା ଦେଇଥିଲେ ଯେ, ୨୦୧୬ ମସିହାରେ ଗୁଜରାଟର ବନାସକଣ୍ଠାରୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ମିଠା ବିପ୍ଳବ କେବଳ ଏକ ସ୍ଲୋଗାନ୍ ନୁହେଁ, ବରଂ ଗ୍ରାମ, କୃଷକ ଏବଂ ଆତ୍ମନିର୍ଭର ଭାରତ ଗଠନ ପାଇଁ ଏକ ସମଗ୍ର ଦୃଷ୍ଟିକୋଣ ଅଟେ। ଏଥିରୁ ପ୍ରେରିତ ହୋଇ ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ ପକ୍ଷରୁ ୨୦୧୭ ମସିହାରେ 'ମହୁ ମିଶନ' ବା ହନି ମିଶନ ଆରମ୍ଭ କରାଯାଇଥିଲା। ଏହି ମିଶନ ଅଧୀନରେ ୨୦୧୭-୧୮ ରୁ ୨୦୨୫-୨୬ ପର୍ଯ୍ୟନ୍ତ ଦେଶବ୍ୟାପୀ ପ୍ରାୟ ୨.୫ ଲକ୍ଷ (୨,୪୬,୦୯୯ ଟି) ମହୁବାକ୍ସ ଓ ମହୁମାଛି କଲୋନୀ ବଣ୍ଟନ କରାଯାଇଛି, ଯାହା ଫଳରେ ୨୪,୨୬୯ ମେଟ୍ରିକ୍ ଟନ୍ ମହୁ ଉତ୍ପାଦନ ବୃଦ୍ଧି ପାଇଛି। କେବଳ ୨୦୨୫-୨୬ ମସିହାରେ ମହୁ ଉତ୍ପାଦନ ପ୍ରାୟ ୫,୫୧୨ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ଏହା ସହିତ ୨୦୨୫-୨୬ ଅର୍ଥବର୍ଷରେ ଆୟୋଗ ସହ ସଂପୃକ୍ତ ମହୁଚାଷୀମାନେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା, ସଂଯୁକ୍ତ ଆରବ ଏମିରେଟ୍ସ, ଇସ୍ରାଏଲ, ସୌଦି ଆରବ, ଓମାନ, ସିଙ୍ଗାପୁର, ଅଷ୍ଟ୍ରେଲିଆ, କତାର ଏବଂ ରିପବ୍ଲିକ୍ ଅଫ୍ କୋରିଆ ସମେତ ଅନେକ ଦେଶକୁ ପ୍ରାୟ ୩୧ କୋଟି ଟଙ୍କାର ମହୁ ରପ୍ତାନି କରିଛନ୍ତି, ଯାହା ବିଶ୍ୱସ୍ତରରେ ଭାରତୀୟ ମହୁର ବୃଦ୍ଧିଶୀଳ ସ୍ୱୀକୃତିକୁ ପ୍ରତିଫଳିତ କରୁଛି। ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ଦେଶବ୍ୟାପୀ ମହୁଚାଷୀମାନଙ୍କୁ ଆହ୍ୱାନ ଜଣାଇ ମହୁଚାଷକୁ କେବଳ ମହୁ ଉତ୍ପାଦନର ମାଧ୍ୟମ ଭାବେ ନୁହେଁ, ବରଂ ପ୍ରକୃତି ସୁରକ୍ଷା, କୃଷି ବିକାଶ ଓ ଗ୍ରାମୀଣ ସମୃଦ୍ଧିର ଏକ ସଶକ୍ତ ଉପକରଣ ଭାବେ ଦେଖିବାକୁ କହିଥିଲେ। ବିଶ୍ୱ ମହୁମାଛି ଦିବସ ଅବସରରେ ସମସ୍ତଙ୍କୁ ମହୁମାଛି ସୁରକ୍ଷା, ଅଧିକ ଲୋକଙ୍କୁ ମହୁଚାଷ ସହ ଯୋଡ଼ିବା ଏବଂ ପ୍ରଧାନମନ୍ତ୍ରୀଙ୍କ ମିଠା ବିପ୍ଳବକୁ ଦେଶର ପ୍ରତ୍ୟେକ ଗ୍ରାମରେ ପହଞ୍ଚାଇବା ପାଇଁ ସଂକଳ୍ପ ନେବାକୁ ସେ ଆହ୍ୱାନ କରିଥିଲେ। ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରୁ ଯୋଗଦେଇଥିବା ଅଂଶଗ୍ରହଣକାରୀମାନେ ଡିଜିଟାଲ୍ ବା ବୈଦ୍ୟୁତିକ ମାଧ୍ୟମରେ ମହୁଚାଷ ସମ୍ବନ୍ଧୀୟ ନିଜର ଅନୁଭବ ଓ ସଫଳତା କାହାଣୀ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗର ସଂଯୁକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ, ବିଭିନ୍ନ କ୍ଷେତ୍ରର ତତ୍ତ୍ୱବିତ୍, ଖଦି ସଂସ୍ଥାର ପ୍ରତିନିଧି, କାରିଗର, ପ୍ରଶିକ୍ଷଣାର୍ଥୀ, ବ୍ୟାଙ୍କ ପ୍ରତିନିଧି ଏବଂ ରାଜ୍ୟ ସରକାରୀ ଅଧିକାରୀମାନେ ପ୍ରମୁଖ ଯୋଗଦେଇଥିଲେ।



# କଳା, ବିଜ୍ଞାନ ଓ ବାଣିଜ୍ୟରେ ଜିଲ୍ଲାୱାରୀ ପାସ୍‌ହାର

**ଭୁବନେଶ୍ୱର,୨୦।୫/ଏନ୍ଏନ୍ଏସ୍:** ଜିଲ୍ଲାୱାରୀ ରେଜଲ୍ଟ(କଳା)ରେ ବାଲେଶ୍ୱର: ୮୯.୩୪ % ରହିଥିବା ବେଳେ ଭଦ୍ରକ: ୮୭.୫୬, ବଲାଙ୍ଗୀର:୭୯.୧୯, ସୁବର୍ଣ୍ଣପୁର: ୮୬.୩୧, କଟକ:୮୧.୭୨, ଜଗତସିଂପୁର: ୮୫.୨୫, ଯାଜପୁର: ୮୦.୬୧, କେନ୍ଦ୍ରାପଡା:୭୯.୫୯, ଅନୁଗୁଳ: ୮୬.୩୭, ଢେଙ୍କାନାଳ:୮୩.୯୭, ଗଞ୍ଜାମ: ୮୭.୧୮, ଗଜପତି:୮୦.୧୨, କଳାହାଣ୍ଡି: ୮୨.୦୫, ନବରଙ୍ଗପୁର:୮୪.୯୪, କେନ୍ଦୁଝର: ୮୪.୭୯, କୋରାପୁଟ: ୮୪.୬୨, ମାଲକାନଗିରି:୮୭.୬୧, ନବରଙ୍ଗପୁର: ୭୭.୧୪, ରାୟଗଡା: ୭୯.୧୫, ମୟୁରଭଞ୍ଜ: ୮୫.୯୦, ବୌଦ୍ଧ: ୮୭.୮୫, କନ୍ଧମାଳ:୭୮.୦୪, ଖୋର୍ଦ୍ଧା: ୮୫.୪୭, ନୟାଗଡ଼:୮୬.୧୭, ପୁରୀ: ୮୫.୭୮, ବରଗଡ:୮୫.୯୨, ଦେବଗଡ: ୮୮.୯୫, ଝାରସୁଗୁଡା:୮୭.୫୦, ସମ୍ବଲପୁର: ୮୯.୪୮ ଓ ସୁନ୍ଦରଗଡରେ ୮୫.୯୩ ପ୍ରତିଶତ ରହିଛି। ଜିଲ୍ଲା ୱାରୀ ରେଜଲ୍ଟ(ବିଜ୍ଞାନ)ରେ ବାଲେଶ୍ୱର:୯୬.୬୩ ପ୍ରତିଶତ ରହିଥିବା ବେଳେ ଭଦ୍ରକ: ୯୩.୪୭, ବଲାଙ୍ଗୀର:୮୬.୧୧, ସୁବର୍ଣ୍ଣପୁର: ୮୭.୨୪, କଟକ:୯୩.୫୫, ଜଗତସିଂପୁର: ୮୬.୦୯, ଯାଜପୁର: ୯୧.୩୦, କେନ୍ଦ୍ରାପଡ଼ା ୮୭.୯୩, ଅନୁଗୁଳ: ୮୯.୭୮, ଢେଙ୍କାନାଳ:୯୦.୪୩, ଗଞ୍ଜାମ: ୮୯.୫୨, ଗଜପତି:୭୯.୩୧, କଳାହାଣ୍ଡି: ୮୧.୪୭, ନବରଙ୍ଗପୁର: ୮୦.୪୫, କେନ୍ଦୁଝର: ୮୨.୦୭, କୋରାପୁଟ: ୭୭.୧୪, ମାଲକାନଗିରି:୮୪.୭୫, ନବରଙ୍ଗପୁର: ୮୫.୭୯, ରାୟଗଡ଼ା: ୮୨.୯୨, ମୟୁରଭଞ୍ଜ: ୮୬.୬୬, ବୌଦ୍ଧ: ୭୮.୧୮, କନ୍ଧମାଳ:୭୯.୩୩, ଖୋର୍ଦ୍ଧା: ୯୨.୯୯, ନୟାଗଡ:୯୪.୮୯, ପୁରୀ: ୯୨.୩୨, ବରଗଡ: ୮୩.୮୬, ଦେବଗଡ଼: ୯୫.୦୭, ଝାରସୁଗୁଡା: ୭୭.୩୦, ସମ୍ବଲପୁର: ୯୧.୭୩ ଓ ସୁନ୍ଦରଗଡରେ ୮୦.୯୪ ପ୍ରତିଶତ ରହିଛି। ଜିଲ୍ଲା ୱାରୀ ରେଜଲ୍ଟ (ବାଣିଜ୍ୟ)ରେ ବାଲେଶ୍ୱର: ୯୧.୫୩% ରହିଥିବା ବେଳେ ଭଦ୍ରକ: ୮୮.୨୬, ବଲାଙ୍ଗୀର:୭୭.୨୫, ସୁବର୍ଣ୍ଣପୁର: ୮୯.୬୨, କଟକ:୯୫.୭୧, ଜଗତସିଂପୁର: ୮୯.୭୨, ଯାଜପୁର: ୯୧.୫୯, କେନ୍ଦ୍ରାପଡ଼ା:୯୩.୧୭, ଅନୁଗୁଳ: ୮୫.୪୩, ଢେଙ୍କାନାଳ:୮୮.୧୪, ଗଞ୍ଜାମ: ୮୯.୩୧, ଗଜପତି: ୮୩.୦୭, କଳାହାଣ୍ଡି: ୮୨.୭୬, ନବରଙ୍ଗପୁର: ୮୪.୨୪, କେନ୍ଦୁଝର:୮୨.୫୩, କୋରାପୁଟ: ୮୩.୧୩, ମାଲକାନଗିରି: ୮୨.୭୧, ନବରଙ୍ଗପୁର: ୭୭.୬୭, ରାୟଗଡା: ୮୩.୪୧, ମୟୁରଭଞ୍ଜ: ୮୨.୨୫, ବୌଦ୍ଧ: ୧୦୦, କନ୍ଧମାଳ:୮୩.୪୯, ଖୋର୍ଦ୍ଧା: ୯୨.୪୫ ନୟାଗଡ଼: ୯୭.୭୪, ପୁରୀ: ୯୦.୩୮, ବରଗଡ଼:୮୩.୪୧, ଦେବଗଡ: ୮୭.୫୦, ଝାରସୁଗୁଡ଼ା:୯୧.୧୮, ସମ୍ବଲପୁର: ୯୦.୬୮ ଓ ସୁନ୍ଦରଗଡ଼ରେ ୮୭.୨୭ ପ୍ରତିଶତ ରହିଛି।

# +୨ ବିଜ୍ଞାନ ପରୀକ୍ଷାରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

**ଭୁବନେଶ୍ୱର,୨୦।୫/ଏନ୍ଏନ୍ଏସ୍:** ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ସମସ୍ତ +୨ ପରୀକ୍ଷାର ଫଳାଫଳ ଆଜି ପ୍ରକାଶିତ ହୋଇଛି। ସାରା ରାଜ୍ୟରେ ବିଜ୍ଞାନ ବିଷୟରେ ୮୭.୫% ଫଳାଫଳ ହୋଇଥିବା ବେଳେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଫଳାଫଳ ଶତପ୍ରତିଶତ ହୋଇ ବିଦ୍ୟାଳୟର ଅତିତର ଗୌରବ ବଜାୟ ରଖିଛି। ଉକ୍ତ ବିଦ୍ୟାଳୟର ମୋଟ ୨୪୬ ଛାତ୍ରଛାତ୍ରୀ +୨ ବିଜ୍ଞାନ ବିଷୟରେ ପରୀକ୍ଷା ଦେଇ ୨୪୫ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୪୬ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୨୧୮ (୯୨%)ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୯ (୭.୭୨%) ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮ଜଣ ପିଲା ୯୦% ଉପରେ ରଖିଥିବା ବେଳେ ୪୮ଜଣ ଛାତ୍ରଛାତ୍ରୀ ୫୦୦ ଉପରେ ନମ୍ବର ରଖିଛନ୍ତି ଏବଂ ୬୪ ଜଣ ପିଲା ୮୦% ଉପରେ ମଧ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଅନୁଷ୍ଠାନର ଛାତ୍ରୀ ସସ୍ମିତା ମାଝୀ ସର୍ବୋଚ୍ଚ ନମ୍ବର ୫୬୬ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ରଖି ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାର ମାନ ବଜାୟ ରଖିବାରେ ସହାୟକ ହୋଇଛି। ଅନୁଷ୍ଠାନର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ଼ଃ. ଚିତ୍ତ ରଞ୍ଜନ ମିଶ୍ର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ।

# ଯୁବବର୍ଗଙ୍କ ଦକ୍ଷତା ବିକାଶ ଦିଗରେ ସିପେଟ୍ ସହ ୧.୨୬ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର

**ଭୁବନେଶ୍ୱର,ସମ୍ବଲପୁର,୨୦।୫/ଏନ୍ଏନ୍ଏସ୍:** ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍), ସିଏସ୍‌ଆର କାର୍ଯ୍ୟକ୍ରମ ଅଧୀନରେ ଇଲେକ୍ଟ୍ରିସିଆନ୍ ଓ ଫିଟର୍ ଟ୍ରେଡ୍‌ରେ ଦୁଇ ବର୍ଷିଆ ଆବାସିକ ଆଇଟିଆଇ ପ୍ରଶିକ୍ଷଣ ପ୍ରଦାନ ପାଇଁ ଭୁବନେଶ୍ୱର ସ୍ଥିତ ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଏମସିଏଲ୍‌ର କାର୍ଯ୍ୟକାରୀ ଅଞ୍ଚଳରୁ ମନୋନୀତ ହୋଇଥିବା ୪୦ ଜଣ ଛାତ୍ରଛାତ୍ରୀଙ୍କୁ (ଇଲେକ୍ଟ୍ରିସିଆନ୍ ଏବଂ ଫିଟର୍ ଟ୍ରେଡ୍‌ରେ ୨୦ ଜଣ ଲେଖାଏଁ) ସିପେଟ୍‌ଠାରେ ଏକ ବ୍ୟାପକ ୨ ବର୍ଷିଆ ଆଇଟିଆଇ ପାଠ୍ୟକ୍ରମ ମାଧ୍ୟମରେ ଶିଳ୍ପ-ଉପଯୋଗୀ ବୈଷୟିକ ଦକ୍ଷତା ପ୍ରଦାନ କରାଯିବ। ଏହା ଯୁବ ମାନସ ପାଇଁ ଏକ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ଏବଂ ନିଯୁକ୍ତି ଯୋଗ୍ୟତା ସୃଷ୍ଟି କରିବ। ଏହି ଦୁଇ ବର୍ଷିଆ ଆବାସିକ କାର୍ଯ୍ୟକ୍ରମରେ ୪୦ ଜଣ ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ, ଖାଦ୍ୟ, ରହଣି ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ବହନ କରିବା ପାଇଁ ଏମସିଏଲ୍ ନିଜର ସିଏସଆର ପାଣ୍ଠିରୁ ୧.୨୬ କୋଟି ଟଙ୍କା ପ୍ରଦାନ କରିବ। ଏମ୍‌ସିଏଲ୍‌ର ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱର ସିପେଟ୍‌ଠାରେ ଆଇଟିଆଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଏହା ହେଉଛି ଷଷ୍ଠ ବ୍ୟାଚ୍। ପୂର୍ବରୁ ତିନୋଟି ବ୍ୟାଚ୍ (ଶିକ୍ଷାବର୍ଷ ୨୦୨୧-୨୩, ୨୦୨୨-୨୪, ଏବଂ ୨୦୨୩-୨୫) ସଫଳତାର ସହ ଶେଷ ହୋଇସାରିଛି ଏବଂ ଏଥିରେ ୯୭ରୁ ଅଧିକ ପ୍ରାର୍ଥୀ ନିଯୁକ୍ତି ପାଇଛନ୍ତି। ଅନ୍ୟପଟେ, ୨୦୨୪-୨୬ ଏବଂ ୨୦୨୫-୨୭ ଶିକ୍ଷାବର୍ଷ ପାଇଁ ଦୁଇଟି ବ୍ୟାଚ୍ ବର୍ତ୍ତମାନ ଚାଲୁ ରହିଛି। ଏହି ପଦକ୍ଷେପ ସୁସଂଗଠିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଖଣି ଅଞ୍ଚଳଗୁଡ଼ିକରେ ସାମଗ୍ରିକ ବିକାଶ ଏବଂ ସ୍ଥାୟୀ ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ଯୋଗଦାନ କରିବା ପାଇଁ ଏମସିଏଲ୍‌ର ଦୂରଦୃଷ୍ଟିକୁ ପ୍ରତିଫଳିତ କରୁଛି।

## ନବୋଦୟ ସାହିତ୍ୟ ସଂସ୍କୃତି ସମିତିର ଜାତୀୟ ଆଲୋଚନାଚକ୍ର

# 'ନବ ଉତ୍କଳ ଭାରତୀ' ଉନ୍ମୋଚିତ, ସାରସ୍ୱତ ସାଧକ ସମ୍ବର୍ଦ୍ଧିତ

**ଭୁବନେଶ୍ୱର,୨୦।୫/ଏନ୍ଏନ୍ଏସ୍:** ନବୋଦୟ ସାହିତ୍ୟ ସଂସ୍କୃତି ସମିତି ଆନୁକୂଲ୍ୟରେ ଏକ ଦିବସୀୟ ଜାତୀୟ ଆଲୋଚନାଚକ୍ର ଏବଂ ଏହାର ମୁଖପତ୍ର 'ନବ ଉତ୍କଳ ଭାରତୀ'ର ପ୍ରବେଶାଙ୍କ ଲୋକାର୍ପଣ ସମାରୋହ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହା ସହିତ ଡକ୍ଟର ପ୍ରିୟଙ୍କା ନାୟକଙ୍କ ଦ୍ୱାରା ସଂକଳିତ 'ମାତା କୀ ସ୍ମୃତି' ପୁସ୍ତକ ମଧ ଉନ୍ମୋଚିତ ହୋଇଛି। ପ୍ରାତଃ ୯ଟା ୩୦ରେ ପତାକା ଉତ୍ତୋଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିବା ବେଳେ ସମିତିର ଅଧ୍ୟକ୍ଷ ଡକ୍ଟର ଅବ୍ଦୁଲ୍ ଉସ୍ମାନ ଖାନ୍ ଏହାକୁ ଉଦ୍‌ଘାଟନ କରିଥିଲେ।



ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଥିବା ଉଦ୍‌ଘାଟନୀ ଅଧିବେଶନରେ ସୁଧାଂଶୁ ବାଲା ସାହୁ ଏବଂ ରୀନା ରାନୀ ପ୍ରଧାନ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସୁଶ୍ରୀ ଅଞ୍ଜଳି ରାନୀ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଦଶାବତାର ପ୍ରଦର୍ଶନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ଶ୍ରୀଜଗନ୍ନାଥଙ୍କ ନିକଟରେ ପୁଷ୍ପାର୍ପଣ ପରେ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ମଞ୍ଚାସୀନ ଅତିଥି ଭାବେ ଡକ୍ଟର ଅଜୟ କୁମାର ପଟ୍ଟନାୟକ, ସୁଦର୍ଶନ ତରାଇ ଏବଂ ନବୀନ ଚନ୍ଦ୍ର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସମିତିର ସଂରକ୍ଷକ ତଥା ହାୱଡ଼ା ହିନ୍ଦୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ଦାମୋଦର ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସମାରୋହର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ୨୦୨୬ ବର୍ଷ ପାଇଁ ସମିତିର ନିଷ୍ପତ୍ତି ଅନୁଯାୟୀ ଡକ୍ଟର ଅଜୟ ପଟ୍ଟନାୟକଙ୍କୁ 'ସାହିତ୍ୟ ଶ୍ରୀ ସମ୍ମାନ', ସୁଦର୍ଶନ ତରାଇଙ୍କୁ 'ରାଷ୍ଟ୍ରଭାଷା ସେବା ସମ୍ମାନ', ଶ୍ରୀ ଗଣେଶ ପ୍ରସାଦ ଶର୍ମାଙ୍କୁ 'ସୃଜନ ଶ୍ରୀ ସମ୍ମାନ', ଡକ୍ଟର ଦୁଃଶାସନ ଓଝାଙ୍କୁ 'ସୃଜନ ଶ୍ରୀ ସମ୍ମାନ' ଏବଂ ଆସନସୋଲ୍‌ରୁ ଆସିଥିବା ଶ୍ରୀ ନବୀନ ଚନ୍ଦ୍ର ସିଂହଙ୍କୁ 'ହିନ୍ଦୀ ଶିକ୍ଷଣ ଶ୍ରୀ ସମ୍ମାନ'ରେ ବିଭୂଷିତ କରାଯାଇଥିଲା। ଏହି ସତ୍ରକୁ ସମିତିର ସମ୍ପାଦିକା ପ୍ରତିମା ନଳିନୀ ପତି ପରିଚାଳନା କରିଥିବା ବେଳେ ଉପସଭାପତି ଡକ୍ଟର ଚିତ୍ତରଞ୍ଜନ ନାହାକ ଧନ୍ୟବାଦ ଅର୍ପଣ କରିଥିଲେ। ମଧ୍ୟାହ୍ନ ୧୧ଟାରେ ଡକ୍ଟର ସୁଧାଂଶୁ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ପ୍ରଥମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। 'ଭାରତୀୟ ଜ୍ଞାନ ପରମ୍ପରା ଏବଂ ହିନ୍ଦୀ ଓଡ଼ିଆ ସାହିତ୍ୟ' ଶୀର୍ଷକ ବିଷୟବସ୍ତୁ ଉପରେ କଲକାତା ହିନ୍ଦୀ ଭାଷା ପରିଷଦରୁ ଆସିଥିବା ଡକ୍ଟର ସଞ୍ଜୟ ଜୈସୱାଲ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗୀୟ ମୁଖ୍ୟ ଡକ୍ଟର ସଂଘମିତ୍ରା ଭଞ୍ଜ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ହିନ୍ଦୀ ବିଭାଗୀୟ ମୁଖ୍ୟ ଡକ୍ଟର ସ୍ମରପ୍ରିୟା ମିଶ୍ର ନିଜର ସୁଚିନ୍ତିତ ମତାମତ ରଖିଥିଲେ। ଏହି ସତ୍ରକୁ ଡକ୍ଟର ବିଜୟ ଲକ୍ଷ୍ମୀ ମହାନ୍ତି ସଂଚାଳନ କରିଥିଲେ ଓ ସମିତି ସମ୍ପାଦିକା ପ୍ରତିମା ନଳିନୀ ପତି ଧନ୍ୟବାଦ ଦେଇଥିଲେ। ଏହାପରେ ଦ୍ୱିତୀୟ ସତ୍ର ମଧ୍ୟାହ୍ନ ୧୨ଟାରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପୂର୍ବତନ ହିନ୍ଦୀ ବିଭାଗୀୟ ମୁଖ୍ୟ ପ୍ରଫେସର ରବୀନ୍ଦ୍ର ନାଥ ମିଶ୍ରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏଥିରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ମୁଖ୍ୟ ଡକ୍ଟର ଅଞ୍ଜୁମନ ଆରା, ହିନ୍ଦୀ ଶିକ୍ଷଣ ପ୍ରଶିକ୍ଷଣ ସଂସ୍ଥାନର ଅଧ୍ୟକ୍ଷ ଡକ୍ଟର ସତ୍ୟ ନାରାୟଣ ପାଣ୍ଡା ଏବଂ କମଳା ନେହରୁ ମହାବିଦ୍ୟାଳୟର ଗଣିତ ବିଭାଗ ପ୍ରାଧ୍ୟାପକ ତଥା ବିଶିଷ୍ଟ ବ୍ୟଙ୍ଗ କବି ଡକ୍ଟର ରମାକାନ୍ତ ମହାପାତ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶୈଳବାଳା ମହିଳା ମହାବିଦ୍ୟାଳୟର ହିନ୍ଦୀ ଅଧ୍ୟାପିକା ଇମ୍ରାନା ଇସ୍ରାଇଲ ଏହି ସତ୍ରର ସଂଚାଳନ କରିଥିବା ବେଳେ ପ୍ରୀତିପ୍ରିୟା ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ। ଉଦ୍‌ଯାପନୀ ସତ୍ରରେ ହାୱଡ଼ା ହିନ୍ଦୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦାମୋଦର ମିଶ୍ର ସମଗ୍ର ସମାରୋହ ଓ ଆଲୋଚନାର ସଫଳତା ଉପରେ ଆଲୋକପାତ କରିଥିଲେ। ଏହି ଭବ୍ୟ କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ବିଭିନ୍ନ ପ୍ରଦେଶରୁ ବହୁ ସଂଖ୍ୟାରେ ବିଶିଷ୍ଟ ସାହିତ୍ୟିକ, ପ୍ରାଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର

# 'ପୁସ୍ତକ ହିଁ ମଣିଷର ପ୍ରକୃତ ବନ୍ଧୁ'



**ଭୁବନେଶ୍ୱର,୨୦।୫/ଏନ୍ଏନ୍ଏସ୍:** ପୁସ୍ତକ ହେଉଛି ମଣିଷର ପ୍ରକୃତ ବନ୍ଧୁ। ପୃଥିବୀର ବହୁ ମନୀଷୀଗଣ ତାଙ୍କ ଜୀବନରେ ପୁସ୍ତକର ଅବଦାନକୁ ସ୍ୱୀକାର କରିବାକୁ ଭୁଲିନାହାନ୍ତି। ସଭ୍ୟତା ଓ ସଂସ୍କୃତି ହେଉଛି ପୁସ୍ତକମାନଙ୍କର ଦାନ ବୋଲି ମତବ୍ୟକ୍ତ କରିଛନ୍ତି ଆଲୋଚକବୃନ୍ଦ। 'ଓଡ଼ିଶା ଲେଖକ ସମବାୟ ସମିତି'ର ସମସ୍ତ ସଭ୍ୟସଭ୍ୟାଙ୍କୁ 'ମୁଁ ପଢ଼ିଥିବା ଦୁଇଟି ଭଲ ବହି' ଉପରେ ଆଲୋଚନା କରିବା ସ୍ଥିର ହୋଇଥିବା ଅବସରରେ ଅନୁଷ୍ଠାନର ସଭାପତି ପୀତବାସ ରାଉତରାୟ ସଭା ଆରମ୍ଭରୁ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଜୀବନରେ ଜନ୍ ରସ୍କିନ୍, ଲିଓ ଟଲ୍‌ଷ୍ଟୟଙ୍କ ଭଳି ଲେଖକଙ୍କ ପୁସ୍ତକ ତଥା ରାମାୟଣ, ମହାଭାରତ ଓ ଭଗବତ ଗୀତାର ପ୍ରଭାବ ତାଙ୍କ ଜୀବନରେ କିପରି ପ୍ରଭାବ ପକାଇଥିଲା ସେ ବିଷୟରେ ଆଲୋକପାତ କରି ଅନ୍ୟ ସଭ୍ୟସଭ୍ୟାଙ୍କ ଜୀବନରେ ପଢ଼ିଥିବା ୨ଟି ପୁସ୍ତକ ସମ୍ପର୍କରେ ଆଲୋଚନା ଆରମ୍ଭ କରିଥିଲେ। ଏହିକ୍ରମରେ ଆଲୋଚିତ ହୋଇଥିବା ପୁସ୍ତକଗୁଡ଼ିକର ଲେଖକମାନେ ହେଲେ ମନୋଜ ଦାସ, ଗୋଦାବରୀଶ ମିଶ୍ର, ଫକୀରମୋହନ ସେନାପତି, ଗଙ୍ଗାଧର ମେହେର, ତୁଳସୀ ଦାସ, ସଚ୍ଚି ରାଉତରାୟ, କାହ୍ନୁଚରଣ, ଅଶୋକ ମହାପାତ୍ର, ଗୋବିନ୍ଦ ଦାସ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ବଳଦେବ ମହାରଥା, ଅଭିରାମ ପରମ ହଂସ, ରବି ନାରାୟଣ ନନ୍ଦ, ଜୟନ୍ତ ନାରାୟଣ ପଣ୍ଡା, ଡାକ୍ତର ଇନ୍ଦ୍ରମଣି ଜେନା ଓ ବ୍ୟାସଦେବ। ସଭାରେ ଭାଗ ନେଇଥିଲେ ମନୋଜ କୁମାର ଜେନା, ନିଶାକର ରାଉତ, ସିଦ୍ଧାର୍ଥ କାନୁନ୍‌ଗୋ, ବୈରାଗୀ ଚରଣ ପଟ୍ଟନାୟକ, ମିନତୀ ଷଡ଼ଙ୍ଗୀ, ଡ. ଆରତି କର, ବିରଜା ପ୍ରସାଦ ଶତପଥୀ, କୈଳାସ ଚନ୍ଦ୍ର ରଥ, ସୁବାସ ଚନ୍ଦ୍ର ସାହୁ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଭାଗୀରଥି ନାୟକ, ସୁକୁମାର ବିଶ୍ୱାଳ। ପ୍ରାରମ୍ଭରୁ ସ୍ୱାଗତ ଭାଷଣ ଦେଇଥିଲେ ପରିଚାଳକ ରମାକାନ୍ତ ମିଶ୍ର ଓ ଧନ୍ୟବାଦ ପ୍ରଦାନ କରିଥିଲେ ସୁକାନ୍ତ ପ୍ରଧାନ। ସଭା ଆରମ୍ଭରୁ ଭଜନ ପରିବେଷଣ କରିଥିଲେ ପୂର୍ଣ୍ଣଚନ୍ଦ୍ର ଶାସନୀ ଓ ସମିତ କୁମାର ରାଉତ।

# ପ୍ରଫେସର କରୁଣାସାଗର ବେହେରାଙ୍କ ଅଷ୍ଟାଦଶ ଶ୍ରାଦ୍ଧୋତ୍ସବ



**ଭୁବନେଶ୍ୱର,୨୦।୫/ଏନ୍ଏନ୍ଏସ୍:** ଐତିହାସିକ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କରୁଣାସାଗର ବେହେରାଙ୍କ ଅଷ୍ଟାଦଶ ଶ୍ରାଦ୍ଧୋତ୍ସବ ଆଜି କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପୂଜ୍ୟପୂଜା ସମାରୋହରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟକ, ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ମୁଖ୍ୟଅତିଥି ଏବଂ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଫେସର ବେହେରାଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ ବିଷୟରେ ଆଲୋକପାତ କରିଥିଲେ। ବିଶେଷକରି ତାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ 'କୋଣାର୍କ' ଓ 'ଲିଙ୍ଗରାଜ ମନ୍ଦିର' ପୁସ୍ତକ କେବଳ ଇତିହାସ ଦୃଷ୍ଟିରୁ ନୁହେଁ, ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ଏକ ଅନନ୍ୟ ଅବଦାନ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାନର ଯୁଗ୍ମ ସମ୍ପାଦକ ଡକ୍ଟର ଅରୁଣ କୁମାର ନାୟକ ସ୍ୱାଗତ ସୂଚନା ଦେଇଥିବା ବେଳେ ଅନ୍ୟତମ ଯୁଗ୍ମ ସମ୍ପାଦକ ଡକ୍ଟର ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ସୁଶ୍ରୀ ଗାୟତ୍ରୀ ଦାସ ସ୍ୱାଗତ ସଂଗୀତ ଗାନ କରିଥିଲେ ଏବଂ ଡାକ୍ତର ଜୀବନ କୁମାର ମିଶ୍ର ଓ ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ବେଦ ପାଠ କରିଥିଲେ। ଏହି ଅବସରରେ ପ୍ରଫେସର ବେହେରାଙ୍କ କନ୍ୟା ଓ ଜାମାତା ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ପରିଶେଷରେ ନିର୍ମଳ କୁମାର ମହାପାତ୍ର ଧନ୍ୟବାଦ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ଅନାମ ବେହେରା, ରକ୍ଷକ ନାୟକ, ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ, ଜଗତ ଚନ୍ଦ୍ର ଦାସ, ସୁଶାନ୍ତ କୁମାର ସ୍ୱାଇଁ, ଅଲେଖ ନନ୍ଦୀ, ଜୀବନ ବଲ୍ଲଭ ମହାନ୍ତି, ଡକ୍ଟର ଶକୁନ୍ତଳା ବଳିଆରସିଂ, ପ୍ରବୀର କୁମାର ପଟ୍ଟନାୟକ, ଡକ୍ଟର ବାସନ୍ତି ମହାନ୍ତି, ପ୍ରଫେସର ସିନିରୁଦ୍ଧ ଦାଶ, ଡକ୍ଟର ଗୋପବନ୍ଧୁ ମହାନ୍ତି, ସୁଜାତା ମହାପାତ୍ର ଓ ବିପିନ ବିହାରୀ ତ୍ରିପାଠୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ପ୍ରଫେସର ବେହେରାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



ପ୍ରେରଣା
ସ୍ୱାସ୍ଥ୍ୟ

# ଟିନା ଚୌଧୁରୀ

**ଆଜିର ସମୟରେ ଲୋକମାନେ ନିଜ ଫିଟ୍‌ନେସ୍ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ଏହି କ୍ଷେତ୍ରରେ ଜବ୍‌ର ସମ୍ଭାବନା ମଧ୍ୟ ବୃଦ୍ଧି ପାଉଛି। ଯୁବପିଢ଼ି ତ ଏ ଦିଗରେ ଆଗ୍ରହୀ ରହୁଛନ୍ତି କିନ୍ତୁ ଅଧିକ ବୟସ୍କମାନେ ମଧ୍ୟ ଫିଟ୍‌ନେସ୍ ଟ୍ରେନର୍ ହେବା ଦିଗରେ ଆଗକୁ ବଢ଼ୁଛନ୍ତି। କୁହାଯାଉଛି ଯେ ଆଗାମୀ ଦିନରେ ଫିଟ୍‌ନେସ୍ ଟ୍ରେନିଂ ଦିଗରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ଫିଟ୍ ରହିବା ସହିତ କେବଳ ଏକ ପତଳା, ସୁସ୍ଥ ଶରୀର ପାଇବା ପାଇଁ ନିଜର ଆଗ୍ରହ ଦେଖାଇଲେ ହେବ ନାହିଁ ସୁସ୍ଥ ଜୀବନଶୈଳୀର ମଧ୍ୟ ଆବଶ୍ୟକତା ରହିଛି। ଏଥିପାଇଁ ଫିଟ୍‌ନେସ୍ ଟ୍ରେନର୍ ଟିନା ଚୌଧୁରୀଙ୍କ ଠାରୁ କିଛି ଫିଟ୍‌ନେସ୍ ମନ୍ତ୍ର ବିଷୟରେ ଜାଣିବା ଯିଏ ନିଜର ଦୃଢ଼ ମନୋବଳ ଦ୍ୱାରା ଅନ୍ୟ ମହିଳାମାନଙ୍କୁ ଫିଟ୍ ରହିବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି।**

ବ୍ୟସ୍ତ ଜୀବନଶୈଳୀ ମଧ୍ୟରେ ଓଜନ ବୃଦ୍ଧି ହେବା ଏକ ସାଧାରଣ ଘଟଣା। ଏଥିପାଇଁ ଲୋକମାନଙ୍କର ଟୀକା ଟିପ୍ପଣୀକୁ ମଧ୍ୟ ସହ୍ୟ କରିବାକୁ ପଡ଼େ। ଏହା ସହିତ କୌଣସି ଆଉଟ୍‌ଫିଟ୍ ସହଜରେ ଫିଟ୍ ହୁଏ ନାହିଁ। ବିଭିନ୍ନ ପ୍ରକାରର ମନ୍ତବ୍ୟ ଶୁଣି ଶୁଣି ମହିଳାମାନେ ନକାରାତ୍ମକ ଅଭିଜ୍ଞତା ହାସଲ କରନ୍ତି। ଯଦି ଏପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଜାଣନ୍ତୁ ଟିନା ଚୌଧୁରୀଙ୍କ ବିଷୟରେ ଯିଏ ମୋଟାପଣ ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। କିନ୍ତୁ ସେ ନିଜର ଦୃଢ଼ ମନୋବଳ ଯୋଗୁ କେବଳ ଓଜନ ହ୍ରାସ କରେଇବା ଦିଗରେ ସଫଳତା ହାସଲ କରିଥିଲେ ତାହା ନୁହେଁ ଅନ୍ୟ ମହିଳାମାନଙ୍କୁ ମଧ୍ୟ ଓଜନ ହ୍ରାସ କରେଇବା ଦିଗରେ ପ୍ରେରଣା ଦେବା ପାଇଁ ସ୍ଥିର କରିଥିଲେ। ଦିଲ୍ଲୀର ଏହି ଚର୍ଚ୍ଚିତ ଫିଟ୍‌ନେସ୍ ଟ୍ରେନର୍ ଆରମ୍ଭରୁ କିଛି ନା କିଛି କାମ କରିବାକୁ ଚାହୁଁଥିଲେ। ସେ ଇ-ମେଲ୍ ମାର୍କେଟିଂ, ଟି-ସାର୍ଟ ତିଆରି କରିବା ବ୍ୟବସାୟ, ପେଇଂ ଗେଷ୍ଟ ବ୍ୟବସାୟ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ଦିଗରେ ସଫଳତା ପାଇପାରି ନଥିଲେ। ଏହାପରେ ଜବ୍ କଲେ ଟିନା। ସେ ରିସେପ୍‌ସନିଷ୍ଟ ଭାବରେ ଜଏନ୍ କଲେ, ପ୍ଲେସ୍କୁଲ୍ କୋଅର୍ଡିନେଟର୍ କାମ ମଧ୍ୟ କଲେ। କିନ୍ତୁ ଏଥିରେ ମଧ୍ୟ ଭାଗ୍ୟର ସହଯୋଗ ରହିଲା ନାହିଁ। ସ୍କୁଲ୍ ଜବ୍‌ରେ ତାଙ୍କୁ ବଡ଼ ଦାୟିତ୍ୱ ଦିଆଯାଇଥିଲା। ସେ ନିଜ କାମକୁ ସଚ୍ଚୋଟତାର ସହିତ କରୁଥିଲେ। ତାଙ୍କର ମୋଟାପଣ ଯୋଗୁ ସେ ବିଭିନ୍ନ ମନ୍ତବ୍ୟର ଶିକାର ହେଉଥିଲେ। ଏପରିକି ସାଙ୍ଗମାନଙ୍କ ସହିତ ଫଟୋ ଉଠେଇବା ବେଳେ ତାଙ୍କୁ ଏକ ପାର୍ଶ୍ୱରେ ଛିଡ଼ା କରାଯାଉଥିଲା। ସୋସିଆଲ୍ ମିଡିଆରେ ଫଟୋ ସେୟାର୍ କରିବା ମାତ୍ରେ ତାଙ୍କୁ କଟୁ ସମାଲୋଚନା କରାଯାଉଥିଲା। ଏହିସବୁ ସମସ୍ୟାର କାରଣ ଥିଲା ତାଙ୍କର ମୋଟାପଣ। ଏହି ସମସ୍ୟା ତାଙ୍କ ଆତ୍ମବିଶ୍ୱାସକୁ ଦୁର୍ବଳ କରିଦେଉଥିଲା। ପିଲାଦିନରୁ ସେ ହେଲ୍‌ଦି ଥିଲେ। କିନ୍ତୁ ପ୍ୟୁବର୍ଟି ପରଠାରୁ ଟିନା ଅଧିକ ମୋଟି ହୋଇଗଲେ ଓ ଆସ୍ଥମା ଦ୍ୱାରା ମଧ୍ୟ ପୀଡ଼ିତ ହେଲେ।

ଟିନା ବିବାହ କଲେ ଓ ଏହାପରେ ତାଙ୍କର ଓଜନ ଆହୁରି ବୃଦ୍ଧି ହୋଇଗଲା। ବିଭିନ୍ନ ପ୍ରକାରର ଖରାପ ଅନୁଭୂତି ମଧ୍ୟରେ କିପରି ଓଜନ ହ୍ରାସ କରିହେବ ସେ ଦିଗରେ ଟିନା ଚିନ୍ତା କରି ନିଜ ତରଫରୁ ଛୋଟ ଛୋଟ ପ୍ରୟାସ ଜାରି ରଖିଲେ। ୱର୍କଆଉଟ୍ ବିଷୟରେ ଜାଣିନଥିଲେ ଟିନା। ସେ ପ୍ରଥମେ ୱାକ୍ କରିବା ଆରମ୍ଭ କଲେ। ଓଜନ ହ୍ରାସ ପାଇଁ ପିଲାଙ୍କ ସହିତ ବ୍ୟାଡ୍‌ମିଣ୍ଟନ ଖେଳିଲେ। ମୋଟାପଣ ପାଇଁ ପୁରା ଡ୍ରେସ୍ ପିନ୍ଧି ସ୍ୱିମିଂ କରୁଥିଲେ ଏଥିରେ ତାଙ୍କ ଶରୀର ୱାର୍ମଅପ୍ ମୋଡ଼କୁ ଆସିଗଲା। ତେବେ ଫିଟ୍‌ନେସ୍ ରାସ୍ତାରେ ଚାଲିବା ସହଜ ନଥିଲା। ପ୍ରାରମ୍ଭିକ ସମୟରେ ସେ କ୍ଳାନ୍ତ ହୋଇଯାଉଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କର ଷ୍ଟାମିନା ବୃଦ୍ଧି ପାଇଥିଲା। ଟିନା ଅନୁଭବ କରିଥିଲେ ଯେ ଯଦି ଆମ ଭିତରେ ଇଚ୍ଛାଶକ୍ତି ରହିଛି ତେବେ ଆମ ଶରୀର ଆମକୁ ଧୀରେ ଧୀରେ ସପୋର୍ଟ ଦେବ। ଟିନା ଧୀରେ ଧୀରେ ୱାକିଂ, ଯୋଗ, ସ୍ୱିମିଂ, ଜିମ୍ ଆଦି ଜଏନ୍ କଲେ ପତଳା ହେବା ପାଇଁ। ପୂର୍ବରୁ ୮୬ କେ.ଜି ଥିଲେ ଟିନା। ବ୍ୟାୟାମ କରିବା ଦ୍ୱାରା ମାତ୍ର ତିନି ମାସରେ ୨୬ କି.ଗ୍ରା ଓଜନ ହ୍ରାସ କରିପାରିଥିଲେ। ୩୫ ବର୍ଷ ବୟସରେ ସ୍ଲିମ୍ ହେବା ପାଇଁ ସେ ପ୍ରୟାସ ଜାରି ରଖିଥିଲେ। ଟ୍ରେନର୍ ହୋଇ ମହିଳାମାନଙ୍କୁ ଏରୋବିକ୍ସ ପ୍ରଶିକ୍ଷଣ ଦେବା ପାଇଁ ପ୍ରେରିତ କରିଥିଲେ ଟିନାଙ୍କ ଭାଇ। ଏହା କରିବାକୁ ପରାମର୍ଶ ଦେବା ପରେ ଟିନାଙ୍କ ନୂଆ ଅବତାର ଦେଖିବାକୁ ମିଳିଥିଲା। ଟ୍ରେନର୍ ହେବା ପାଇଁ କୋର୍ସ କରି ୱାର୍ମଅପ୍ ଟ୍ରେନର୍ ଭାବରେ କାମ ଆରମ୍ଭ କଲେ ଟିନା। ୬-୭ ମାସ ମଧ୍ୟରେ ସେ ୨-୩ଟା ଜିମ୍‌ରେ ୱାର୍ମଅପ୍ ଟ୍ରେନିଂ ଦେଲେ। ଯେତେ ଲୋକଙ୍କୁ ସେ ଟ୍ରେନିଂ ଦେଉଥିଲେ ସବୁ ଲୋକଙ୍କର ଓଜନ ହ୍ରାସ ହୋଇ ସେମାନେ ପତଳା ହେବା ଆରମ୍ଭ କଲେ ଓ ତାଙ୍କର ଚାହିଦା ବୃଦ୍ଧି ପାଇଥିଲା। ନିଜର ଓଜନ ହ୍ରାସ କରାଇ ସେ ଆହୁରି ଭଲ ଫଳାଫଳ ପାଇଥିଲେ।

ତେବେ ୱାର୍ମଅପ୍ ଦ୍ୱାରା ଲୋକମାନେ ପ୍ରଭାବିତ ହୋଇ ଟିନାଙ୍କୁ ଘରକୁ ଡ଼ାକି ପ୍ରଶିକ୍ଷଣ ଦେବା ପାଇଁ ଅଫର୍ ଦେଲେ ଓ ସଠିକ୍ ଭାବରେ ଟିନାଙ୍କ କାମ ଆରମ୍ଭ ହୋଇଥିଲା। ଏକ ସପ୍ତାହର ମାଗଣା ପ୍ରଶିକ୍ଷଣ ଦେବା ପରେ ଟିନା ପ୍ରତି ଲୋକଙ୍କ ଠାରୁ ୩୦୦୦ ଟଙ୍କା ଲେଖାଏଁ ଫିସ୍ ନେଲେ। ଏହାର ଖୁବ୍ ଭଲ ଫଳାଫଳ ମିଳିଥିଲା ଟିନାଙ୍କୁ।

ଅର୍ବାନ କ୍ଲାପ୍‌ରୁ ଟିନାଙ୍କୁ ଖୁବ୍ ସହଯୋଗ ମିଳିଲା। ଅର୍ବାନ କ୍ଲାପ୍ ତରଫରୁ ତାଙ୍କର ଆପ୍ ଡାଉନ୍‌ଲୋଡ୍ କରିବାକୁ କୁହାଗଲା ଓ ଏହାପରେ ଟିନାଙ୍କୁ ଅଧିକ କାମ ମିଳିବା ଆରମ୍ଭ ହେଲା। ଏପରିକି ଗୋଟିଏ ଦିନରେ ୮-୯ଟି ଟ୍ରେନିଂ ସେସନ୍ ନେବା ସେ ଆରମ୍ଭ କଲେ। ଟିନା ସକାଳ ୭.୩୦ରୁ ଆରମ୍ଭ କରି ରାତି ୯ଟା ପର୍ଯ୍ୟନ୍ତ ଟ୍ରେନିଂ ଦେଉଥିଲେ। ବ୍ୟସ୍ତ ଜୀବନ ମଧ୍ୟରେ ପିଲାଙ୍କ ସହିତ ସମୟ ବିତେଇ ପାରୁନଥିଲେ ଟିନା। ପତିଙ୍କର ମଧ୍ୟ ଦେହାନ୍ତ ହୋଇଯାଇଥିଲା। କିନ୍ତୁ ସୁଯୋଗ ମଧ୍ୟ ଛାଡ଼ି ନଥିଲେ। ଏ ଯାତ୍ରା ଆଦୌ ସହଜ ନଥିଲା। ନୂଆ ଲୋକମାନେ ଯୁବ ଓ ସ୍ମାର୍ଟ ଟ୍ରେନର୍ ଆବଶ୍ୟକ କରୁଥିଲେ। ଯେଉଁ ଲୋକମାନେ ତାଙ୍କ ଠାରୁ ଶିଖିବା ପାଇଁ ଚାହୁଁଥିଲେ କମ୍ ଅର୍ଥ ମିଳୁ ବା ଅଧିକ ଟିନା ଗୋଟିଏ ଦିନରେ କେତେ ଥର ଦିଲ୍ଲୀର ବିଭିନ୍ନ ସ୍ଥାନକୁ ଯାତ୍ରା କରୁଥିଲେ।



**ଟିନା ତାଙ୍କ ପରିଶ୍ରମ ଓ ନିଷ୍ଠା ଯୋଗୁ ଆଜି ଲୋକମାନଙ୍କର ଚିନ୍ତାଧାରାରେ ପରିବର୍ତ୍ତନ ଆଣିପାରିଛନ୍ତି। ଆଜି ସେ ଯେଉଁଠିକି ବି ଯାଉଛନ୍ତି ସେଠାରେ ତାଙ୍କୁ ଗୁରୁତ୍ୱ ଦିଆଯାଉଛି। ସାଧାରଣତଃ ସୋସାଇଟିରେ ପତଳା ଓ ଗୁଡ୍ ଲୁକିଂ ମହିଳାମାନଙ୍କୁ ପସନ୍ଦ କରାଯାଏ। ମୋଟାପଣ ଯୋଗୁ ମହିଳାମାନଙ୍କୁ ନାପସନ୍ଦ କରନ୍ତି ଲୋକମାନେ। ତେବେ ଫିଟ୍‌ନେସ୍ ଉଦ୍ୟୋଗ ଖୁବ୍ ସଂତୃପ୍ତ ଓ ପ୍ରତିସ୍ପର୍ଦ୍ଧାତ୍ମକ। ଏହି କ୍ଷେତ୍ରରେ ମହିଳାମାନଙ୍କର ଭାଗୀଦାରୀ ୨୦୧୯ ପର୍ଯ୍ୟନ୍ତ ଅତିରିକ୍ତ ବୃଦ୍ଧି ହେବାର ସଂକେତ ମିଳୁଛି। ଏହି ବୃଦ୍ଧି ଖୁବ୍ ରୋମାଞ୍ଚକ ହେବା ସହିତ ଭୟାବହ ସତ୍ୟତାକୁ ମଧ୍ୟ ଉଜାଗର କରିବ। ନିଜ ନାମକୁ ପରିଚୟ ଦେବା, ପ୍ରସିଦ୍ଧି ହାସଲ କରିବା ଓ ଅର୍ଥ ଆୟ କରିବା ଦିନକୁ ଦିନ ଆହ୍ୱାନପୂର୍ଣ୍ଣ ହେବାରେ ଲାଗିଛି। ତେଣୁ ଜଣେ ଫିଟ୍‌ନେସ୍ ଟ୍ରେନର୍ ହେବା ପାଇଁ ଟିନା ଚୌଧୁରୀଙ୍କ ପରି ନିଜକୁ ବିକଶିତ କରିବା ସହିତ ଫିଟ୍‌ନେସ୍ କଣ୍ଟେଣ୍ଟରୁ ଆଇଡିଆ ନେଇପାରିବେ।**

ସ୍ୱାସ୍ଥ୍ୟ | ଟିନା ଚୌଧୁରୀ



**ମହିଳାମାନେ ଦୈନନ୍ଦିନ ଜୀବନରେ ବ୍ୟସ୍ତ ରହି ନିଜକୁ ଅଣଦେଖା କରିଥାନ୍ତି। ବିଶେଷ କରି କାନ୍ଧ ସହିତ ଜଡ଼ିତ ଯନ୍ତ୍ରଣାର ଶିକାର ହୁଅନ୍ତି ଅନେକ ମହିଳା। ତେଣୁ କାନ୍ଧକୁ କିପରି ସୁସ୍ଥ ଓ ମଜଭୁତ ରଖିବେ ଟିନା ଚୌଧୁରୀ ୨୧ ଦିନ ପାଇଁ ୨୧ଟି ଅଲଗା ଅଲଗା ଏକ୍ସର୍‌ସାଇଜ ବିଷୟରେ କହିଛନ୍ତି ଯେଉଁଗୁଡ଼ିକୁ ମହିଳାମାନେ କରିପାରିଲେ ନିଜ ଶରୀରକୁ ବି ମଜଭୁତ ରଖିପାରିବେ।**

**ଫୁଲ୍ ପ୍ଲାଙ୍କ୍**-ଦିନସାରା ବିଭିନ୍ନ କାମ ପାଇଁ କାନ୍ଧ ଗତିଶୀଳ ରହୁଥିବାରୁ ଏହି ବ୍ୟାୟାମ କାନ୍ଧର ସ୍ଥିରତା ବଜାୟ ରଖିବାରେ ସାହାଯ୍ୟ କରେ। ତେଣୁ ଫୁଲ୍ ପ୍ଲାଙ୍କ୍ ବ୍ୟାୟାମକୁ ୮-୧୦ ଥର କରନ୍ତୁ।

**ୱାଲ୍ ପୁସ୍ ଅପ୍**-କାନ୍ଥ ଠାରୁ ଅଳ୍ପ ଦୂରରେ ଛିଡ଼ା ହୋଇ ହାତକୁ ସିଧା କରି କାନ୍ଥ ଉପରେ ରଖି ଗୋଇଠି ସାହାଯ୍ୟରେ ଛିଡ଼ା ହୁଅନ୍ତୁ। ଭୂମି ଉପରେ ପୁସ୍ ଅପ୍ କରିବା ଭଳି କାନ୍ଥ ଉପରେ ପୁସ୍ ଅପ୍ କରନ୍ତୁ। ପ୍ରତିଦିନ ଏହିପରି ୧୦-୧୫ ଥର କଲେ କାନ୍ଧ ମଜଭୁତ ହେବ।

**ହ୍ୟାଣ୍ଡ ୱାକ୍**-ଏହି ବ୍ୟାୟାମ କାନ୍ଧଗୁଡ଼ିକୁ ଖୁବ୍ ଭଲ ଶେପ୍ ଦେଇଥାଏ। ସିଧା ଛିଡ଼ା ହୋଇ ହାତଗୁଡ଼ିକ ସହାୟତାରେ ଭୂମିକୁ ସ୍ପର୍ଶ କରନ୍ତୁ। ଆଣ୍ଠୁଗୁଡ଼ିକୁ ଅନଲକ୍ କରି ହିପ୍‌କୁ ବାହାର ଆଡ଼କୁ କରିବେ। ଏହାପରେ ହାତରେ ଚାଲି ଫୁଲ୍ ପ୍ଲାଙ୍କ୍ ପୋଜିସନ୍‌କୁ ଆସନ୍ତୁ। ହାତକୁ ପଛକୁ ନେଇ ସିଧା ଛିଡ଼ା ହୋଇଯାଆନ୍ତୁ। ଏହିପରି ଭାବରେ ୮-୧୦ ଥର କରିବେ।

**ସୋଲ୍ଡର ପ୍ରେସ୍**-କୌଣସି ବଲ୍ ସାହାଯ୍ୟରେ ଓ ମିରର୍ ସମ୍ମୁଖରେ ଛିଡ଼ା ହୋଇ ଏହି ବ୍ୟାୟାମ କରିପାରିବେ। ଦୁଇ ହାତରେ ବଲ୍‌କୁ ଧରନ୍ତୁ ଓ ଏହାକୁ ମୁହଁର ସମ୍ମୁଖ ପୋଜିସନ୍‌କୁ ଆଣି ଛିଡ଼ା ହୁଅନ୍ତୁ। ହାତକୁ ସିଧା କରି ଉପରକୁ ଉଠେଇବେ। ଏହାପରେ ପୁଣି ଥରେ ମୁହଁ ପାଖକୁ ସିଧା କରି ହାତକୁ ରଖିବେ। ପୁଣି ହାତକୁ ଉପରକୁ ନେବେ। ଏହି ବ୍ୟାୟାମକୁ ୧୦-୧୫ ଥର କରନ୍ତୁ।



**ଆର୍ମ ସର୍କଲ୍**-ଏଥିରେ ହାତକୁ କାନ୍ଧ ସ୍ତରରେ ଉପରକୁ ଉଠେଇବେ। ଦୁଇ ହାତକୁ କ୍ଲକ୍ ୱାଇଜ୍ ଓ ଆଣ୍ଟି **କ୍ଲକ୍ ୱାଇଜ୍ ୧୦-୧୦** ଥର ବୁଲେଇବେ। ବହୁତ ସମୟ ପର୍ଯ୍ୟନ୍ତ କାନ୍ଧକୁ ଯଦି ଗୋଟିଏ ପୋଜିସନ୍‌ରେ ରଖୁଛନ୍ତି ତେବେ ଏହି ବ୍ୟାୟାମ କଲେ ଆପଣଙ୍କୁ ଲାଭ ମିଳିବ। କାନ୍ଧ ଜମିଯିବା ପରି ମନେହେଲେ ଏହି ବ୍ୟାୟାମ ମଝିରେ ମଝିରେ କରନ୍ତୁ। ପ୍ରତିଦିନ ୧୦ ଥର ଲେଖାଏଁ ତିନି ଥର ଏହି ବ୍ୟାୟାମ କରିବାକୁ ଚେଷ୍ଟା କରିବେ।

ଏଗୁଡ଼ିକ ବ୍ୟତୀତ ୱାଲଗ୍ ଆଞ୍ଜେଲ୍ସ, ଏଲ୍‌ବୋ ପ୍ଲାଙ୍କ୍, ସୋଲ୍‌ଡର୍ ଟ୍ୟାପ୍, ସୋଲ୍ଡର ଫ୍ରଣ୍ଟ ରେଜ୍, ପ୍ଲାଙ୍କ୍ ୱିଥ୍ ଫ୍ରଣ୍ଟ ରେଜ୍, ଓଭରହ୍ୟାଣ୍ଡ ଟାୱେଲ୍ ରେଜେସ୍, ରିଭର୍ସ ପ୍ଲାଙ୍କ୍, ସ୍ୱିମର୍ସ ଏକ୍ସରସାଇଜ୍, ଷ୍ଟିକ୍ ଫ୍ରଣ୍ଟ ରେଜେସ୍, ଟ୍ରାକ୍ସ ବା ରୋପ୍ ରୋଓ୍ୱିଂ, ଏଭର ହେଡ୍ ସୋଲ୍ଡର ରୋଟେସନ୍ ୱିଥ୍ ଷ୍ଟିକ୍, ଫରୱାର୍ଡ ବିଅର୍ କ୍ରଲ୍, ରିଭର୍ସ ବିଅର୍ କ୍ରଲ୍, କାର୍ ଡ୍ରାଇଭର୍ସ, ସିଙ୍ଗଲ୍ ଆର୍ମ ଏକ୍ସଟରନାଲ୍ ରୋଟେସନ୍, ସୋଲ୍ଡର ସାଇଡ୍ ରେଜେସ୍ ପରି ବ୍ୟାୟାମଗୁଡ଼ିକୁ ମହିଳାମାନେ କରିବା ଉଚିତ। ଯେଉଁ ମହିଳାମାନେ ନିଜେ ସବୁ କାମ କରୁଛନ୍ତି ସେମାନଙ୍କ କାନ୍ଧରେ ଷ୍ଟିଫ୍‌ନେସ୍ ଆସିଯାଏ। ତେଣୁ ସେମାନେ ଯଦି ଏହି ୨୧ ପ୍ରକାରର ବ୍ୟାୟାମ କରିବେ ଶରୀରର ମୋବିଲିଟି ବୃଦ୍ଧି ହେବ, ବଡ଼ିର ହିଲିଂ ବି ହେବ ଓ ବଡ଼ି ମଜଭୁତ ରହିବ। କାନ୍ଧର ଷ୍ଟିଫ୍‌ନେସ୍ ମଧ୍ୟ ଦୂର ହେବ।



# ଭାବନାତ୍ମକ ଉପେକ୍ଷା

ମହିଳାମାନେ ସେମାନଙ୍କର ସମସ୍ୟାଗୁଡ଼ିକୁ ନେଇ କାହା ଆଗରେ ଅଭିଯୋଗ କରନ୍ତି ନାହିଁ କାରଣ ତାଙ୍କ ପାଖରେ ନଥାଏ କୌଣସି ଠୋସ୍ କାରଣ। ନା ପତି ମଦ୍ୟପାନ କରୁଛି, ନା ସେ ଖରାପ ବ୍ୟବହାର କରୁଛି। ମାସର ପ୍ରଥମ ତାରିଖରେ ସେ ଘରର ସମସ୍ତ ଖର୍ଚ୍ଚ ମଧ୍ୟ ଦେଇଦେଉଛି। ସମାଜ ଆଗରେ ଏହା ହେଉଛି ଏକ ଆଦର୍ଶ ବିବାହ। କିନ୍ତୁ ସେହି ଘରର ଚାରିକାନ୍ଥ ମଧ୍ୟରେ ରହି ନାରୀ ଜଣକ ଉଦାସ ରହିବା ସହିତ ଏକାକୀପଣର ଜୀବନ ଜିଉଁଥାଏ। ସେ ଚିତ୍କାର କରେ ନାହିଁ, କିନ୍ତୁ ଭିତରେ ଭିତରେ ଏହି ଉଦାସୀ ତାକୁ ଫମ୍ପା କରିଦିଏ।

ଆମ ଦେଶରେ ଆଜି ବି ଲକ୍ଷାଧିକ ମହିଳା ଏହିପରି ଏକାକୀପଣ ସହିତ ସଂଘର୍ଷ କରୁଛନ୍ତି ଯାହାକୁ କେଉଁଭଳି ଭାବରେ ମଧ୍ୟ ମପାଯାଇ ପାରିବ ନାହିଁ। ଏହା ହେଉଛି ସେହିପରି ଏକାକୀପଣ ଯେଉଁଠାରେ ଘରେ ପିଲାମାନଙ୍କ ଖେଳକୁଦ ସହିତ ପତିର ଉପସ୍ଥିତି ଥାଏ।

**ଅଧ୍ୟୟନ କହୁଛି ଯେ ଭାରତୀୟ ନାରୀମାନେ ସାଧାରଣତଃ ବର୍ଣ୍ଣ ଆଉଟ୍‌ର ଶିକାର ହୁଅନ୍ତି କାରଣ ତାଙ୍କ ଉପରେ ଘରର ଶାନ୍ତିକୁ ବଜାୟ ରଖିବା ପରି ଡବଲ୍ ବୋଝ ରହିଥାଏ। ଏଥିରେ ଆଉ ମଧ୍ୟ କୁହାଯାଇଛି ଯେ ପୁରୁଷମାନେ ସାଧାରଣତଃ ନିଜ ପତ୍ନୀକୁ ଏକ ସପୋର୍ଟ ସିଷ୍ଟମ ଭାବରେ ଦେଖନ୍ତି। କିନ୍ତୁ ପତ୍ନୀ ନିଜକୁ ଏକ ସର୍ଭିସ୍ ପ୍ରୋଭାଇଡର୍ (ସେବା ଦେଉଥିବା) ଭାବରେ ଅନୁଭବ କରେ ଯେଉଁ କାରଣରୁ ସେ ନିଜକୁ ଅଲଗା ବୋଲି ଭାବେ।**

**ସୁରକ୍ଷାକୁ ସୁଖ ବୋଲି ଭାବିବା**-ଭାରତୀୟ ସମାଜରେ ବୈବାହିକ ଜୀବନର ସଫଳତାର ମାପକାଠି ବହୁତ ଛୋଟ। ଯଦି ପତି ଆୟ କରୁଛି, ନିଶା କରୁନାହିଁ ଓ ମାରପିଟ୍ କରୁନାହିଁ ତେବେ ସେହିପରି ପୁରୁଷଙ୍କୁ 'ଦେବତା' ଭାବରେ ମହିଳାମାନେ ମାନିଥାନ୍ତି। ମହିଳାମାନେ କିଛି ବି ହେଲେ ନମାଗନ୍ତୁ ସେମାନଙ୍କ ଠାରୁ ଏହିପରି ଆଶା ରଖାଯାଇଥାଏ। କିନ୍ତୁ ଜଣେ ମଣିଷର ଭାବନାତ୍ମକ ଆବଶ୍ୟକତା ଏତିକି ଭିତରେ ସୀମିତ ରହିଥାଏ କି ? ତେବେ ହିଂସା ନହେଲେ ବି ଏହା ଭଲପାଇବାର ପ୍ରମାଣ ନୁହେଁ। ଭଲପାଇବାର ଅର୍ଥ-ଏହାର ଅର୍ଥ ହେଉଛି ବୁଝିବା, ଦେଖିବା ଓ ଅନୁଭବ କରିବା। ତେଣୁ ମହିଳାଙ୍କର କଥାକୁ ଯଦି ଫାଲ୍‌ତୁ ବୋଲି ଟାଳିଦିଆଯାଏ ତେବେ ସେ ମାନସିକ କ୍ଳାନ୍ତି ଅନୁଭବ କରେ ଓ ଏହି କ୍ଳାନ୍ତିକୁ ଘରେ ଡ୍ରାମା ବୋଲି ଭାବନ୍ତି। ଏହାପରେ ସେ ଏପରି ଏକ ସମ୍ପର୍କ ଭିତରେ ନିଜକୁ ପାଏ ଯେଉଁଠାରେ ସେ ପାର୍ଟନର୍ ହେବା ପରିବର୍ତ୍ତେ କେବଳ ଏକ ଚରିତ୍ର ହୋଇ ରହିଥାଏ।



**ଲାଳନ ପାଳନର ପାର୍ଥକ୍ୟ**-ଆମ ସଂସ୍କୃତିରେ ଝିଅମାନଙ୍କୁ ତ୍ୟାଗର ମୂର୍ତ୍ତି ହେବା ପାଇଁ ଶିକ୍ଷା ଦିଆଯାଏ। ସେ ସବୁ ପରିସ୍ଥିତିରେ ଆଡ୍‌ଜଷ୍ଟ କରିପାରିଲେ ତାହା ସବୁଠାରୁ ବଡ଼ ଗୁଣ ବୋଲି କୁହାଯାଏ। ଏହି ସ୍ଥିତିରେ ଘରର ଶାନ୍ତି ପାଇଁ ସେ ନିଜର ଇଚ୍ଛାଗୁଡ଼ିକୁ ଦବାଇଦିଏ। ସେହିପରି ପୁରୁଷମାନଙ୍କୁ ମଧ୍ୟ ଶିକ୍ଷା ଦିଆଯାଇଥାଏ ଯେ ପ୍ରୋଭାଇଡର୍ ହେବା ସେମାନଙ୍କର ଏକମାତ୍ର ଦାୟିତ୍ୱ। ପତ୍ନୀଙ୍କ ସହିତ ବସି ଭାବନାଗୁଡ଼ିକୁ ବୁଝିବା ବା ତା'ର ମୌନ ରହିବାର କାରଣ ବିଷୟରେ ଜାଣିବା ମଧ୍ୟ ଜଣେ ପୁରୁଷର କର୍ତ୍ତବ୍ୟ ହୋଇପାରେ। ଜଣେ ପୁରୁଷ ଏହା ଭାବେ ଯେ ସେ ଘରର ଦାୟିତ୍ୱ ଖୁବ୍ ଭଲ ଭାବରେ ନିଭଉଛି କିନ୍ତୁ ତା'ର ପତ୍ନୀ ଭାବନାତ୍ମକ କୁପୋଷଣର ଶିକାର ହେଉଥାଏ। ମହିଳା ଜଣକ ଘର ତ ସମ୍ଭାଳୁଥାଏ କିନ୍ତୁ ସେହି ଘରେ ତା' ପାଇଁ ନଥାଏ କୌଣସି ଭାବନାତ୍ମକ କୋଣ। ଭାବନାତ୍ମକ ଉପେକ୍ଷା ଖୁବ୍ ଗଭୀର ଭାବରେ କାମ କରେ। କୌଣସି ଘା' ପରି ଏହା କାମ କରେ ନାହିଁ କିନ୍ତୁ ଉଈ ପରି ଏହା ମନକୁ ଖାଇଯାଏ।

**ବିବାହ ଏକ ବୁଝାମଣା ବା ସାମାଜିକ ଅନୁବନ୍ଧ ନୁହେଁ। ଏହା ଦୁଇ ଜଣ ମଣିଷଙ୍କର ଭାବନାତ୍ମକ ମିଳନ। ଜଣେ ପୁରୁଷ ଖୁବ୍ ଭଲ ଆୟ କରି ପରିବାରକୁ ସୁବିଧା ଦେଇପାରେ କିନ୍ତୁ ପତ୍ନୀକୁ ଖୁସି ଓ ଶାନ୍ତି ମିଳେ ପୁରୁଷର ସମ୍ବେଦନାରୁ। ତେଣୁ ଚୁପ୍ ନରହି ସମ୍ବାଦ କରିବା ଶିଖନ୍ତୁ। କେବଳ ସାଙ୍ଗ ହୋଇ ରହିଲେ ସମ୍ପର୍କ ସାର୍ଥକ ହୋଇନଥାଏ। ସମ୍ପର୍କର ମୂଲ୍ୟ ତେବେ ଯାଇ ଅଧିକ ହୁଏ ଯେତେବେଳେ ପରସ୍ପର ପାଇଁ ଉଭୟେ ଉପଲବ୍ଧ ରୁହନ୍ତି। କୌଣସି ମହିଳା କେବଳ ଏକ ପରିବାର ପାଇବା ପାଇଁ କିମ୍ବା ନିଜର ସୁରକ୍ଷା ଦୃଷ୍ଟିରୁ ଏକ ଛାତ ପାଇବା ପାଇଁ ବିବାହ କରିନଥାଏ ତାକୁ ଏପରି ଜଣେ ସାଥୀର ଆବଶ୍ୟକ ଥାଏ ଯାହା ପାଖରେ ତା'ର ହୃଦୟ ସୁରକ୍ଷିତ ରହିପାରିବ।**

ଖାଦ୍ୟଶାଳ

# ଗୋଆ ଷ୍ଟାଇଲ୍ ଅଣ୍ଡା ତରକାରି



**ଅଣ୍ଡା ତରକାରି ତ ସମସ୍ତେ ଖାଇଥିବେ କିନ୍ତୁ ଗୋଆର ଏହି ସ୍ପେଶାଲ୍ ଅଣ୍ଡା ତରକାରି ସ୍ୱାଦରେ ପୁରା ଅଲଗା। କେବଳ ତିନୋଟି ସାମଗ୍ରୀକୁ ମିଶାଇ ତିଆରି କରନ୍ତୁ ଗୋଆର ସ୍ପେଶାଲ୍ ଅଣ୍ଡା ତରକାରି। ଏଥିପାଇଁ ଆବଶ୍ୟକ ନଡ଼ିଆ କ୍ରିମ୍, ତେନ୍ତୁଳି ପଲ୍‌ପ ଓ ପୋସ୍ତ।**

**ଆବଶ୍ୟକ ସାମଗ୍ରୀ**-ନଡ଼ିଆ କ୍ରିମ୍-ଅଧା କପ୍, ତେନ୍ତୁଳି ପଲ୍‌ପ-୧ ଚାମଚ, କଞ୍ଚା ଲଙ୍କା-୩ଟି (ମଝିରୁ କଟାଯିବ), ଭଜା ଜିରା-୨ ଚାମଚ, ଭଜା ଶୁଖିଲା ଲଙ୍କା-୨ଟି, ଭଜା ଧଣିଆ-୨ ଚାମଚ, ଭଜା ପୋସ୍ତ-୧ ଚାମଚ, କଦ୍ଦୁକଷ ହୋଇଥିବା ନଡ଼ିଆ-୩-୪ କପ୍, ରସୁଣ-୬ କଳି, କଟାଯାଇଥିବା ଅଦା-୨ ଚାମଚ, ତେଲ-୧/୪ କପ୍, କଟା ପିଆଜ-୨ କପ୍, ଭୁର୍ସୁଙ୍ଗ ପତ୍ର-୧୦ଟି, କଦ୍ଦୁକଷ ଟମାଟୋ-୨ କପ୍, ଗରମ ମସଲା-୧ ଚାମଚ, ହଳଦୀ-୧ ଚାମଚ, ଲୁଣ-ସ୍ୱାଦ ଅନୁସାରେ, ସିଝା ଅଣ୍ଡା-୬ଟି, କଟା ଧଣିଆ ପତ୍ର - ୨ ଚାମଚ।

**ପ୍ରଣାଳୀ**-ପ୍ରଥମେ ନଡ଼ିଆ, ରସୁଣ ଓ ଅଦାକୁ ଭାଜି ପେଷ୍ଟ କରିବେ। ଏକ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ ପିଆଜ ଓ ଭୁର୍ସୁଙ୍ଗ ପତ୍ର ପକାଇ ଭାଜନ୍ତୁ। ପିଆଜ ବାଦାମୀ ରଙ୍ଗ ହୋଇଗଲେ ଟମାଟୋ ପକାଇ ଭାଜିବେ। ମସଲାରୁ ତେଲ ଛାଡ଼ିଲେ ଏଥିରେ ପ୍ରସ୍ତୁତ ହୋଇଥିବା ପେଷ୍ଟ, ଗରମ ମସଲା, ହଳଦୀ ଓ ଲୁଣ ପକାନ୍ତୁ। ମସଲା ପୁଣି ଥରେ ସାଇଡ୍‌ରୁ ତେଲ ଛାଡ଼ିଲେ ଦୁଇ କପ୍ ପାଣି ଢ଼ାଳିବେ। ମସଲା ଫୁଟିଗଲେ ଧିମା ଆଞ୍ଚରେ ୧୦ ମିନିଟ୍ ରଖନ୍ତୁ। ଏହାପରେ ନଡ଼ିଆ କ୍ରିମ୍ ଓ ତେନ୍ତୁଳି ପେଷ୍ଟ ମସଲାରେ ଢ଼ାଳିବେ। ଏହି ମିଶ୍ରଣକୁ ୨-୩ ମିନିଟ୍ ଧିମା ଆଞ୍ଚରେ ରଖିବା ଭିତରେ ସିଝା ଅଣ୍ଡାକୁ ଛଡ଼ାଇ ମସଲାରେ ପକାନ୍ତୁ। ମସଲାକୁ ଗୋଳେଇ ଦେଇ ଏଥିରେ ଧଣିଆ ପତ୍ର ପକାଇ ଗାର୍ଣ୍ଣିସ୍ କରିବେ। ଏବେ ପ୍ରସ୍ତୁତ ହୋଇଗଲା ଗୋଆ ଷ୍ଟାଇଲ୍ ଅଣ୍ଡା ତରକାରି। ଏହାକୁ ଭାତ, ରୁଟି, ପରଟା, ନାନ୍ ଆଦି ସହିତ ଖାଇପାରିବେ।

## ଆଜିର ରାଶିଫଳ




ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦


**ମେଷ**: ଦିନଟି ବହୁତ ଶୁଭ। ଯୋଗାଯୋଗ କୌଶଳ ଖୁବ୍ ଭଲ ରହିବ। ଲୋକଙ୍କ ଠାରୁ କାମ ବାହାର କରିପାରିବେ। ସୁଖ ସାଧନର ଆନନ୍ଦ ମିଳିବ। କିଛି ସକାରାତ୍ମକ ପରିବର୍ତ୍ତନ ହେବ।

**ବୃଷ**: କାରବାର ଦୃଷ୍ଟିରୁ ଦିନଟି ଉତ୍ତମ। ବ୍ୟବସାୟ ବୃଦ୍ଧି ହେବ। ଆର୍ଥିକ ଲାଭର ସଂଯୋଗ ରହିଛି। ଭାଇ-ଭଉଣୀଙ୍କ ସହଯୋଗ ପାଇବେ। ଦିନଟି ଅନୁକୂଳ। ଯୋଜନାଗୁଡ଼ିକରୁ ଲାଭ ମିଳିବ।

**ମିଥୁନ**: ମାନସିକ ଚାପ ଓ ସମସ୍ୟାରୁ ମୁକ୍ତି ମିଳିବ। ଚାକିରି କ୍ଷେତ୍ରରେ ଚାପ ରହିବ। ସହକର୍ମୀଙ୍କ ସହଯୋଗ ପାଇବେ। ପାରିବାରିକ ଜୀବନ ସୁଖମୟ ରହିବ। କିଛି ଯୋଜନା ଉପରେ କାମ କରିପାରନ୍ତି।

**କର୍କଟ**: ଦିନଟି ସୁଖମୟ ଓ ମନୋବଳ ବୃଦ୍ଧି କରେଇବ। ବ୍ୟବହାରିକତା ଦ୍ୱାରା ସ୍ଥିତିକୁ ସମ୍ଭାଳିବେ। ପରସ୍ପର ସହିତ ସାମଞ୍ଜସ୍ୟ ରହିବ। ସୁଖ ସାଧନ ଉପରେ ଧନ ଖର୍ଚ୍ଚ କରିପାରନ୍ତି।

**ସିଂହ**: ଆର୍ଥିକ ମାମଲାରେ ଖର୍ଚ୍ଚ ବୃଦ୍ଧି ହେବ। ବଜେଟ୍ ଉପରେ ଧ୍ୟାନ ରହିବ। ସତର୍କ ରହିବେ। ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବେ। ମସଲାଦାର ଭୋଜନ ଠାରୁ ଦୂରରେ ରୁହନ୍ତୁ। ଶୀଘ୍ର ନିର୍ଣ୍ଣୟ ନହେଲେ ଭଲ।

**କନ୍ୟା**: ଦିନଟି ଲାଭଦାୟକ ରହିବ। କାମଗୁଡ଼ିକ ସୁଚାରୁ ରୂପେ ଚାଲିବ। ଆର୍ଥିକ ଲାଭର ସଂଯୋଗ ରହିଛି। ସ୍ୱାସ୍ଥ୍ୟରେ ସୁଧାର ହେବ। ବ୍ୟବସାୟରେ ଲାଭାନ୍ୱିତ ହେବେ। କାରୋବାରୀ ଡିଲ୍ ଲାଭଦାୟକ ରହିବ।

**ତୁଳା**: ଆଜି କର୍ମଭାବ ଶୁଭ ଫଳଦାୟୀ ରହିବ। ବୁଦ୍ଧି ଓ ଚତୁରାଇରୁ ଲାଭ ପାଇବେ। ବିପରୀତଲିଙ୍ଗୀଙ୍କ ସହିତ ତାଳମେଳ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ। ସୁଖ ସାଧନ ପ୍ରାପ୍ତ କରିବେ।

**ବିଛା**: ଦିନଟି ଶୁଭ ଫଳ ଦେବ। ମନ ଆଧ୍ୟାତ୍ମ ଆଡ଼କୁ ଯିବ। ପାରିବାରିକ ଜୀବନ ସୁଖମୟ ରହିବ। ଭାଗ୍ୟର ପୂରା ସହଯୋଗ ପାଇବେ। ପୂର୍ବ କର୍ମରୁ ଲାଭର ସଂକେତ ମିଳୁଛି।

**ଧନୁ**: ଚିନ୍ତାକରି କୌଣସି ନିଷ୍ପତ୍ତି ନେବେ। ଚାକିରି କ୍ଷେତ୍ରରେ କାମର ଚାପ ରହିବ। ଅସ୍ତବ୍ୟସ୍ତର ସ୍ଥିତି ରହିବ। ମନ ଚିନ୍ତିତ ରହିବ। ବିରୋଧୀ ଓ ଗୁପ୍ତ ଶତ୍ରୁଙ୍କ ଠାରୁ ସତର୍କ ରହିବେ।

**ମକର**: ପାରିବାରିକ ଜୀବନ ସୁଖମୟ ହେବ। କାରୋବାରୀ ମାମଲା ସୁଖମୟ ରହିବ। ବୁଦ୍ଧି ଓ ନିର୍ଣ୍ଣୟ କ୍ଷମତାରୁ ଲାଭ ପାଇବେ। ଗ୍ରହର ସ୍ଥିତି ଆପଣଙ୍କ ପକ୍ଷରେ ଯିବ। ସ୍ଥିତି ମଜଭୁତ ରହିବ।

**କୁମ୍ଭ**: ମାନସିକ ଚାପଗ୍ରସ୍ତ ରହିବେ। ନିଜ ଲୋକଙ୍କ ଠାରୁ ପରପରି ବ୍ୟବହାର ପାଇବେ। ଦିନଟି ଖର୍ଚ୍ଚିଲା ରହିବ। ବିଜୁଳି ଉପକରଣ ଉପରେ ଖର୍ଚ୍ଚ କରିପାରନ୍ତି। ପିତା ଓ ଜୀବନସାଥୀଙ୍କ ସହଯୋଗ ପାଇବେ।

**ମୀନ**: ପରିବାର ସହିତ ମନୋରଞ୍ଜନଧର୍ମୀ ସମୟ ବିତେଇବେ। ଶିକ୍ଷା ପ୍ରତିଯୋଗିତାରେ ପ୍ରଦର୍ଶନ ଭଲ ରହିବ। ପ୍ରେମ ସମ୍ବନ୍ଧ ପ୍ରଗାଢ଼ ରହିବ। ଭାଗ୍ୟ ସହିତ ପାରିବାରିକ ଜୀବନ ପ୍ରାପ୍ତ ହେବ।

**ଆଜିର ମ୍ୟାଚ୍**

ଚେନ୍ନାଇ ସୁପର କିଙ୍ଗସ ବନାମ ଗୁଜରାଟ ଟାଇଟନ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଚେନ୍ନାଇ

### ଡବ୍ଲ୍ୟୁଟିସି ପଏଣ୍ଟ୍ ଟେବଲ ର୍ୟାଙ୍କିଙ୍ଗ୍

# ଭାରତକୁ ପଛରେ ପକାଇଲା ବାଂଲାଦେଶ





**ଦୁବାଇ, ନୂଆଦିଲ୍ଲୀ, ୨୦।୫/ଏଜେନ୍ସି:** ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ପଏଣ୍ଟ ଟେବଲରେ ବାଂଲାଦେଶ, ଭାରତକୁ ପଛରେ ପକାଇ ଦେଇଛି। ପାକିସ୍ତାନ ବିରୋଧରେ ଦଳର କ୍ରମାଗତ ଦ୍ୱିତୀୟ ବିଜୟ ପରେ ବାଂଲାଦେଶ ୫୮.୩୩% ପଏଣ୍ଟ ସହ ପଞ୍ଚମ ସ୍ଥାନରେ ପହଞ୍ଚିଛି। ଅନ୍ୟପଟେ, ଭାରତ ୪୮.୧୫% ପଏଣ୍ଟ ସହ ଷଷ୍ଠ ସ୍ଥାନକୁ ଖସିଆସିଛି। ଡବ୍ଲ୍ୟୁଟିସିର ପ୍ରଥମ ଦୁଇଟି ସିଜିନ୍‌ର ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଦଳ ପାଇଁ ଏହି ର୍ୟାଙ୍କିଙ୍ଗ ଚିନ୍ତାଜନକ ବୋଲି ବିବେଚନା କରାଯାଉଛି। ଏସୀୟ ଦଳଗୁଡ଼ିକ ମଧ୍ୟରେ ଶୁଭମନ ଗିଲ୍‌ଙ୍କ ଅଧିନାୟକତ୍ୱରେ ଖେଳୁଥିବା ଭାରତୀୟ ଦଳ ଏବେ କେବଳ ଇଂଲଣ୍ଡ, ପାକିସ୍ତାନ ଓ ୱେଷ୍ଟଇଣ୍ଡିଜ୍ ଆଦି ୩ଟି ଦଳ ଠାରୁ ଉପରେ ରହିଛି।

ଭାରତ ଚଳିତ ବର୍ଷ ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ଟେଷ୍ଟ ମ୍ୟାଚ୍ ଖେଳିନାହିଁ। ଦଳର ଶେଷ ଟେଷ୍ଟ ସିରିଜ୍ ନଭେମ୍ବର ୨୦୨୫ରେ ସାଉଥ୍ ଆଫ୍ରିକା ବିପକ୍ଷରେ ଥିଲା, ଯେଉଁଥିରେ ଟିମ୍ ଇଣ୍ଡିଆ, ଘରୋଇ ମାଟିରେ ସାଉଥ୍ ଆଫ୍ରିକା ଠାରୁ ୦-୨ ରେ ପରାଜିତ ହୋଇଥିଲା। ଭାରତୀୟ ଦଳର ର୍ୟାଙ୍କିଙ୍ଗ୍ ଏପ୍ରକାର ହ୍ରାସ ପାଇବାର କାରଣ ଘରୋଇ ମାଟିରେ ୦-୨ ରେ ସିରିଜ୍ ପରାଜୟ ବା ନିରନ୍ତର ଖରାପ ପ୍ରଦର୍ଶନ ବୋଲି ବିବେଚନା କରାଯାଉଛି। ଅନ୍ୟପଟେ, ଇଂଲଣ୍ଡ ଗସ୍ତରେ ଶୁଭମନ ଗିଲ୍‌ଙ୍କ ଅଧିନାୟକତ୍ୱରେ ଦଳ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨-୨ ରେ ଡ୍ର ରଖିବାରେ ସଫଳ ହୋଇଥିଲା, ଯେଉଁଠାରେ ଦଳକୁ ଦୁଇଟି ମ୍ୟାଚ୍‌ରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଏହି ପରାଜୟଗୁଡ଼ିକ ଯୋଗୁଁ ଭାରତର ବିଜୟ ପ୍ରତିଶତ ଯଥେଷ୍ଟ ତଳକୁ ଖସିଆସିଛି। ଅନ୍ୟପକ୍ଷେ ବାଂଲାଦେଶ ପାକିସ୍ତାନ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଘରୋଇ ସିରିଜ୍‌କୁ ୨-୦ରେ ଜିତିନେଇଛି। ରିପୋର୍ଟ ଅନୁସାରେ ସଦ୍ୟ ସାମ୍ନାକୁ ଆସିଥିବା ର୍ୟାଙ୍କିଙ୍ଗରେ ଅଷ୍ଟ୍ରେଲିଆ ୮ଟି ଟେଷ୍ଟରୁ ୭ଟି ବିଜୟ ଏବଂ ୮୭.୫୦% ପଏଣ୍ଟ ସହ ଶୀର୍ଷରେ ରହିଛି। ଅନ୍ୟପକ୍ଷେ ନ୍ୟୁଜିଲାଣ୍ଡ ୩ଟି ଟେଷ୍ଟରୁ ଦୁଇଟି ବିଜୟ ଏବଂ ଗୋଟିଏ ଡ୍ର ସହ ୭୭.୭୮% ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ଅଛି। ଅର୍ଥାତ୍ ଏହି ଦୁଇ ଦଳ ନିଜ ପୂର୍ବ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଯେତେବେଳେ କି ସାଉଥ୍ ଆଫ୍ରିକା ୭୫ ପଏଣ୍ଟ ସହ ତୃତୀୟ ଏବଂ ଶ୍ରୀଲଙ୍କା ୬୬.୬୭ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି।

ଏସବୁ ମଧ୍ୟରେ ଭାରତୀୟ ଦଳ ୬ ଜୁନ୍‌ରୁ ଯଦିଓ ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳିବ, କିନ୍ତୁ ଏହି ମ୍ୟାଚ୍ ଚଳିତ ଡବ୍ଲ୍ୟୁଟିସି ସାଇକେଲ୍‌ର ଅଂଶ ନୁହେଁ, ତେଣୁ ଏହାର ଫଳାଫଳ ଏହି ର୍ୟାଙ୍କିଙ୍ଗ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଡବ୍ଲ୍ୟୁଟିସି ସାଇକେଲ୍ ଅଧୀନରେ ଭାରତକୁ ଚଳିତ ବର୍ଷ ଶେଷରେ ଶ୍ରୀଲଙ୍କା ଏବଂ ନ୍ୟୁଜିଲ୍ୟାଣ୍ଡ ଗସ୍ତରେ ଦୁଇ-ଦୁଇଟି ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିବାକୁ ଅଛି। ଏହାପରେ ୨୦୨୭ ରେ ଭାରତୀୟ ଦଳ ଘରୋଇ ମାଟିରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳିବ। ଫାଇନାଲ୍ ଦୌଡ଼ରେ ବଜାୟ ରହିବା ପାଇଁ ଭାରତକୁ ଶ୍ରୀଲଙ୍କା ଏବଂ ନ୍ୟୁଜିଲ୍ୟାଣ୍ଡ ଗସ୍ତରେ ଭଲ ପ୍ରଦର୍ଶନ କରିବାକୁ ହେବ।

### ବର୍ଷାବାଧିତ ମ୍ୟାଚ୍‌ରେ ୧୪୮ ରନ୍‌ର ବିଜୟ ଲକ୍ଷ୍ୟ ଦେଲା ମୁମ୍ବାଇ

# କୋଲକାତା ୧୫ ଓଭରରେ ୧୧୮/୩

**କୋଲକାତା, ୨୦।୫/ଏଜେନ୍ସି:** ବୁଧବାର ଖେଳାଯାଇଥିବା ଆଇପିଏଲର ୬୫ତମ ମ୍ୟାଚ୍‌ରେ ଟସ୍ ଜିତି କୋଲକାତା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା, ଯାହାକି ଦଳ ପାଇଁ ଏକ ଶୁଭଙ୍କାରୀ ନିଷ୍ପତ୍ତି ସାବ୍ୟସ୍ତ ହୋଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭର ଶେଷ ସୁଦ୍ଧା ୮ ୱିକେଟ୍ ହରାଇ ମାତ୍ର ୧୪୭ ରନ୍ ହିଁ ସଂଗ୍ରହ କରିପାରିଥିଲା। ମୁମ୍ବାଇର ସମସ୍ତ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ୍ ବିଫଳ ସାବ୍ୟସ୍ତ ହୋଇଛନ୍ତି।



ରିୟାନ୍ ରିକେଲ୍‌ଟନ୍ ୭ ବଲ୍‌ରୁ ମାତ୍ର ୬ରନ୍ କରି ପାଭିଲିୟନ୍ ଫେରିଥିବା ବେଳେ ରୋହିତ ଶର୍ମା ୧୩ ବଲ୍‌ରୁ ୧୫ ରନ୍ ହିଁ କରିପାରିଥିଲେ। ନମନ୍ ଧୀର ଶୂନ୍ୟରେ ଆଉଟ୍ ହୋଇଥିଲେ। ସୂର୍ଯ୍ୟ କୁମାର ଯାଦବ ମାତ୍ର ୧୫ ରନ୍, ତିଳକ ବର୍ମା ମାତ୍ର ୨୦ ରନ୍, ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୨୬ ରନ୍ ଏବଂ ୱିଲ୍ ଜ୍ୟାକ୍ସ ମାତ୍ର ୧୪ ରନ୍ କରିପାରିଥିଲେ। ତେବେ କୋର୍ବିନ୍ ବୋସ୍ ଦଳର ଏକମାତ୍ର ଖେଳାଳି ଭାବେ ୩୦ ରନ୍ ଛୁଇଁଥିଲେ। ସେ ୧୮ ବଲ୍‌ରୁ ୩୨ ରନ୍ ସଂଗ୍ରହ କରିଥିଲେ। କୋଲକାତାର ସୌରଭ ଦୁବେ, କାମେରନ୍ ଗ୍ରୀନ୍ ଏବଂ କାର୍ତ୍ତିକ ତ୍ୟାଗୀ ୨ଟି ଲେଖାଏ ୱିକେଟ୍ ନେଇ ମୁମ୍ବାଇକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ସୁନିଲ୍ ନାରାୟଣ ମଧ୍ୟ ଗୋଟିଏ ୱିକେଟ୍ ହାସଲ କରିଥିଲେ। ତେବେ ୧୪୮ ରନ୍‌ର ବିଜୟ ଲକ୍ଷ୍ୟ କୋଲକାତା ପାଇଁ ଏତେ କଷ୍ଟସାଧ୍ୟ ନଥିଲେ ମଧ୍ୟ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଧିନାୟକ ଅଜିଙ୍କ୍ୟ ରାହାଣେ ୧୭ ବଲ୍‌ରୁ ୨୧ ରନ୍ କରି ପାଭିଲିୟନ୍ ଫେରିଥିଲେ। ସେହିପରି ଫିନ୍ ଆଲେନ୍ ମାତ୍ର ୮ ରନ୍ ହିଁ କରିପାରିଥିଲେ। କାମେରନ୍ ଗ୍ରୀନ୍ ମାତ୍ର ୪ ରନ୍ କରିବାରେ ସମର୍ଥ ହୋଇଥିଲେ। ତେବେ ମନୀଷ ପାଣ୍ଡେ ଏବଂ ରୋଭମାନ୍ ପାୱେଲ ପଡିଆରେ ଦୃଢ଼ତାର ସହ ତିଷ୍ଠି ରହିଥିଲେ। ରିପୋର୍ଟ ଫାଇଲ୍ ହେବା ବେଳକୁ ମନୀଷ ପାଣ୍ଡେ ୩୩ ବଲ୍‌ରୁ ୪୫ ରନ୍ କରି ଆଉଟ୍ ହୋଇଯାଇଥିଲେ। ତେବେ ପାୱେଲ୍ ୨୮ ବଲରୁ ୩୪ ରନ୍ କରି ପଡ଼ିଆରେ ଅଛନ୍ତି। ଉଭୟଙ୍କ ଭାଗିଦାରୀ ଦଳକୁ ବିଜୟର ଦ୍ୱାର ଦେଶକୁ ଆଗେଇ ନେଇଥିଲା। ଦଳ ୧୫ ଓଭର ଶେଷ ସୁଦ୍ଧା ୪ ୱିକେଟ୍ ହରାଇ ୧୧୮ ରନ୍ କରିନେଇଥିଲା। କୋର୍ବିନ୍ ବୋଶ୍ ଅଜିଙ୍କ୍ୟ ରାହାଣେ ଏବଂ କାମେରନ୍ ଗ୍ରୀନ୍‌ଙ୍କୁ ଆଉଟ୍ କରିବାରେ ସଫଳ ହୋଇଥିବା ବେଳେ ଦୀପକ ଚହର ଫିନ୍ ଆଲେନ୍‌ଙ୍କୁ ବୋଲ୍ଡ ଆଉଟ୍ କରିଛନ୍ତି। ଜଶପ୍ରୀତ୍ ବୁମରା ମଧ୍ୟ ଗୋଟିଏ ୱିକେଟ୍ ହାସଲ କରିଛନ୍ତି।

ଆଜିର ମ୍ୟାଚ୍ କୋଲକାତା ପାଇଁ କର ବା ମର' ପରିସ୍ଥିତି ରହିଥିବା ବେଳେ ନିଜ ପ୍ଲେ-ଅଫ୍ ଆଶାକୁ ଉଜ୍ଜୀବିତ ରଖିବା ପାଇଁ କୋଲକାତା ଆପ୍ରାଣ ଚେଷ୍ଟା ଚଳାଇଛି। ଖେଳର ସଦ୍ୟ ସ୍ଥିତାବସ୍ଥାରୁ କୋଲକାତାର ବିଜୟ ସମ୍ଭାବନା ବେଶ୍ ଅଧିକ ରହିଛି। ଆଜିର ଏହି ମ୍ୟାଚ୍‌ରେ ବର୍ଷା କିଛି ମାତ୍ରାରେ ବାଧକ ସାଜିଥିଲା। ଖେଳ ମଝିରେ ବର୍ଷା ହେବାରୁ ଦର୍ଶକମାନଙ୍କୁ ଖେଳ ପୁର୍ନବାର ଆରମ୍ଭ ହେବାକୁ ପ୍ରାୟ ୧ ଘଣ୍ଟାର ଅପେକ୍ଷା କରିବାକୁ ପଡ଼ିଥିଲା। ତେବେ ବର୍ଷା ଛାଡିଯିବା ପରେ ଅର୍ଥାତ୍ ୧ ଘଣ୍ଟା ବିଳମ୍ବରେ ଖେଳ ପୁନର୍ବାର ଆରମ୍ଭ ହୋଇଥିଲା।

## ଦେଶ ବିଦେଶ

# ଏକକାଳୀନ ୮ହଜାର କର୍ମଚାରୀଙ୍କୁ ବିଦା କଲା ମେଟା

### ପ୍ରଥମେ ୱାର୍କ ଫ୍ରମ୍ ହୋମ୍ ନିର୍ଦ୍ଦେଶ, ପରେ ଛଟେଇ ନୋଟିସ୍




**ୱାଶିଂଟନ୍, ୨୦।୫/ଏଜେନ୍ସି:** ଆମାଜନ, ଆଇବିଏମ ଏବଂ ଇନଫୋସିସ ଭଳି ପ୍ରମୁଖ କମ୍ପାନୀଗୁଡ଼ିକ ପରେ, ମେଟା ମଧ୍ୟ ଏବେ ବଡ଼ ଧରଣର କର୍ମଚାରୀ ଛଟେଇ କରିଛି। ମେଟା ପ୍ରାରମ୍ଭିକ ପର୍ଯ୍ୟାୟାରେ ସିଙ୍ଗାପୁରରୁ ନିଜ କର୍ମଚାରୀମାନଙ୍କୁ ଛଟେଇ କରିବା ଆରମ୍ଭ କରିଛି। କମ୍ପାନୀ ଆଜି ଗୋଟିଏ ଦିନରେ ବିଶ୍ୱସ୍ତରରେ ଏକକାଳୀନ ପ୍ରାୟ ୮,୦୦୦ କର୍ମଚାରୀଙ୍କୁ ଛଟେଇ କରିଛି। ଅବଶ୍ୟ ଏହି ୮ହଜାର କର୍ମଚାରୀ ଏବେ କମ୍ପାନୀର ପରବର୍ତ୍ତୀ ନିର୍ଦ୍ଦେଶନାମା ନଆସିବା ଯାଏ କମ୍ପାନୀ ପାଇଁ କାମ କରିବେ। କମ୍ପାନୀ ଏବେ ଖର୍ଚ୍ଚ ହ୍ରାସ କରିବା ଏବଂ ଏଆଇରେ ଯଥେଷ୍ଟ ନିବେଶକୁ ସହଜ କରିବା ପାଇଁ ଏହି ପଦକ୍ଷେପ ନେଇଥିବା ମେଟା ଦର୍ଶାଇଛି।

ରିପୋର୍ଟ ଅନୁସାରେ ଆଜି ସକାଳ ୪ଟାରେ ସିଙ୍ଗାପୁରର କର୍ମଚାରୀମାନଙ୍କୁ ଇମେଲ୍ ମାଧ୍ୟମରେ କମ୍ପାନୀର ଏହି ଛଟେଇ ନିର୍ଦ୍ଦେଶ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏତଦ୍‌ବ୍ୟତୀତ କର୍ମଚାରୀମାନଙ୍କୁ ୱାର୍କ ଫ୍ରମ୍ ହୋମ୍' କରିବାକୁ ମଧ୍ୟ କୁହାଯାଇଥିଲା। ଏହା ପରେ, ୟୁରୋପ ଏବଂ ଆମେରିକାର କର୍ମଚାରୀମାନଙ୍କୁ ବିଜ୍ଞପ୍ତି ପଠାଇବା ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ମେଟା ଯେଉଁ କର୍ମଚାରୀମାନଙ୍କୁ ବିଦା କରିବାକୁ ଯାଉଛି ସେସବୁ କର୍ମଚାରୀମାନଙ୍କୁ ବର୍ତ୍ତମାନ ଘରୁ କାମ କରିବାକୁ କୁହାଯାଇଛି। ଉଲ୍ଲେଖନୀୟ ଯେ, ମେଟା ଏହି ବର୍ଷ ଏଆଇ ଉପରେ ୧୦୦ ବିଲିୟନ ଡଲାରରୁ ଅଧିକ ଖର୍ଚ୍ଚ କରିବାକୁ ଯୋଜନା କରୁଛି। ଏହା ବ୍ୟତୀତ, କମ୍ପାନୀର ଧ୍ୟାନ ଏବେ "ଏଆଇ-ଫାଷ୍ଟ" ଗଠନକୁ ସ୍ଥାନାନ୍ତରିତ ହୋଇଛି, ଯାହାଫଳରେ ଗୁରୁତ୍ୱପୂର୍ଣ୍ଣ ସଂଗଠନିକ ପରିବର୍ତ୍ତନ ଆବଶ୍ୟକ ହେଉଛି। ଏହା ସହିତ, କମ୍ପାନୀ ଚାରୋଟି ନୂତନ ଏଆଇ-ନେଟିଭ୍ ଦଳ ଗଠନ କରିଛି ଏବଂ ଦ୍ରୁତ ନିଷ୍ପତ୍ତି ଗ୍ରହଣକୁ ସହଜ କରିବା ପାଇଁ ଏହାର ପରିଚାଳନା ସ୍ତରକୁ ମଧ୍ୟ ସୁଗମ କରୁଛି। ଏହି ପରିବର୍ତ୍ତନଗୁଡ଼ିକ ଫଳରେ କମ୍ପାନୀ ପାଇଁ ବାର୍ଷିକ ପ୍ରାୟ ୩ ବିଲିୟନ ଡଲାର ସଞ୍ଚୟ ହେବ ବୋଲି ଆଶା କରାଯାଉଛି। ଅନେକ କର୍ମଚାରୀ ଏବେ ଅନୁଭବ କରୁଛନ୍ତି ଯେ ଯେ ୱାର୍କ ଫ୍ରମ୍ ହୋମ୍ ଆଦେଶ ଯୋଗୁଁ ଛଟେଇ ପ୍ରକ୍ରିୟା ଅତି ଶାନ୍ତିପୂର୍ଣ୍ଣ ଭାବେ ଶେଷ ହେଲା। କୌଣସି ହଙ୍ଗାମା, ଭିଡ଼ କିମ୍ବା ଅଶାନ୍ତି ଦେଖିବାକୁ ମିଳିଲାନାହିଁ। ତେବେ ଏହା କେବଳ ମେଟା ମଧ୍ୟରେ ସୀମିତ ନୁହେଁ, ବରଂ ସମ୍ପୂର୍ଣ୍ଣ ଟେକ୍ କ୍ଷେତ୍ରରେ ଏହି ଧାରା ଦେଖିବାକୁ ମିଳୁଛି। ସିସ୍କୋ ସିଷ୍ଟମ୍ସ ଗତ ସପ୍ତାହରେ ୪,୦୦୦ ଚାକିରି କାଟ୍ କରିଛି। ମାଇକ୍ରୋସଫ୍ଟ, ଆମାଜନ, ଡିଜ୍‌ନି ଏବଂ ଏଏସ୍‌ଏମ୍‌ଏଲ୍ ମଧ୍ୟ ଛଟେଇ କିମ୍ବା ସ୍ୱେଚ୍ଛାକୃତ ଅବସର ଘୋଷଣା କରିଛନ୍ତି। ଏପ୍ରିଲ୍ ମାସରେ ଓରାକଲ୍ ବିଭିନ୍ନ ଅଞ୍ଚଳରେ ଭୋର ସମୟରେ ଇମେଲ୍ ପଠାଇ ପ୍ରାୟ ୨୦,୦୦୦ ରୁ ୩୦,୦୦୦ କର୍ମଚାରୀଙ୍କୁ ଛଟେଇ କରିଥିଲା।

### ନୀତିଗତ ମାମଲାରେ ଆମେ ହସ୍ତକ୍ଷେପ କରିପାରିବୁ ନାହିଁ: ସୁପ୍ରିମକୋର୍ଟ୍

# ଜାତିଗତ ଜନଗଣନା ବିରୋଧୀ ଆବେଦନ ଖାରଜ





**ନୂଆଦିଲ୍ଲୀ, ୨୦।୫/ଏଜେନ୍ସି:** ଜାତିଗତ ଜନଗଣନାକୁ ଚ୍ୟାଲେଞ୍ଜ କରାଯାଇଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ବୁଧବାର ସୁପ୍ରିମକୋର୍ଟ ଏହି ମାମଲାରେ ଶୁଣାଣି କରିଥିବା ବେଳେ ନିଜ ନିଷ୍ପତ୍ତି ରଖି କହିଛନ୍ତି, ଜାତିଗତ ଜନଗଣନା ଏକ ନୀତିଗତ ମାମଲା ଏବଂ ଏଥିରେ ନ୍ୟାୟପାଳିକା ହସ୍ତକ୍ଷେପ କରିପାରିବେ ନାହିଁ। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ଜାତିଗତ ଜନଗଣନା ଜାତିଭିତ୍ତିକ ହେବା ଉଚିତ୍ କି ନାହିଁ ତାହା ସରକାରଙ୍କ ନିଷ୍ପତ୍ତି। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ସରକାରଙ୍କୁ ଓବିସିଙ୍କ ସଂଖ୍ୟା ଜାଣିବା ଉଚିତ୍। ପଛୁଆ ବର୍ଗର ଲୋକଙ୍କ ସଂଖ୍ୟା ସରକାରଙ୍କର ଜାଣିବା ଉଚିତ୍। ଯାହାଦ୍ୱାରା ସେମାନଙ୍କ ପାଇଁ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରାଯାଇପାରିବ। କୋର୍ଟ ଏହି ସରକାରୀ ନୀତିଗତ ନିଷ୍ପତ୍ତିଗୁଡ଼ିକରେ ହସ୍ତକ୍ଷେପ କରିପାରିବେ ନାହିଁ, ଯେପର୍ଯ୍ୟନ୍ତ ଏହା ଆଇନ ବିରୋଧୀ ନ ହୋଇଛି। ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ୍ ବିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ପ୍ରକାଶ, ଆବେଦନକାରୀ ଯୁକ୍ତି ଦେଇଥିଲେ ଯେ, ଜାତିଗତ ତଥ୍ୟର ଅପବ୍ୟବହାର ହୋଇପାରେ। ସରକାରଙ୍କ ପାଖରେ ପୂର୍ବରୁ ପର୍ଯ୍ୟାପ୍ତ ତଥ୍ୟ ଅଛି, ତେଣୁ ନୂତନ ଜାତିଗତ ଜନଗଣନାର ଆବଶ୍ୟକତା ନାହିଁ। ଏହା ଉପରେ ପ୍ରଧାନ ବିଚାରପତି ପ୍ରତିକ୍ରିୟା ଦେଇ ଉପରୋକ୍ତ ବିବୃତ୍ତି ରଖିଥିଲେ।

ଭାରତରେ ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଚଳିତବର୍ଷ ଏପ୍ରିଲ ୧ ରେ ଆରମ୍ଭ ହୋଇଥିଲା। କରୋନା ଯୋଗୁଁ ପାଞ୍ଚ ବର୍ଷ ବିଳମ୍ବ ପରେ, ଦୁଇଟି ପର୍ଯ୍ୟାୟରେ ଡିଜିଟାଲ ଭାବରେ ଜନଗଣନା କରାଯାଉଛି। ଘର ତାଲିକାଭୁକ୍ତକରଣ ଏବଂ ପରିବାର ଗଣନା ଏପ୍ରିଲ ୧୬ ରୁ ମେ' ୧୫ ପର୍ଯ୍ୟନ୍ତ ଚାଲିଥିଲା। ପ୍ରଥମ ପର୍ଯ୍ୟାୟରେ ପରିବାର ଏବଂ ସମ୍ପତ୍ତି ବିଷୟରେ ସୂଚନା ସଂଗ୍ରହ କରାଯାଇଥିଲା, ଯେତେବେଳେକି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତ୍ୟେକ ପରିବାର ସଦସ୍ୟଙ୍କ ବିଷୟରେ ସୂଚନା ସଂଗ୍ରହ କରାଯିବ। ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ରେ ଆରମ୍ଭ ହେବ। ଜନଗଣନାର ପ୍ରଥମ ପର୍ଯ୍ୟାୟ ବର୍ତ୍ତମାନ ଆଠଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଆରମ୍ଭ ହୋଇଛି। ସେଥିମଧ୍ୟରେ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଗୋଆ, କର୍ଣ୍ଣାଟକ, ଲକ୍ଷଦ୍ୱୀପ, ମିଜୋରାମ, ଓଡ଼ିଶା, ସିକିମ ଏବଂ ଦିଲ୍ଲୀର ଏନ୍‌ଡିଏମ୍‌ସି ଏବଂ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ଅଞ୍ଚଳ ରହିଛି।

# ଭାରତ-ଇଟାଲୀ 'ବିଶେଷ ରଣନୀତିକ ସହଭାଗିତା'

**ରୋମ୍, ୨୦।୫/ଏଜେନ୍ସି:** ଭାରତ ଓ ଇଟାଲୀ ମଧ୍ୟରେ ରହିଥିବା କୂଟନୈତିକ ସମ୍ପର୍କ ଆଜି ଏକ ନୂଆ ଶିଖରରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କ ମଧ୍ୟରେ ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକରେ ଉଭୟ ଦେଶ ନିଜର ସମ୍ପର୍କକୁ 'ବିଶେଷ ରଣନୀତିକ ସହଭାଗିତା' ସ୍ତରକୁ ଉନ୍ନୀତ କରିଛନ୍ତି। ଏହି ପଦକ୍ଷେପ ବୈଶ୍ୱିକ ଭୂ-ରାଜନୀତିରେ ଏକ ନୂତନ ସନ୍ତୁଳନ ସୃଷ୍ଟି କରିବାର ସାମର୍ଥ୍ୟ ରଖୁଛି ବୋଲି ମତବ୍ୟକ୍ତ କରାଯାଇଛି। ଆଜିର ଦ୍ୱିପାକ୍ଷିକ ଆଲୋଚନାରେ ମୁଖ୍ୟ ଏଜେଣ୍ଡା ଥିଲା 'ଆକ୍ସନ ପ୍ଲାନ ୨୦୨୫-୨୦୨୯'ର ଉନ୍ମୋଚନ। ଏହି ରୋଡମ୍ୟାପ୍ ଅଧୀନରେ ଉଭୟ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦ ବିଲିୟନ ୟୁରୋରେ ପହଞ୍ଚାଇବା ପାଇଁ ଏକ ବଡ଼ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ଭାରତର ଆର୍ଥିକ ବିକାଶରେ ୪୦୦ରୁ ଅଧିକ ଇଟାଲୀୟ କମ୍ପାନୀ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି, ଯାହା ଆଗକୁ ଆହୁରି ବୃଦ୍ଧି ପାଇବ।




ଏହି ବୈଠକରେ ପ୍ରତିରକ୍ଷା ଓ ଅନ୍ୟାନ୍ୟ ରଣନୀତିକ କ୍ଷେତ୍ରକୁ ସବୁଠାରୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ସୁରକ୍ଷିତ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର, ସାମରିକ ସରଞ୍ଜାମର ମିଳିତ ବିକାଶ ଏବଂ ରଣନୀତିକ ସାମୁଦ୍ରିକ ସୁରକ୍ଷା, ବିଶେଷ କରି ସମୁଦ୍ର ପଥରେ ବାଣିଜ୍ୟିକ ସୁରକ୍ଷା ବଜାୟ ରଖିବାରେ ଉଭୟ ଦେଶ ମିଳିତ ଭାବେ କାମ କରିବେ। ବୈଠକ ପରେ ଏକ ମିଳିତ ପ୍ରେସ ବିବୃତ୍ତିରେ ପ୍ରଧାନମନ୍ତ୍ରୀ ମୋଦୀ ଇଟାଲୀର ଆତିଥେୟତାକୁ ପ୍ରଶଂସା କରି ରୋମ୍ ସହ ବାରାଣସୀର ପ୍ରାଚୀନ ସାଂସ୍କୃତିକ ସାଦୃଶ୍ୟକୁ ତୁଳନା କରିଥିଲେ। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ମେଲୋନୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତକୁ ଐତିହାସିକ ବୋଲି ଅଭିହିତ କରିବା ସହ ତାଙ୍କ ନେତୃତ୍ୱକୁ ଉଚ୍ଚ ପ୍ରଶଂସା କରିଛନ୍ତି। ସମାନ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆଧାରିତ ଏହି ସମ୍ପର୍କ ଆଗାମୀ ଦିନରେ ଦୁଇ ଦେଶକୁ ଏକ ନୂତନ ଶିଖରକୁ ନେଇଯିବ ବୋଲି ସେ ଉଭୟ ନେତା ଆଶା ବ୍ୟକ୍ତ କରିଛନ୍ତି। ଗତ ୨୬ ବର୍ଷ ମଧ୍ୟରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଦ୍ୱିପାକ୍ଷିକ ଇଟାଲୀ ଗସ୍ତ। ସାକ୍ଷାତକାର ସମୟରେ ମେଲୋନୀଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ମେଲୋଡି କ୍ୟାଣ୍ଡି (ଚକୋଲେଟ୍) ଉପହାର ଦେଇଛନ୍ତି। ଯାହାର ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେଉଛି। ଏହାସହ ସୋସିଆଲ ମିଡିଆରେ ମେଲୋଡି ଟଫି ଟ୍ରେଣ୍ଡ୍ ଦେଖାଯାଇଛି। ପ୍ରକାଶ, ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ପାଞ୍ଚ-ରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟ ପାଇଁ ମଙ୍ଗଳବାର ଇଟାଲୀରେ ପହଞ୍ଚିଥିଲେ। ପ୍ରଧାନମନ୍ତ୍ରୀ ମେଲୋନି ସେଠାରେ ତାଙ୍କୁ ସ୍ୱାଗତ କରିଥିଲେ। ଦୁଇ ନେତା ଗୋଟିଏ କାରରେ ରୋମର ରାସ୍ତା ଦେଇ ଯାତ୍ରା କରିଥିଲେ ଏବଂ ପ୍ରାୟ ୨,୦୦୦ ବର୍ଷ ପୁରୁଣା ଐତିହାସିକ କଲୋସିୟମ୍ ପରିଦର୍ଶନ କରିଥିଲେ।

# ବେଙ୍ଗଲ: ୭%କୁ ହ୍ରାସ ପାଇଲା ଓବିସି ସଂରକ୍ଷଣ

### କୋଟା ଅଧୀନରେ ଏବେ କେବଳ ୬୬ ଜାତି

### କାକୋଲୀ ଘୋଷ୍‌ଙ୍କୁ 'ୱାଇ' ସୁରକ୍ଷା ଦେଲା କେନ୍ଦ୍ର




**କୋଲକାତା, ୨୦।୫/ଏଜେନ୍ସି:** ପଶ୍ଚିମବଙ୍ଗ ସରକାର ଓବିସି ସଂରକ୍ଷଣ ବ୍ୟବସ୍ଥାରେ ଆକସ୍ମିକ ପରିବର୍ତ୍ତନ କରିଛନ୍ତି। ରାଜ୍ୟରେ ଓବିସି ସଂରକ୍ଷଣ ୧୭% ଥିବା ବେଳେ ଏବେ ଏହାକୁ ୭%କୁ ହ୍ରାସ କରାଯାଇଛି। ନୂଆ ଲିଷ୍ଟ ମୁତାବକ ଏବେ କେବଳ ରାଜ୍ୟର ୬୬ ଜାତି ହିଁ ଓବିସି ସଂରକ୍ଷଣ ପରିସରଭୁକ୍ତ ରହିବେ। ଧର୍ମ ଆଧାରିତ ବର୍ଗୀକରଣ ବ୍ୟବସ୍ଥାଗୁଡ଼ିକୁ ମଧ୍ୟ ରାଜ୍ୟ ସରକାର ଶେଷ କରିଦେଇଛନ୍ତି। ସରକାରଙ୍କ କହିବାନୁସାରେ ଏହି ନିଷ୍ପତ୍ତି କୋଲକାତା ହାଇକୋର୍ଟଙ୍କ ୨୦୨୪ରେ ଦିଆଯାଇଥିବା ଏକ ଆଦେଶ ଅନ୍ତର୍ଗତ ନିଆଯାଇଛି। କୋର୍ଟ ୨୦୧୦ରୁ ୨୦୧୨ ମଧ୍ୟରେ ଓବିସି ସୁଚୀରେ ୭୭ ଅତିରିକ୍ତ ଜାତିଗୁଡ଼ିକୁ ଯୋଡିବାର ପ୍ରକ୍ରିୟାକୁ ମଧ୍ୟ ଅବୈଧ ତଥା ଅସାମ୍ବାଧାନିକ ବୋଲି ବିବେଚନା କରିଛନ୍ତି, ଯେତେବେଳେ କି ୨୦୧୦ ପୂର୍ବରୁ ଓବିସି କାଟାଗୋରୀରେ ସାମିଲ ଜାତିଗୁଡ଼ିକର ମାନ୍ୟତା ବଜାୟ ରହିବ। ଏହାଦ୍ୱାରା କୋଟା ଅନ୍ତର୍ଗତ ପ୍ରଥମେ ନିଯୁକ୍ତି ପାଇସାରିଥିବା ଲୋକାମାନଙ୍କ ନିଯୁକ୍ତି ଉପରେ ମଧ୍ୟ ପ୍ରଭାବ ପଡ଼ିବ ନାହିଁ। ଅନ୍ୟପକ୍ଷେ କେନ୍ଦ୍ର ସରକାର ମଧ୍ୟ ଟିଏମ୍‌ସି ନେତା କାକୋଲି ଘୋଷ୍ ଦସ୍ତିଦାର୍‌ଙ୍କୁ ମଧ୍ୟ ସିଆଇଏସ୍‌ଏଫ୍‌ର 'ୱାଇ' କାଟାଗୋରୀ ସୁରକ୍ଷା ପ୍ରଦାନ କରିଛି। ଏହି ସୁରକ୍ଷା ୧୯ ମେ'ରୁ ଲାଗୁ କରାଯାଇଛି। ପ୍ରକାଶ, କାକୋଲି ଘୋଷ୍ ଲୋକସଭାରେ ଦଳୀୟ ମୁଖ୍ୟ ହ୍ୱିପ୍ ଥିଲେ। ଏବେ କିନ୍ତୁ ତାଙ୍କ ସ୍ଥାନରେ କଲ୍ୟାଣ ବାନାର୍ଜୀଙ୍କୁ ନୂଆ ଦଳୀୟ ମୁଖ୍ୟ ହ୍ୱିପ୍ କରିଛି ଟିଏମ୍‌ସି।

ମମତା ସରକାର ସମୟରେ ଓବିସି ସଂରକ୍ଷଣକୁ ଦୁଇ ଭାଗରେ (ଓବିସି-ଏ ଏବଂ ଓବିସି-ବି) ବିଭକ୍ତ କରିଥିଲେ। ଯାହାଫଳରେ ଏ' ବର୍ଗର ଓବିସିଙ୍କୁ ୧୦%ର ସଂରକ୍ଷଣ ମିଳୁଥିବା ବେଳେ ବି' ବର୍ଗର ହିତାଧିକାରୀଙ୍କୁ ୭%ର ସଂରକ୍ଷଣ ସୁବିଧା ମିଳୁଥିଲା। ଏହି ସମୟ ମଧ୍ୟରେ ଅନେକ ନୂଆ ଜାତିକୁ ମଧ୍ୟ ଏଥିରେ ଯୋଡ଼ା ଯାଇଥିଲା। ତେବେ ଏହା ବିରୋଧରେ ୨୦୨୪ ମସିହାରେ କୋଲକାତା ହାଇକୋର୍ଟ ରାୟ ଦେଇଥିଲେ। କୋର୍ଟଙ୍କ ଏହି ନିଷ୍ପତ୍ତି ଯୋଗୁଁ ୨୦୧୦ ପରଠାରୁ ଜାରି କରାଯାଇଥିବା ପ୍ରାୟ ୧୨ ଲକ୍ଷ ଓବିସି ପ୍ରମାଣପତ୍ର ରଦ୍ଦ ହୋଇଯାଇଥିଲା। କିନ୍ତୁ ଏବେ ନୂଆ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ସରକାର ଶେଷ କରିଦେଇଛନ୍ତି। ଅନ୍ୟପକ୍ଷେ ନୂତନ ତାଲିକାରେ କପାଳୀ, କୁର୍ମୀ, ସୁଧ୍ରାଧାର, କର୍ମକାର, ସୁତ୍ରଧାର, ସ୍ୱର୍ଣ୍ଣକାର, ନାଇ (ଭଣ୍ଡାରୀ), ତନ୍ତୀ, ଧନୁକ, କସାଇ, ଖଣ୍ଡାୟତ, ତୁରହା, ଦେବାଙ୍ଗ ଏବଂ ଗୋଆଲା ଭଳି ଜାତି ସମେତ ପାହାଡ଼ିଆ, ହଜାମ ଏବଂ ଚୌଧୁଲୀ ଭଳି ତିନୋଟି ମୁସଲିମ୍ ସମୁଦାୟ ମଧ୍ୟ ସାମିଲ ଅଛନ୍ତି। ଫଳରେ ଏବେ ଏମାନଙ୍କୁ ସଂରକ୍ଷଣ ଲାଭ ମିଳିବ।

ରାଜ୍ୟ ମନ୍ତ୍ରୀ ଅଗ୍ନିମିତ୍ରା ପଲ୍ କ୍ୟାବିନେଟ୍ ବୈଠକ ପରେ କହିଛନ୍ତି ଯେ ସରକାର ଓବିସି ଗଠନର ଏକ ନୂତନ ସମୀକ୍ଷା କରିବେ। ଏଥିପାଇଁ ଏକ ତଦନ୍ତ ସମିତି ଗଠନ କରାଯିବ। ହାଇକୋର୍ଟ ଯେଉଁ ସମୁଦାୟଗୁଡ଼ିକର ପରିଚୟ ସ୍ପଷ୍ଟ କରିଛନ୍ତି, ସେମାନଙ୍କ ଉପରେ ପ୍ରଥମେ ବିଚାର କରାଯିବ। ସମୀକ୍ଷା ପରେ ଆବଶ୍ୟକ ପଡ଼ିଲେ କିଛି ସମୁଦାୟକୁ ଆଇନଗତ ପ୍ରକ୍ରିୟା ମାଧ୍ୟମରେ ପୁଣି ଥରେ ତାଲିକାରେ ସାମିଲ କରାଯାଇପାରେ।

# ଅଭିଷେକ ବାନାର୍ଜୀଙ୍କର କେବଳ କୋଲକାତାରେ ୪୩ ପ୍ଲଟ୍



**କୋଲକାତା, ୨୦।୫/ଏଜେନ୍ସି:** ପଶ୍ଚିମବଙ୍ଗରେ ବିଜେପି ଶାସନ କ୍ଷମତା ହାତେଇବା ପରେ ବିରୋଧୀ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପଛରେ ପଡିଯାଇଛି। ରିପୋର୍ଟ ଅନୁସାରେ ଟିଏମ୍‌ସି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ଟିଏମ୍‌ସି ସାଂସଦ ଅଭିଷେକ ବାନାର୍ଜୀଙ୍କ ସହ ଜଡିତ ୪୩ଟି ସମ୍ପତ୍ତି (ମୁଖ୍ୟତଃ ପ୍ଲଟ୍ ବା ଜମି)ର ତାଲିକା ପ୍ରକାଶ କରିଛି ପ୍ରଦେଶ ବିଜେପି। ଏହିସବୁ ସମ୍ପତ୍ତି ବାନାର୍ଜୀଙ୍କ ସହଯୋଗୀ ଓ ପରିବାର ସଦସ୍ୟଙ୍କ ସହ ମିଳିତ ମାଲିକାନା ଥିବା ବିଜେପି ଦର୍ଶାଇଛି। ସୂତ୍ର ଅନୁସାରେ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ସରକାର ଏହି ତାଲିକାକୁ ନେଇ ବିସ୍ତୃତ ତଦନ୍ତ କରିବ। ଟିଏମ୍‌ସି-ନିୟନ୍ତ୍ରିତ କୋଲକାତା ମ୍ୟୁନିସିପାଲ କର୍ପୋରେସନ (କେଏମ୍‌ସି) ଅଭିଷେକଙ୍କ ସହ ଜଡିତ ୧୭ଟି ସମ୍ପତ୍ତିକୁ ନୋଟିସ୍ ଜାରି କରିବା ପରେ ଏହି ଘଟଣା ଘଟିଛି। ତେବେ ତୃଣମୂଳ କଂଗ୍ରେସ ଏହି ତାଲିକାକୁ ମିଥ୍ୟା ଓ ବିଶ୍ୱାସଯୋଗ୍ୟ ନୁହେଁ ବୋଲି କହି ଖାରଜ କରିଦେଇଛି। ଏସବୁ ମଧ୍ୟରେ ଟିଏମ୍‌ସି ସାଂସଦ ତଥା ଯୁବ ଶାଖା ମୁଖ୍ୟ ସାୟୋନି ଘୋଷଙ୍କ ସହିତ ବାନାର୍ଜୀଙ୍କର ମିଳିତ ମାଲିକାନାରେ ଥିବା ସମ୍ପତ୍ତିକୁ ନେଇ ମଧ୍ୟ ବଡ଼ ବିବାଦ ସୃଷ୍ଟି ହୋଇଛି। ତେବେ ଯାଦବପୁର ସାଂସଦ ସାୟୋନି ଘୋଷ୍ ଏହି ସମ୍ପତ୍ତି ସହିତ ତାଙ୍କର କୌଣସି ପ୍ରକାର ସମ୍ପର୍କକୁ ଅସ୍ୱୀକାର କରିଛନ୍ତି। ଅଭିଯୋଗଗୁଡ଼ିକୁ ଭିତ୍ତିହୀନ କହିବା ସହିତ ନିର୍ବାଚନ ସତ୍ୟପାଠରେ ତାଙ୍କ ସମ୍ପତ୍ତି ତାଲିକା ରହିଥିବା କହିଛନ୍ତି।

# ଗଠନ ହେଲା କକରୋଚ୍ ଜନତା ପାର୍ଟି

**ନୂଆଦିଲ୍ଲୀ, ୨୦।୫/ଏଜେନ୍ସି:** ନିକଟରେ ଦେଶର ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଦେଶର ବେରୋଜଗାରଙ୍କୁ କକରୋଚ୍ ବା ଅସରପା' ବୋଲି ଅଭିହିତ କରିଥିଲେ। ତେବେ ତାଙ୍କ ବୟାନକୁ ଭୁଲ୍ ଭାବେ ଉପସ୍ଥାପନ କରାଯାଇଛି ବୋଲି ସେ ସ୍ପଷ୍ଟ କରିଥିଲେ ମଧ୍ୟ ତାଙ୍କୁ ସମାଜର ଏକ ନିର୍ଦ୍ଦିଷ୍ଟ ବର୍ଗ ବିରୋଧ କରିବାରେ ଲାଗିଛନ୍ତି। ଏହାରି ମଧ୍ୟରେ 'କକରୋଚ୍ ଜନତା ପାର୍ଟି' ନାମରେ ଏକ ସଂଗଠନ ମଧ୍ୟ ଗଠିତ ହୋଇଯାଇଛି। ଏହାକୁ ଅଭିଜିତ ଦୀପକେ ନାମକ ଜଣେ ଯୁବକ ଗଠନ କରିଥିବା ବେଳେ ଏହାର ସ୍ଲୋଗାନ ସେ 'ସେକୁଲାର, ସୋସିଆଲିଷ୍ଟ, ଡେମୋକ୍ରାଟିକ, ଲେଜି' ରଖିଛନ୍ତି। ଦଳ ଗଠନ ହେବାର ମାତ୍ର ୫ଦିନ ମଧ୍ୟରେ ଇନଷ୍ଟାଗ୍ରାମରେ ଏହାର ୬୦ ଲକ୍ଷ ଫଲୋଅର୍ସ ହୋଇସାରିଲେଣି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra